ଆଜି - ସୋମବାର
ତାରିଖ - ୦୨ ମାର୍ଚ୍ଚ ୨୦୨୬
ମାସ - କୁମ୍ଭ, ଦିନ - ୧୮
ତିଥି - ଚତୁର୍ଦ୍ଦଶୀ, ପକ୍ଷ - ଶୁକ୍ଳ
ନକ୍ଷତ୍ର - ଅଶ୍ଳେଷା, କର୍କଟ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୧୦ : ୦୦
ସୂର୍ଯ୍ୟାସ୍ତ - ୫ : ୪୯ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପ୍ରେମ ହେଉଛି ଏକମାତ୍ର ବାସ୍ତବତା ଏବଂ ଏହା କେବଳ ଭାବପ୍ରବଣତା ନୁହେଁ । ପ୍ରତ୍ୟେକ ସୃଷ୍ଟିର ମୂଳରେ ଏଇ ନିରାଟ ସତ୍ୟଟି ହିଁ ନିହିତ ଥାଏ ।"
- ରବୀନ୍ଦ୍ରନାଥ ଠାକୁର


E-mail: ajikalibls@gmail.com
E-News : www.theajikali.com

Vol.- 40 ISSUE- 319 R.N.I. REGD. No. 44026/86 ବାଲେଶ୍ୱର ୦୨ ମାର୍ଚ୍ଚ ୨୦୨୬ ସୋମବାର BALASORE 02 MARCH 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଇରାନ-ଆମେରିକା ଇସ୍ରାଏଲ ଯୁଦ୍ଧକୁ ଦୃଷ୍ଟିରେ ରଖି ସିସିଏସ୍ ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଇରାନ-ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ରାତିରେ କ୍ୟାବିନେଟ୍ ବୈଠକ ଡାକିଛନ୍ତି । ବୈଠକରେ କମିଟି ଅନ୍ ସିକ୍ୟୁରିଟିର(ସିସିଏସ୍) ବୈଠକର ଅଧ୍ୟକ୍ଷତା କରିବେ । ଏହି ସମୟରେ ପିଏମ୍ ମୋଦି ଇରାନ ଓ ମଧ୍ୟ ପ୍ରାଚ୍ୟର ସ୍ଥିତି ଉପରେ ଚର୍ଚ୍ଚା କରିବେ । ଭାରତ ସରକାରଙ୍କ ସୂତ୍ର ଅନୁସାରେ, ଦୁଇ ଦିବସୀୟ ଗସ୍ତ ପରେ ମୋଦି ଆଜି ରାତି ପ୍ରାୟ ୯ଟା ୩୦ ମିନିଟ୍‌ରେ ଦିଲ୍ଲୀରେ ପହଁଚିବାର ଆଶା କରାଯାଉଛି । ପିଏମ୍ ମୋଦି ତାମିଲନାଡୁ ଯାତ୍ରାରେ ଥିଲେ । ସେଠାରୁ ଫେରିବା ପରେ ଆଜି ରାତିରେ ଦିଲ୍ଲୀରେ ପହଁଚିବେ, ଏହାପରେ ସିସିଏସର ବୈଠକ ହେବ । ଏହି ଯୁଦ୍ଧ ଇରାନରେ ରହୁଥିବା ଭାରତୀୟମାନଙ୍କୁ ମଧ୍ୟ ପ୍ରଭାବିତ କରିଛି । ଅନେକ ଭାରତୀୟ ଇରାନରେ ଫସି ରହିଛନ୍ତି । ଏହା ସହ ଦୁବାଇ, ୟୁଏଇ, ବାହାରିନ ଏବଂ କାତାର ଭଳି ଦେଶରେ ମଧ୍ୟ ଫସି ରହିଛନ୍ତି । ଏହି ସଂଘର୍ଷ ଯୋଗୁଁ ଦୁବାଇରେ ଫସି ରହିଥିବା ଷ୍ଟାର ବ୍ୟାଡମିଂଟନ ଖେଳାଳି ପିଭି ସିନ୍ଧୁ ଭୟଙ୍କର ପରିସ୍ଥିତିର କାହାଣୀ ସେୟାର କରିଛନ୍ତି, ଯଦିଓ ସେ ସୁସ୍ଥ ଏବଂ ସୁରକ୍ଷିତ ଅଛନ୍ତି । ଭାରତର ବୈଦେଶିକ ମନ୍ତ୍ରଣାଳୟ ପରିସ୍ଥିତି ଉପରେ କଡ଼ା ନଜର ରଖିଛି । ଭାରତର ସବୁଠାରୁ ବଡ଼ ଚିନ୍ତା ହେଉଛି ସେଠାରେ ଫଶି ରହିଥିବା ନିଜର ନାଗରିକ । ଉପସାଗରୀୟ ରାଷ୍ଟ୍ର ଗୁଡିକରେ ଫଶି ରହିଛନ୍ତି ୮୦ ରୁ ୯୦ ଲକ୍ଷ ଭାରତୀୟ । ଯଦି ଇରାନ ଓ ଆମେରିକା-ଇସ୍ରାଏଲ ଯୁଦ୍ଧ ଆହୁରି ବଢେ ତେବେ ଲକ୍ଷାଧିକ ଭାରତୀୟଙ୍କ ଜୀବନ ଚାଲିଯିବ । ପରିସ୍ଥିତି ଆହୁରି ଖରାପ ହେଲେ ଭାରତୀୟଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ମାଷ୍ଟର ପ୍ଲାନ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ସହିତ ପରାମର୍ଶ କରି ବୈଠକରେ ଆଲୋଚନା କରାଯିବ । ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ)ହେଉଛି ସରକାରଙ୍କ ସର୍ବୋଚ୍ଚ ଏବଂ ସବୁଠାରୁ ଶକ୍ତିଶାଳୀ କମିଟି, ଯାହା ଜାତୀୟ ସୁରକ୍ଷା, ପ୍ରତିରକ୍ଷା, କୂଟନୀତି ଏବଂ ବୈଦେଶିକ ବ୍ୟାପାର ସହିତ ଜଡିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ନିଷ୍ପତି ନେଇଥାଏ । ଏହି କମିଟିର ଅଧ୍ୟକ୍ଷତା ନିଜେ ପ୍ରଧାନମନ୍ତ୍ରୀ କରନ୍ତି । ଏଥିରେ ପ୍ରତିରକ୍ଷା ମନ୍ତ୍ରୀ, ଗୃହମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ମଧ୍ୟ ଉପସ୍ଥିତ ରହିଥାନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଏବଂ ତିନି ସଶସ୍ତ୍ର ବାହିନୀର ମୁଖ୍ୟମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରନ୍ତି । ଉଲ୍ଲେଖନୀୟ ଯେ, ଆମେରିକା ଓ ଇସ୍ରାଏଲର ଇରାନ ଉପରେ ଯୋରଦାର ହମଲା ପରେ ପୁରା ମିଡିଲ ଇଷ୍ଟରେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି । ଇସ୍ରାଏଲ ଓ ଆମେରିକାର ଆକ୍ରମଣକୁ ସହିବାକୁ ଇରାନ ପାଇଁ କଷ୍ଟକର ହେଉଛି । ସେଭଳି ସବୁ ପ୍ରକାର ଦାବି ପରେ ଇରାନ ଷ୍ଟେଟ୍ ମିଡିଆ ନିଜ ସୁପ୍ରିମୋଙ୍କ ମୃତ୍ୟୁ ନେଇ ଘୋଷଣା କରିଛି । ଆମେରିକା ଦ୍ୱାରା ସଂଗଠିତ ଏହି ଭୟଙ୍କର ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନିଙ୍କ ସମେତ ପ୍ରାୟ ଆଠ ଜଣ ପ୍ରମୁଖ ଇରାନୀ ନେତାଙ୍କ ଜୀବନ ଯାଇଛି ।

## ସମୃଦ୍ଧ ଓଡ଼ିଶା ଗଠନରେ ମାର୍ଗଦର୍ଶନ ପାଇଁ ବିଚାରବିମର୍ଷ ଆବଶ୍ୟକ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନ୍‌ଭେନସନ ସେଂଟର ଠାରେ ଆୟୋଜିତ "ବିକାଶ ମନ୍ଥନ ୧.୦ : ଗଭର୍ଣ୍ଣାନ୍‌ସ ଇନ୍ ଆକ୍ସନ୍" କାର୍ଯ୍ୟକ୍ରମର ଉଦ୍‌ଯାପନୀରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଦୃଢ଼ ନେତୃତ୍ୱ, ସ୍ୱଷ୍ଟ ନୀତି ଓ ସାମୂହିକ ସଙ୍କଳ୍ପ ଦ୍ୱାରା ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଦୟ ହୋଇପାରିଛି । ଏଭଳି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିବାରୁ ଏହାର ସହଆୟୋଜକ Odisha Centre for Integrated Development ର ଉଚ୍ଚ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ । ସେ କହିଥିଲେ ଯେ, ସମୃଦ୍ଧ ଓଡ଼ିଶା ଗଠନରେ ସ୍ୱଷ୍ଟ ମାର୍ଗଦର୍ଶନ ପାଇଁ ଏଭଳି ବିଚାରବିମର୍ଷ ଅତ୍ୟନ୍ତ ଜରୁରୀ । ଚଳିତ ବର୍ଷ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି, ଯାହା ଜାତୀୟ ହାରଠାରୁ ଅଧିକ । ଗତ ୨୦ ମାସରେ ରାଜ୍ୟକୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆକର୍ଷଣ କରାଯାଇଛି । ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଭିତିପ୍ରସ୍ତର ସହ ଉଦ୍‌ଘାଟନ ହୋଇଥିବା ବେଳେ ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି । ସେ କହିଥିଲେ ଯେ Ease of Doing Business କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି । ଇଲେକ୍ଟ୍ରୋନିକ୍ସ, କୃତ୍ରିମ ବୁଦ୍ଧିମତା, Global Capability Centers ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ନୂତନ ନୀତି ପ୍ରସ୍ତୁତ କରାଯାଇଛି । ଓଡ଼ିଶାକୁ ଏକ ଡିଜିଟାଲ ଓ ଶିଳ୍ପ ଶକ୍ତିକେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ । ସେ କହିଥିଲେ ଯେ, ରାଜ୍ୟର ବଜେଟ ପ୍ରଥମଥର ପାଇଁ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାକୁ ଯାଉଛି । ଭିତିଭୂମି ଉନ୍ନତି ପାଇଁ ଚଳିତ ବଜେଟରେ ୭୨ ହଜାର ୧୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା GSDP ର ୬.୫ ପ୍ରତିଶତ । ବଡ଼ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ଋଣ ହାର ସବୁଠାରୁ କମ୍ ରହିଥିବା ବେଳେ ଏହା ୧୩.୬ ପ୍ରତିଶତ ରହିଛି, ଯାହା ଋଜଇଗ ସୀମାଠାରୁ ଯଥେଷ୍ଟ କମ୍ । ସେ ଆହୁରି କହିଥିଲେ ଯେ 'ସୁଭଦ୍ରା' ଯୋଜନାରେ ଏକ କୋଟିରୁ ଅଧିକ ମହିଳା ଆର୍ଥିକ ସ୍ୱାଧୀନତା ହାସଲ କରିଥିବା ବେଳେ ପ୍ରାୟ ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି । ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଫଳରେ ଚାଷୀମାନଙ୍କର ଭରସା ବଢ଼ିଛି । ୨୦୨୪–୨୫ ମସିହାରେ ରେକର୍ଡ ୯୨.୬୩ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଥିବା ବେଳେ ୨୮,୭୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଶିକ୍ଷା କ୍ଷେତ୍ରରେ ୪୫ ହଜାର ଶିଶୁବାଟିକା ଖୋଲାଯାଇଥିବା ବେଳେ ୨୦ ହଜାରରୁ ଅଧିକ ଶିକ୍ଷକ ପଦବୀ ପୂରଣ କରାଯାଇଛି । ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ବ୍ୟୟରେ ୨୨୦୦ଟି ବିଦ୍ୟାଳୟ ସ୍ଥାପନ କରାଯାଉଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୦୨୬–୨୭ ବର୍ଷ ପାଇଁ ୨୩ ହଜାର ୧୮୨ କୋଟି ଟଙ୍କାର ପ୍ରସ୍ତାବ ରହିଛି । ଆୟୁଷ୍ମାନ ଭାରତ–ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୧.୦୩ କୋଟି ପରିବାରର ୩.୪୭ କୋଟି ଲୋକ ଉପକୃତ ହେଉଛନ୍ତି । ସେ ଉଲ୍ଲେଖ କରିଥିଲେ ଯେ ରାଜ୍ୟର ସମସ୍ତ ଗ୍ରାମକୁ ୨୦୨୭ ମାର୍ଚ୍ଚ ସୁଦ୍ଧା ପାଇପ ପାଣି ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଇକୋନୋମିକ ରିଜିଅନର ଅର୍ଥନୀତିକୁ ୨୦୪୭ ସୁଦ୍ଧା ୫୦୦ ବିଲିଅନ ଡଲାର କରିବା ପାଇଁ ଲକ୍ଷ୍ୟ ରହିଛି । ସାଂସ୍କୃତିକ କ୍ଷେତ୍ରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ କର୍ପସ ପାଣ୍ଠି ଗଠନ, ଐତିହ୍ୟ ଗ୍ରାମ ସୁରକ୍ଷା ଓ ବାଲିଯାତ୍ରାକୁ ବିଶ୍ୱସ୍ତରରେ ପ୍ରଚାର କରାଯାଉଛି । ୪୮ ବର୍ଷ ପରେ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି କରାଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ । ଏହି ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀରେ ୫୦୦ରୁ ଅଧିକ ନୀତି ନିର୍ଦ୍ଧାରକ, ଅଧିକାରୀ ଓ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ ।

## ଅଳ୍ପରେ ଖବର

▸▸ ଜିଜିପି କଲୋନୀରେ ୟୁଟ୍ୟୁବର ରାହୁଲ ମହାରଣା ହତ୍ୟା ଘଟଣା । ୨୪ ଘଂଟା ମଧ୍ୟ ୩ ଅଭିଯୁକ୍ତଙ୍କୁ ଧରିଲା ପୁଲିସ । ସିସିଟିଭି ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରିଛି ମଂଚେଶ୍ୱର ଥାନା ପୁଲିସ ଓ ସ୍ପେଶାଲ ସ୍କ୍ୱାର୍ଡ ।

▸▸ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଗସ୍ତକୁ ନେଇ ପୋଲିସର ବଡ଼ ବୈଠକ । ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ପୋଲିସ ସେବା ଭବନରେ ବୈଠକ ବସିଛି । ବୈଠକରେ ପୋଲିସ କମିଶନରଙ୍କ ସହ ଭୁବନେଶ୍ୱର ଡିସିପି ଓ ବରିଷ୍ଠ ଅଧିକାରୀ ସାମିଲ ହୋଇଛି ।

▸▸ ମଧ୍ୟପ୍ରଦେଶର କୁନୋ ନ୍ୟାସନାଲ ପାର୍କକୁ ଶନିବାର ଆଉ ୯ଟି ଚିତା ଅଣାଯାଇଛି । ଦକ୍ଷିଣ ଆଫ୍ରିକୀୟ ଦେଶ ବୋତ୍ସ୍ୱାନାରୁ ୬ଟି ମାଈ ଏବଂ ୩ଟି ଅଣ୍ଡିରା ଚିତାକୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ପ୍ରଥମେ ଗ୍ୱାଲିଅର ଅଣାଯାଇଥିଲା ।

▸▸ ନୂଆଦିଲ୍ଲୀରେ ଥିବା ଇରାନ ଏମ୍ବାସିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରିଛି ଦିଲ୍ଲୀ ପୁଲିସ । ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲ ଅଲ୍ଲୀ ଖୋମନେଇଙ୍କ ମୃତ୍ୟୁ ପରେ ୪୦ ଦିନିଆ ଶୋକ ପ୍ରସ୍ତାବ ପାଳନ କରୁଛନ୍ତି ଇରାନ ।

## ସେମିକଣ୍ଡକ୍ଟର ସମ୍ମିଳନୀ ୨୦୨୬ରେ ଗଣମାଧ୍ୟମକୁ ସମ୍ବୋଧିତ କଲେ ଅଶ୍ୱିନୀ ବୈଷ୍ଣବ




ଗାନ୍ଧିନଗର : ମାନନୀୟ ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଫେବୃଆରୀ ୨୮ ଏବଂ ମାର୍ଚ୍ଚ ୦୧, ୨୦୨୬ ରେ ଗୁଜୁରାଟ ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ, ସେ ଗାନ୍ଧୀନଗରରେ ଅନୁଷ୍ଠିତ ଗୁଜୁରାଟ ସେମିକଣ୍ଡକ୍ଟର ସମ୍ମିଳନୀ ୨୦୨୬ ରେ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ । ତାଙ୍କ ଅଭିଭାଷଣରେ, ମନ୍ତ୍ରୀ କହିଥିଲେ ଯେ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ପ୍ରଥମ ସେମିକଣ୍ଡକ୍ଟର ପ୍ଲାଂଟ ଉଦଘାଟନ କରି ଭାରତର ଶିଳ୍ପ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡିଛନ୍ତି । ଭାରତରେ ଏକ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା କରିବାର ଦୃଷ୍ଟିକୋଣ ଏବେ ବାସ୍ତବତାରେ ପରିଣତ ହେଉଛି । ସେ ସୂଚନା ଦେଇଥିଲେ ଯେ ଅନୁମୋଦିତ ୧୦ ଟି ସେମିକଣ୍ଡକ୍ଟର ପ୍ଲାଂଟ ମଧ୍ୟରୁ ୪ ଟି ୨୦୨୬ ରେ ଉଦଘାଟନ ଏବଂ ଉତ୍ପାଦନ ପାଇଁ ସ୍ଥିର ହୋଇଛି । ଗୋଟିଏ ପ୍ଲାଂଟ ପୂର୍ବରୁ ଆରମ୍ଭ ହୋଇସାରିଛି, ଯେତେବେଳେ ଅନ୍ୟ ତିନୋଟି ଏହି ବର୍ଷ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବ ବୋଲି ଆଶା କରାଯାଉଛି । ବାକି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଚାଲିଛି । ଟାଟା ଫେବ୍ରିକେସନ୍ ପ୍ଲାଂଟ (ଟାଟା ଫ୍ୟାବ୍) ସମେତ ଧୋଲେରାରେ ବିକଶିତ ହେଉଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଦେଶ ପାଇଁ ଏକ ମାଇଲଖୁଂଟ ପ୍ରମାଣିତ ହେବ । ଏହି ଦିଗରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ନେତୃତ୍ୱରେ କରାଯାଇଥିବା ପ୍ରୟାସ ପାଇଁ ବିଶେଷ ପ୍ରଶଂସା କରାଯାଇଥିଲା । ମନ୍ତ୍ରୀ କହିଥିଲେ ଯେ ଭାରତୀୟ ରେଳବାଇ ଚଳିତ ବର୍ଷ ରେଳବାଇ କ୍ଷେତ୍ର ପାଇଁ ଗୁଜରାଟକୁ ୧୭,୩୬୬ କୋଟିର ରେକର୍ଡ ବଜେଟ୍ ଆବଂଟନ କରିଛି । ଉଲ୍ଲେଖଯୋଗ୍ୟ, ୨୦୦୯-୧୪ ମଧ୍ୟରେ, ରାଜ୍ୟକୁ ବାର୍ଷିକ ହାରାହାରି ମାତ୍ର ୫୮୯ କୋଟି ଆବଂଟନ ମିଳିଥିଲା । ବର୍ତମାନ, ରାଜ୍ୟରେ ?୧,୨୮,୭୪୮ କୋଟି ଟଙ୍କାର ରେଳ ପ୍ରକଳ୍ପ ପ୍ରଗତିରେ ଅଛି । ୮୭ଟି ରେଳ ଷ୍ଟେସନରେ ପୁନଃବିକାଶ କାର୍ଯ୍ୟ ଚାଲିଛି, ଯାହା ମଧ୍ୟରୁ ୨୦ଟି ଷ୍ଟେସନ ସମ୍ପୂର୍ଣ୍ଣ ହୋଇସାରିଛି । ଅହମ୍ମଦାବାଦ, ସୁରଟ, ଉଧନା ଏବଂ ସୋମନାଥ ସମେତ ଅନେକ ପ୍ରମୁଖ ଷ୍ଟେସନରେ ଦ୍ରୁତ ବିକାଶ କାର୍ଯ୍ୟ ଚାଲିଛି । ମୁମ୍ବାଇ-ଅହମ୍ମଦାବାଦ ହାଇ-ସ୍ପିଡ୍ ରେଳ (ବୁଲେଟ୍ ଟ୍ରେନ୍) ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହେଉଛି ।

## ଇ-କେୱାଇସି ସଂଯୋଗ ଅବଧି ଶେଷ, ରହିଗଲେ ୧୦ ଲକ୍ଷ ହିତାଧିକାରୀ



କଟକ : ରାସନ୍ କାର୍ଡ ସହ ଇ-କେୱାଇସି ସଂଯୋଗ ଅବଧି ଆଜି ଅର୍ଥାତ ଫେବ୍ରୁଆରୀ ୨୮ ତାରିଖ ଶେଷ ଦିନ ଥିଲା । ଏହି ଅବଧି ବୃଦ୍ଧି ନହେବା ଫଳରେ ଇ-କେୱାଇସି ସଂଯୋଗରୁ ଆହୁରି ୧୦ ଲକ୍ଷ ୬୫ ହଜାର ୩୨୩ ଜଣ ହିତାଧିକାରୀ ବାଦ୍ ପଡ଼ିଯାଇଛନ୍ତି । ରାଜ୍ୟ ସରକାର ଅବଧି ବୃଦ୍ଧି ନ କଲେ ଏହି ହିତାଧିକାରୀଙ୍କ ଭାଗ୍ୟ କ'ଣ ହେବ ତାହାକୁ ନେଇ ବଡ଼ ପ୍ରଶ୍ନ ଉଠିଛି । ପ୍ରାୟ ଦେଢ଼ ବର୍ଷ ତଳେ ରାଜ୍ୟ ସରକାର ପ୍ରତ୍ୟେକ ରାସନ୍ କାର୍ଡ ସହ ଇ-କେୱାଇସି ସଂଯୋଗ ପାଇଁ ନିଷ୍ପତି ନେଇଥିଲେ । ରାଜ୍ୟରେ ଥିବା ପ୍ରାୟ ୩ କୋଟି ୨୮ ଲକ୍ଷ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ସଂଯୋଗ ବାଧ୍ୟତାମୂଳକ କରାଯାଇଥିଲା । ପ୍ରଥମେ ଅଳ୍ପ କିଛି ମାସ ସମୟ ଦିଆଯାଇଥିଲା । କିନ୍ତୁ ଏହି ସମୟ ମଧ୍ୟରେ ୨୦ରୁ ୩୦% ଇ-କେୱାଇସି ମଧ୍ୟ ସଂଯୋଗ ସମ୍ଭବ ହେଲାନି । ଫଳରେ ସରକାରଙ୍କୁ ବାରମ୍ବାର ସମୟ ଗଡ଼ାଇବାକୁ ପଡ଼ିଲା । ଏବେ ଇ-କେୱାଇସି ସଂଯୋଗ ଆରମ୍ଭର ଦେଢ଼ବର୍ଷ ପରେ ମଧ୍ୟ ଏହି କାର୍ଯ୍ୟ ଶେଷ ହୋଇପାରି ନାହିଁ । ଏବେ ବି ପ୍ରତିଦିନ ରାଜ୍ୟରେ ପ୍ରାୟ ୫ ହଜାର ହିତାଧିକାରୀଙ୍କ ଇ-କେୱାଇସି ସଂଯୋଗ କରାଯାଉଛି । ରାଜ୍ୟ ସରକାର ପ୍ରାୟ ଦୁଇମାସ ତଳେ ଇ-କେୱାଇସି ଅବଧି ଶେଷ ହୋଇଯିବା ପରେ ଚଳିତ ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ଏବେ ଏହି ଇ-କେୱାଇସି ସଂଯୋଗରୁ ବାଦ୍ ପଡ଼ିଯାଉଥିବା ହିତାଧିକାରୀଙ୍କ ସମସ୍ୟା ସଂକ୍ରାନ୍ତରେ ଓଡ଼ିଶା ଫେୟାର ପ୍ରାଇସ୍ ସପ୍ ଡିଲର୍ସ ଆସୋସିଏସନ୍ ?ର ସାଧାରଣ ସମ୍ପାଦକ ଏକ୍ରାମ ହୁସେନ୍ କହିଛନ୍ତି ଯେ, କ'ଣ ପାଇଁ ଏତେ ସଂଖ୍ୟକ ହିତାଧିକାରୀ ଇ-କେୱାଇସି ସଂଯୋଗ କରିପାରିଲେ ନାହିଁ ସେ ନେଇ ରାଜ୍ୟ ସରକାର ଚିନ୍ତା କରିବା ଆବଶ୍ୟକ । ଅନେକ ଜିଲ୍ଲାରେ ଇଂଟରନେଟ୍ ସମସ୍ୟା ଯୋଗୁଁ ହିତାଧିକାରୀଙ୍କ ଇ-କେୱାଇସି ସଂଯୋଗ ହୋଇପାରୁ ନାହିଁ । ଦ୍ୱିତୀୟରେ ଆଧାର କାର୍ଡ ଅପଡ୍ଟେଟ୍ ଆଉ ଏକ ବଡ଼ ସମସ୍ୟା । ତେଣୁ ଏହି ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ବିକଳ୍ପ ବ୍ୟବସ୍ଥା କରିବା ଆବଶ୍ୟକ । ଇ-କେୱାଇସି ସଂଯୋଗ ଚାଲୁଥିଲା ବେଳେ ପିଓଏସ୍ ମେସିନ୍‌ରେ ଅନେକ ହିତାଧିକାରୀଙ୍କ ଟିପ ଚିହ୍ନ ନେଉନଥିବା ଅଭିଯୋଗ ହେଉଛି । ଏପରିକି ଆଖି ଡୋଳା ମେଳ ଖାଉନାହିଁ । ବୟସାଧିକ କାରଣ, ଶଯ୍ୟାଶାୟୀ ବୃଦ୍ଧ/ବୃଦ୍ଧା, ଦିବ୍ୟାଙ୍ଗ ତଥା ଅସୁସ୍ଥତା ଏବଂ ୧୦ ବର୍ଷରୁ କମ୍ ପିଲାଙ୍କର ଇ-ୱାଇସି ସଂଯୋଗ ହୋଇପାରୁ ନାହିଁ ।

## ମାର୍ଚ୍ଚରୁ ମେ' ମାସ ଭିତରେ ୧୫ ଦିନ ହିଟ୍‌ୱେଭ ଆକଳନ



ଭୁବନେଶ୍ୱର : ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମଲହରି ଅବଧି ଅଧିକ ରହିବ । ମାର୍ଚ୍ଚରୁ ମେ ମାସ ଭିତରେ ଅଧିକ ଦିନ ହିଟ୍‌ୱେଭ ରହିବ । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଅଧିକ ଦିନ ରହିପାରେ । ଉତର ଓ କେନ୍ଦ୍ରୀୟ ଓଡ଼ିଶାରେ ୧୨ରୁ ୧୫ ଦିନ ଯାଏ ଗ୍ରୀଷ୍ମ ପ୍ରବାହ ଅଧିକ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି । ଆଇଏମ୍‌ଡି ଜାରି କରିଥିବା ଆକଳନ ଅନୁସାରେ, ମାର୍ଚ୍ଚରୁ ମେ ମାସ ଯାଏ ସ୍ୱାଭାବିକଠାରୁ ଅଧିକ ତାତି ରହିବ । କିନ୍ତୁ ଦେଶର ଉତର ପଶ୍ଚିମ ଭାଗ ଓ କେନ୍ଦ୍ରୀୟ ଭାଗରେ ତାପମାତ୍ରା ସ୍ୱାଭାବିକ ବା ସ୍ୱାଭାବିକଠାରୁ କମ୍ ରହିବ । ସେହିଭଳି ମାର୍ଚ୍ଚ ମାସରେ ଦେଶର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ବା ସ୍ୱାଭାବିକଠାରୁ କମ୍ ରହିବ ବୋଲି ଜାରି ହୋଇଥିବା ବିସ୍ତାରିତ ଆକଳନରେ କୁହାଯାଇଛି । ରାଜ୍ୟରେ ଏବେ ଗରମ ବଢ଼ିବ । ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିପାରେ । ଏବେଠାରୁ ତାପମାତ୍ରା ବଢ଼ିବା ସହ ପ୍ରବଳ ଗରମ ଅନୁଭୂତ ହେଉଛି । ଆଗକୁ ଦିନବେଳା ଅସହ୍ୟ ଗରମ ହେବ । ପାଣିପାଗ ବିଭାଗ ଏହି ଆକଳନ କରିଛି । ଶନିବାର ସମ୍ବଲପୁରରେ ଦିନ ତାପମାତ୍ରା ସର୍ବାଧିକ ୩୬.୬ ଡିଗ୍ରୀ ଥିଲା । ସୋନପୁରରେ ୩୫.୯ ଡିଗ୍ରୀ, ସୁନ୍ଦରଗଡ଼ରେ ୩୫.୮, ଭୁବନେଶ୍ୱର ଓ ଅନୁଗୁଳରେ ୩୫.୭, ତାଳଚେର ଓ ରାଉରକେଲାରେ ୩୫.୪ ଡିଗ୍ରୀ ରହିଥିଲା । ରବିବାର ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୨୦ରୁ ୨୨ ଡିଗ୍ରୀ ରହିବ । ଉତର, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ତାପମାତ୍ରା କମ୍ ରହିବ । ସୋମବାର(୨ ତାରିଖ) ଉପକୂଳ ଓଡ଼ିଶାକୁ ଛାଡ଼ି ଆଉ ସବୁଠି ତାପମାତ୍ରା କମ୍ ରହିବ । ୩ ତାରିଖରେ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୨୨ରୁ ୨୫ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

## ପଶ୍ଚିମବଙ୍ଗରେ ପରିବର୍ତନ ଯାତ୍ରାରେ ଯୋଗଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ଭୁବନେଶ୍ୱର / ଝାଡ଼ଗ୍ରାମ : ପଶ୍ଚିମବଙ୍ଗର ଝାଡଗ୍ରାମ ଠାରେ ଆୟୋଜିତ 'ପରିବର୍ତନ ଯାତ୍ରା'ରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ଓ ସୁରକ୍ଷା ପାଇଁ ଭାରତୀୟ ଜନତା ପାର୍ଟି ସଂକଳ୍ପବଦ୍ଧ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ଟିଏମସି ସରକାରରେ ଦୁର୍ନୀତି, ଅନୁପ୍ରବେଶକାରୀ, ଶିକ୍ଷା, ନିଯୁକ୍ତି ଏବଂ ସୁରକ୍ଷା ପ୍ରସଙ୍ଗରେ ମମତା ବାନାର୍ଜୀ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି । ଯେଉଁ ମାଟିରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ମହାପୁରୁଷ ଜନ୍ମ ନେଇ ନାରୀ ଶିକ୍ଷାର ମିଶାଲ ପ୍ରଜ୍ୱଳିତ କରିଥିଲେ, ଆଜି ସେହି ବଙ୍ଗଳାରେ ଶିକ୍ଷା ବ୍ୟବସ୍ଥା ସବୁଠାରୁ ଅବହେଳିତ । ପ୍ରତି କେନ୍ଦ୍ର ସରକାର ବଙ୍ଗଳାର ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ପଠାଉଥିବା ଅର୍ଥକୁ ରାଜ୍ୟ ସରକାର ଦଳୀୟ କାର୍ଯ୍ୟ ଓ ଦୁର୍ନୀତିରେ ବ୍ୟବହାର କରୁଛନ୍ତି । ପଶ୍ଚିମବଙ୍ଗର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜ୍ୟର ୫୦ ପ୍ରତିଶତ ସ୍କୁଲରେ ଶିକ୍ଷକ ନାହାନ୍ତି । 'ବୁଆ-ଭତିଜା'ଙ୍କ ସରକାର କେନ୍ଦ୍ରରୁ ବିକାଶ ପାଇଁ ଆସୁଥିବା କୋଟି କୋଟି ଟଙ୍କାକୁ ଲୁଟ୍ କରିଛନ୍ତି । ବିଜେପି ସରକାର ଗଠନ ହେବା ପରେ ଏହି ସମସ୍ତ ଦୁର୍ନୀତିର ହିସାବ ନିଆଯିବ ଏବଂ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଭୋଟର ତାଲିକାରୁ ଅନୁପ୍ରବେଶକାରୀଙ୍କ ନାମ ହଟାଇବା ପାଇଁ ନିର୍ବାଚନ କମିଶନଙ୍କ ପଦକ୍ଷେପକୁ ସେ ସ୍ୱାଗତ କରିଛନ୍ତି ଏବଂ ମମତା ବାନାର୍ଜୀ ଏହାର ବିରୋଧ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ଝରଗ୍ରାମ ଭଳି ଆଦିବାସୀ ବହୁଳ ଅଂଚଳରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ରାଜ୍ୟ ସରକାର ବାଧାପ୍ରାପ୍ତ କରୁଥିବା ସେ ଅଭିଯୋଗ କରିଛନ୍ତି । ବିଜେପି ସରକାର ଆସିଲେ ଏହି ଅଂଚଳରେ 'ଡବଲ୍ ଇଞ୍ଜିନ' ଶକ୍ତିରେ ଶିଳ୍ପ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବ । ସେ ଆହୁରି କହିଛନ୍ତି ଯେ ରାଜ୍ୟର ଯୁବପିଢ଼ିଙ୍କୁ ଭତା ନୁହେଁ ବରଂ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । ଯଦି ପଶ୍ଚିମବଙ୍ଗରେ 'ଡବଲ୍ ଇଞ୍ଜିନ' ସରକାର ଆସେ, ତେବେ କେନ୍ଦ୍ରର ସମସ୍ତ ଜନକଲ୍ୟାଣକାରୀ ଯୋଜନା ସିଧାସଳଖ ଗରିବ ହିତାଧିକାରୀଙ୍କ ପାଖରେ ପହଂଚିପାରିବ । ମୋଦୀ ସରକାର ଦେଶର ଗରିବ, ଆଦିବାସୀ ଏବଂ ସାଧାରଣ ଜନତାଙ୍କ ଜୀବନଧାରଣର ମାନ ବଦଳାଇବା ପାଇଁ ଅହୋରାତ୍ର କାର୍ଯ୍ୟ କରୁଛନ୍ତି । ବଙ୍ଗଳାର ସମ୍ବଳ ଅନୁପ୍ରବେଶକାରୀଙ୍କ ପାଇଁ ନୁହେଁ, ବରଂ ପ୍ରକୃତ ବଙ୍ଗାଳୀ ଏବଂ ଏହି ମାଟିର ଭୂମିପୁତ୍ରଙ୍କ ବିକାଶ ପାଇଁ ବ୍ୟୟ କରାଯିବ । ମଇ ମାସରେ ବିଜେପି ସରକାର ଗଠନ ପରେ ରାଜ୍ୟରେ ଏକ ଭ୍ରଷ୍ଟାଚାର ମୁକ୍ତ ଏବଂ ବିକାଶମୁଖୀ ପ୍ରଶାସନ ଦେଖିବାକୁ ମିଳିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ମନୋଜ ଦାସ ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପାଳିତ ହେଲା ମନୋଜ ଦାସ ଜୟନ୍ତୀ



ବାଲେଶ୍ୱର,(ନି.ପ୍ର.)ମନୋଜ ଦାସଙ୍କ ଭାଷାରେ, ଭାବରେ, ଚରିତ୍ର ଚିତ୍ରଣରେ ଉତ୍ତୁଙ୍ଗ ପରିପକ୍ୱତା ପରିଲକ୍ଷିତ ହୁଏ । ନିସର୍ତ ଭାବରେ ମଣିଷକୁ ସ୍ୱାଗତ କରିବା, ମଣିଷର ଅସହାୟତାକୁ, ବିଷାଦକୁ, ଶୋକକୁ ଉପସ୍ଥାପନ କରିବାରେ ସେ ଓସ୍ତାଦ୍ ଥିଲେ । ମନୋଜ ଦାସ ଜଣେ ବିରଳ ଶିଳ୍ପୀ । ଯିଏ ବିଷାଦର ଚମତ୍କାର ଚିତ୍ରଣ କରିଛନ୍ତି । କଷ୍ଟକର ଜୀବନକୁ ସହଜ ସୁନ୍ଦର୍ ଭାବରେ ବର୍ଣ୍ଣନା କରିବାରେ ମନୋଜ ଦାସ ଜଣେ ସିଦ୍ଧ ଶିଳ୍ପୀ ବୋଲି ସୁଖ୍ୟାତ ସମାଲୋଚକ ଓ କଥାକାର ଡକ୍ଟର ଆଦିକନ୍ଦ ସାହୁ କହିଛନ୍ତି ।ମନୋଜ ଦାସ ସ୍ମୃତି ସଂସଦ ଓ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ଉଦ୍ୟମରେ ଗୀତଗୋବିନ୍ଦ ସଦନରେ ମନୋଜ ଦାସ ଜୟନ୍ତୀ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡକ୍ଟର ଆଦିକନ୍ଦ ସାହୁ କହିଥିଲେ, ମନୋଜ ଦାସଙ୍କ ପ୍ରତିଟି ରଚନାରେ ଅଦମ୍ୟ ପରିପକ୍ୱତା ରହିଛି । ସମକାଳୀନ କୌଣସି ଗାଳ୍ପିକ ସେ ଜାଗାକୁ ପହଂଚି ପାରିବା ଭଳି ଅନୁଭୂତ ହୁଏନି । ମଣିଷ ଜୀବନରେ ଗରଳ ଆଉ ଗୋଟେ ମଣିଷ ଭରି ଦିଏ । ବାଘ, ଭାଲୁ ନୁହଁ ବୋଲି ତାଙ୍କ ଲେଖାରେ ସ୍ଥାନ ପାଇଛି । ଭାବନିଷ୍ଠତା ମନୋଜ ଗଳ୍ପରେ ବାନ୍ଧି ହୋଇ ରହିଛି । ମଣିଷର ଦୁଃଖ ଜର୍ଜରିତ କାହାଣୀକୁ ସ୍ଥାନ ଦେବାରେ ସେ ଓସ୍ତାଦ ଥିଲେ । ତାଙ୍କ ଲେଖା ଆତ୍ମାକୁ ଶୋକ ଜର୍ଜରିତ କରୁଥିଲା । ବିଷାଦ ଆସେ ଅସହାୟତାରୁ । ନାରୀ ହେଉ କି ପୁରୁଷ ହେଉ, ରାଜା ହେଉ କି ପ୍ରଜା ହେଉ ସମସ୍ତେ ମନୋଜଙ୍କ ଲେଖାରେ ସ୍ଥାନ ପାଇଥାନ୍ତି । ଭଲ ଲେଖା ହେଉଛି, ବିଷାଦ ଜର୍ଜରିତ କାହାଣୀକୁ ସ୍ଥାନ ଦେବା । ଜଣେ ନିର୍ବାସିତ ରାଜପୁତ୍ର ହେବା କଠିନ । ମନୋଜ ସାହିତ୍ୟରେ ବାର୍ତ୍ତା ଥାଏ, ମଣିଷ ଜୀବନ ସୁନ୍ଦର । କିନ୍ତୁ ଏହାକୁ ଜିଇଁବା କଷ୍ଟକର । ସେ ବାମପନ୍ଥୀ ଥିଲେ କି ଦକ୍ଷିଣପନ୍ଥୀ ତାହା କହୁନି, କିନ୍ତୁ ସେ ସିଦ୍ଧ ଶିଳ୍ପୀ ଥିଲେ । ଗୋପୀନାଥ ମହାନ୍ତି ଓ ମନୋଜ ଦାସଙ୍କ ଭଳି ଉଚ୍ଚକୋଟୀର ଲେଖା ଅନ୍ୟ କାହାର ହୋଇ ପାରିବନି । ତେବେ ତରୁଣମାନେ ରୁଚିହୀନ କଥା ଲେଖୁଛନ୍ତି । ଯାହା କ୍ଷମଣୀୟ ନୁହେଁ ବୋଲି ଡ଼ ସାହୁ କହିଥିଲେ ।ଏଥିରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ କଥାକାର ଯଶୋଧାରା ମିଶ୍ର କହିଥିଲେ, ସାଧାରଣ ଲୋକଙ୍କ ପ୍ରଣତି ପରି ମନୋଜ ଦାସଙ୍କ ଲେଖାରେ ଦେଖିବାକୁ ମିଳେନି । ସେ ପ୍ରେମ ସହ ମୃତ୍ୟୁକୁ ମଧ୍ୟ ଯୋଡିଥାନ୍ତି । ପ୍ରେମର ପରିଣତି ସହ ମୃତ୍ୟୁର ପାଖାପାଖିକୁ ଏକାଠି କରିଥାନ୍ତି । ତାଙ୍କ ଲେଖାରେ କେବଳ ମଣିଷ ପ୍ରେମ ନୁହଁ, ପ୍ରକୃତି ଓ ପଶୁ ପକ୍ଷୀଙ୍କ ସହ ବି ପ୍ରେମ ନେଇ ବର୍ଣ୍ଣନା କରିଥାନ୍ତି । ଖୁବ ପୁରୁଣା ଘର ପ୍ରତି ତାଙ୍କର ଆକର୍ଷଣ ଥିଲା । 'ନିଜାମପୁରର ସନ୍ଧ୍ୟା'ରେ ସୁନ୍ଦର ଭାବେ ବର୍ଣ୍ଣନା ହୋଇଛି । ତାଙ୍କର କୌଣସି ଲେଖାରେ ପ୍ରେମିକ, ପ୍ରେମିକା ମିଳନ ହୋଇନଥାଏ ।ମନୋଜ ଦାସଙ୍କ ଗଳ୍ପର କାହାଣୀ ହିଁ ପାଠକଙ୍କୁ ଶେଷଯାଏ ବାନ୍ଧି ରଖେ । ତାଙ୍କର ଶୈଳୀରେ କୌଣସି ଲୋକପ୍ରିୟ ଧାରା ନଥିଲା । ସେ ନିଜର ଏକ ସ୍ୱତନ୍ତ୍ର ଗଠନ ଧାରା ତିଆରି କରିଥିଲେ । ପାଠକର ଗ୍ରହଣ କ୍ଷମତା ଉପରେ ମନୋଜଙ୍କ ଗଳ୍ପର ଉଚ୍ଚତା ଭିନ୍ନଭିନ୍ନ ହୁଏ । ସୁନିର୍ବାଚିତ ଶବ୍ଦ ଚୟନ ହିଁ ତାଙ୍କର ଏକ ବିଶେଷ ଗୁଣ । ମନୋଜ ଦାସଙ୍କ ବିଦୃପରେ କୌଣସି ହୀନମନ୍ୟତା ନଥାଏ, ଅନ୍ୟକୁ ଗୌଣ କରି ଦେଖାଇବାର ଦୁରଭିସନ୍ଧି ନଥାଏ, ବରଂ ଥାଏ କରୁଣା । ମଣିଷ ସହିତ ପଶୁ ପକ୍ଷୀ ମଧ୍ୟ ତାଙ୍କ ଗଳ୍ପର ଚରିତ୍ର ବୋଲି ଯଶୋଧାରା କହିଥିଲେ । ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନ କହିଥିଲେ, ସୀମାହୀନ ମନୋଜ ଦାସଙ୍କ ଯାତ୍ରା । ମନୋଜଙ୍କୁ ଭଲ ପାଉଥିବା ଲୋକ ବହୁତ । ପ୍ରବୀଣ ମନୋଜ ଓ ତରୁଣ ମନୋଜଙ୍କ ଉଦାହରଣ ଦେଇଥିଲେ । ଏହି ଅବସରରେ ଇତି ସାମନ୍ତଙ୍କ ସଂକଳିତ କାଦମ୍ବିନୀ ପ୍ରକାଶିତ 'ମନୀଶୀ ମନୋଜ' ପୁସ୍ତକ ଲୋକାର୍ପିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ପ୍ୱିତ୍ର ମୋହନ ଦାଶ କହିଥିଲେ, ମନୋଜ ଦାସ ଜଣେ ପୂର୍ଣ୍ଣାଙ୍ଗ ସତା । ତାଙ୍କ ଲେଖାରେ ସ୍ୱାଧୀନତା ପରବର୍ତୀକାଳୀନ ମନୋଭାବ ପ୍ରତିଫଳିତ । ନଥିବା କଥାକୁ ନେଇ ଗଳ୍ପ ବନେଇବାର କଳାତ୍ମକତା ମନୋଜଙ୍କ ପାଖରେ ଅଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ମନୋଜ ଦାସ ସ୍ମୃତି ସଂସଦ ସମ୍ପାଦକ ଗୌତମବୁଦ୍ଧ ଦାସ ବକ୍ତବ୍ୟ ରଖିଥିବା ବେଳେ ସଂସଦର କାର୍ଯ୍ୟନିର୍ବାହୀ ସମ୍ପାଦକ ସରୋଜ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସୁଭଦ୍ରା ଶକ୍ତି ମେଳାର ଉଦ୍ୟାପନୀ ସମାରୋହ ଅନୁଷ୍ଠିତ



ବାଲେଶ୍ୱର, (ନି.ପ୍ର.) ସୁଭଦ୍ରା ଶକ୍ତି ମେଳାର ଉଦ୍ୟାପନୀ ସମାରୋହ ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ତାଙ୍କ ସହିତ ମଂଚାସୀନ ଥିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ, ବାଲେଶ୍ୱର ମ୍ୟୁନିସିପାଲଟିର ଅଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ହେମନ୍ତ କୁମାର ସିଂହ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ରାଉତ, ଉପଜିଲ୍ଲାପାଳ ବାଲେଶ୍ୱର ଶ୍ରୀ ଶିବ ମାଲବ୍ୟ, ଉପଜିଲ୍ଲାପାଳ ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ , ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ମଧୁସ୍ମିତା ସାମନ୍ତରାୟ ଓ ଅନ୍ୟାନ୍ୟ ଅଧିକାରୀମାନେ ।୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳାର ଆଜି ଅନ୍ତିମ ଦିନ ଥିଲା । ଡଯସବ୍ଷବ ଜଙ୍କବ୍ବକ୍ଷ ଉରଙ୍ଖରକ୍ଷକ୍କକ୍ଟ-ଙ୍କରଭଷ୍ପ ବଭୟ ଗବକ୍ବଳରଷ୍ପସଭଶ ଝକ୍ଟମସରଷ୍ପଛ (ଓର୍ମାସ) ଓ ଗସଷ୍ପ-ଷ୍ପସକ୍ଟଭ ଝଷବଳଷ୍ପସ ର ତଥ୍ୟାନୁସାରେ ଆଠ ଦିନ ମଧ୍ୟରେ ଦୁଇ କୋଟି ଟଙ୍କାରୁ ଅଧିକ ବାଣିଜ୍ୟ ସମ୍ପନ୍ନ ହୋଇଛି । ଶେଷ ଦିନରେ ଯୁବ ବ୍ୟାଣ୍ଡଙ୍କ ସୁନ୍ଦର ସଙ୍ଗୀତାନୁଷ୍ଠାନ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା ଏବଂ ଲୋକମାନେ ଏହାକୁ ଭୁରିଭୁରି ପ୍ରଶଂସା କରିଥିଲେ । ମେଳାଟି ଜିଲ୍ଲାର ମହିଳା ସ୍ୱୟଂସାହାଯ୍ୟ ଗୋଷ୍ଠୀ ଓ ଗ୍ରାମୀଣ ଉଦ୍ୟୋଗୀ ଙ୍କ ପାଇଁ ଏକ ସଫଳ ବଜାର ମଂଚ ସୃଷ୍ଟି କରି ପାରିଛି ।

# ଆସନ୍ତା ମାର୍ଚ୍ଚମାସ ୧୪ ତାରିଖରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟଲୋକ ଅଦାଲତ

ବାଲେଶ୍ୱର(ନି.ପ୍ର.) ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟଲୋକ ଅଦାଲତ ଆସନ୍ତା ମାର୍ଚ୍ଚମାସ, ୧୪ ତାରିଖ ( ଶନିବାର ଦିନ) ଜିଲ୍ଲା ଅଦାଲତ ପରିସର, ବାଲେଶ୍ୱର, ତାଲୁକ ଆଇନସେବା ସମିତିଜଳେଶ୍ୱର, ନୀଳଗିରୀ, ସୋରୋ, ବସ୍ତା, ପ୍ରଥମ ଶ୍ରେଣୀବିଚାରବିଭାଗୀୟ ଅଦାଲତ, ଔପଦା ଓ ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇରେ ଅନୁଷ୍ଠିତ ହେବ । ପ୍ରକାଶ ଥାଉକି, ଏହିଲୋକ ଅଦାଲତରେ ସମସ୍ତ ପ୍ରକାରରବିଚାରଧୀନ ମୋକଦ୍ଦମା ଯଥା ଦେଓନୀ, ଫୌଜଦାରୀ ( ସାଲିସଯୋଗ୍ୟ), ମୋଟରଯାନ ଦୁର୍ଘଟଣାଜନିତକ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକସମସ୍ୟା, ଲାର ଆପୋଷ ଅଧିଗ୍ରହଣ, ଶ୍ରମବିବାଦ ଓ ଚେକ୍ ?ବାଉନ୍ସମାମଲାର ସହମତିରେସମାଧାନ କରାଯିବ ।ଏହିରାଷ୍ଟ୍ରୀୟଲୋକ ଅଧିକରୁ ଅଧିକ ସଂଖ୍ୟାରେ ଅଂଶ ଗ୍ରହଣକରିବା ଅଦାଲତରେ ପାଇଁଜିଲ୍ଲା ଅନୁରୋଧ ଆଇନସେବା ପ୍ରାଧିକରଣ, ବାଲେଶ୍ୱରତରଫରୁ ଅନୁ କରାଯାଇଅଛି ।

# ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଳିତ ହେଲା ମନୋଜ ଦାସଙ୍କ ଜୟନ୍ତୀ




ବାଲେଶ୍ୱର,(ନି.ପ୍ର): ଅବିସ୍ମରଣୀୟ ପ୍ରତିଭା ପଦ୍ମଭୂଷଣ ମନୋଜ ଦାସଙ୍କର ୯୩ତମ ଜୟନ୍ତୀ ଉତ୍ସବ କବିତୀର୍ଥ ଶାନ୍ତି କାନନସ୍ଥିତ ଫକୀର ମୋହନ ସାହିତ୍ୟ ପରିଷଦର ସଭାଗୃହରେ ଡକ୍ଟର ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ତଥା ଆଲୋଚକ ଭାବରେ ଚରମ୍ପା ମହାବିଦ୍ୟାଳୟ, ଭଦ୍ରକର ଇଂରାଜୀ ବିଭାଗ ଅଧ୍ୟାପିକା ଡକ୍ଟର ସୁକାନ୍ତି ମହାପାତ୍ର ଯୋଗଦାନ କରିଥିଲେ ।ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ମନୋଜୀୟ ସାହିତ୍ୟ କର୍ମ ସବୁବର୍ଗର ମଣିଷ ପାଇଁ ପ୍ରେରଣାର ଉତ୍ସ । ଧୈର୍ଯ୍ୟ, ସହାନୁଭୂତି, ସୃଷ୍ଟି ମୂଳରେ ବ୍ୟକ୍ତିତ୍ୱର ମହତ୍ୱକୁ ପ୍ରତିପାଦନ କରିଥାଏ ତାଙ୍କର ସତସାହିତ୍ୟ । ଚେତନାର ଉତରଣ ଉପତ୍ୟକା, ଭାରତୀୟ ସଂସ୍କାର ଓ ସଂସ୍କୃତିର ବାର୍ତବହର ପ୍ରବୁଦ୍ଧ ମନିଷୀସେ । ଆଲୋକ-ଅନ୍ଧାର, ବାସ୍ତବ-ଅବାସ୍ତବ, ଭୌତିକ -ଅଧିଭୌତିକ, ଇନ୍ଦ୍ରିୟ -ଇନ୍ଦ୍ରିୟାତୀତ, ଇହଲୋକ ଓ ପରଲୋକାଗତ ମଧ୍ୟରେ ପାର୍ଥକ୍ୟ ନ ରଖି ସେହି ମନ୍ମୟ ବିନ୍ଧାଣୀ ସର୍ଜନା କରି ଚାଲିଥିଲେ ସାର୍ବଜନୀନ ସାହିତ୍ୟ ଫସଲ, ଯେଉଁଥିରେ ମଣିଷ ପଣିଆର ମାନବିକ ମୂଲ୍ୟବୋଧ ପ୍ରତିଫଳିତ ହୋଇଛି । ସମ୍ପାଦକ ଡକ୍ଟର ରତ୍ନାକର ସିଂହ ପ୍ରାକ୍ କଥନ ରଖିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ କୁମାର ଗିରି ଅତିଥି ମାନଙ୍କୁ ମଂଚ ଆହ୍ୱାନ କରିଥିଲେ । ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ମନୋଜ ଦାସଙ୍କ ଉପରେ ରଚିତ ସଙ୍ଗୀତକୁ ପ୍ରାରମ୍ଭରେ ସାଥୀମାନଙ୍କ ଦ୍ୱାରା ପରିବେଷଣ କରିଥିଲେ ।ଶେଷରେ କଲ୍ୟାଣୀ ନନ୍ଦ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବହୁ ମାନ୍ୟଗଣ୍ୟ ସାରସ୍ୱତ ପ୍ରେମୀ ଏହି ଅବସରରେ ସଭାକକ୍ଷ ମଣ୍ଡନ କରିଥିଲେ ।

# ରାସାୟନିକ ରଙ୍ଗ ଉପରେ ପ୍ରଶାସନର ରୋକ୍

ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱର ପୌରପାଳିକା ତରଫରୁ ହୋଲି ପର୍ବ ପାଳନ ଉପଲକ୍ଷେ କେମିକାଲ ମିଶ୍ରିତ ରଙ୍ଗ ବିକ୍ରି ନିଷେଧ ଉପରେ ସଚେତନତା . ପୌର ପାଳିକା ଅନ୍ତର୍ଗତ ବିଭିନ୍ନ ଛକ ରେ ମାଇକ ଯୋଗେ ପ୍ରଚାର କରାଯାଉଛି ଓ ଆଗାମୀ ଦିନ ରେ ନିୟମ ଖିଲାପକାରୀ ଙ୍କ ଠାରୁ ଜୋରିମାନା ଆଦାୟ କରାଯିବ । ପ୍ରକାଶଯେ, ବର୍ତମାନ ବାଲେଶ୍ୱର ସହରର ବିଭିନ୍ନ ଛକ, ସାହି, ବ୍ୟବସାୟିକ ପେଣ୍ଠସ୍ଥଳ ଇତ୍ୟାଦିରେ ବିନା ପରମିଶନ, ବିନା ଲାଇସେନ୍ସରେ ରାସାୟନିକ ଭିନ୍ନ ଭିନ୍ନ ପ୍ରକାରର ରଙ୍ଗ ଅଣାଯାଇ ବିକ୍ରୟ କରାଯାଉଛି । ଯାହା ଫଳରେ ଏହି ରଙ୍ଗ ଶରୀରରେ ଲାଗିବା କ୍ଷଣି ଶରୀରରୁ ଚମଡ଼ା ଉଡ଼ିବା, କୁଣ୍ଡେଇହେବା, ଏଲାର୍ଜି ହେବା ଇତ୍ୟାଦି ରୋଗ କିଛି କମ୍ ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ସୂଚନାଯୋଗ୍ୟଯେ, ୨୦୨୫ ବର୍ଷରେ ଏହିଭଳି ରାସାୟନିକ ରଙ୍ଗ ସହରରେ ଅବାଧରେ ବିକ୍ରୟ ହେଉଥିବା ବେଳେ ରଙ୍ଗ ଦୋକାନରେ ବିଭିନ୍ନ କିସମର ଛଦ୍ମବେଶୀ ବାବାଜୀଙ୍କ ଠାରୁ ଆରମ୍ଭ କରି ଡ୍ରାଗନ, ସିଂହ, ବାଘ, ଭାଲୁ ଓ ଭୂତଭଳି ଛଦ୍ମବେଶୀ ମୁଖା ପରିଧାନ କରି ଯେଉଁ ଯୁବକମାନେ ସହରରେ ବୁଲି ବୁଲି ରଙ୍ଗ ମାରୁଛନ୍ତି ସେମାନେ ପୂର୍ବ ଶତୃତାକୁ କେନ୍ଦ୍ରକରି ବିଭିନ୍ନ କିସମର ବନ୍ଧୁକ ଠାରୁ ଆରମ୍ଭ କରି ମାରଣାସ୍ତ୍ର ଧରି ସହରରେ ବୁଲିବା ପାଇଁ ଏବେଠୁ ଯୋଜନା ପ୍ରସ୍ତୁତ କରିଥିବା ଖବର ମିଳିଛି ।



# ନନ୍-କ୍ୟାଡର ପବ୍ଲିକ ପ୍ରୋସିକ୍ୟୁଟରମାନଙ୍କ ପାଇଁ ଦୁଇଦିନିଆ ପ୍ରଶିକ୍ଷଣ ଆରମ୍ଭ



ବାଲେଶ୍ୱର, (ନି.ପ୍ର.) ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଦୁଇ ଦିନିଆ ନନ୍-କ୍ୟାଡର ପବ୍ଲିକ ପ୍ରୋସିକ୍ୟୁଟରମାନଙ୍କ ପାଇଁ ଦୁଇ ଦିନିଆ ପ୍ରଶିକ୍ଷଣ ଓ ରିଫ୍ରେଶର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଦେଶର ନୂତନ ଆଇନ ବ୍ୟବସ୍ଥା ପ୍ରବର୍ତନ ,ପ୍ରୋସିକ୍ୟୁସନ ବ୍ୟବସ୍ଥାକୁ ସୁସଂଘଟିତ ଓ ସକ୍ରିୟ କରିବା ଏହାର ମୁଖ୍ୟ ଲକ୍ଷ୍ୟ ।ଉପ-ନିର୍ଦ୍ଦେଶକ ପ୍ରୋସିକ୍ୟୁସନ (ଡିଡିପି)ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ପ୍ରଶିକ୍ଷଣରେ ନୂତନ ଆଇନ — Bharatiya Nyaya Sanhita (ବିଏନଏସ), Bharatiya Nagarik Suraksha Sanhita (ବିଏନଏସଏସ) ଓ Bharatiya Sakshya Adhiniyam (ବିଏସଏ) ର ପ୍ରବର୍ତନ ପରେ ଘଟିଥିବା ପରିବର୍ତନସମୂହ ଉପରେ ଗଭୀର ଆଲୋଚନା କରାଯାଉଛି । କାର୍ଯ୍ୟକ୍ରମଟି ଡିଡିପି ଦୀପ୍ତି ରଞ୍ଜନ ଷେଣ୍ଢ ଓ ଅତିରିକ୍ତ ଏସପି ଦେବ ଜ୍ୟୋତି ଦାଶଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା । ପ୍ରଥମେ ଅବସରପ୍ରାପ୍ତ ପ୍ରଫେସର ଚିନ୍ତାମଣି ରାଉତ ପୁରୁଣା ଓ ନୂତନ ଆଇନମାନଙ୍କ ମଧ୍ୟରେ ତୁଳନାତ୍ମକ ବିଶ୍ଲେଷଣ କରି ଗଠନାତ୍ମକ ପରିବର୍ତନ ବିଷୟରେ ଅଲୋକପାତ କରିଥିଲେ । ତାପରେ ବାଲେଶ୍ୱର ଆଇନ୍ ମହାବିଦ୍ୟାଳୟର ପ୍ରିନ୍ସିପ ।ଲ୍ ଡା. ସର୍ବେଶ୍ୱର ସାହୁ ନୂତନ ଆଇନରେ ଭିକ୍ଟିମ୍ କେନ୍ଦ୍ରିକ ବ୍ୟବସ୍ଥା ଓ ଜାମିନ ସମ୍ବନ୍ଧୀୟ ନିୟମାବଳୀ ବିଷୟରେ ଅଲୋଚନା କରିଥିଲେ । ଡିଡିପି ଦୀପ୍ତି ରଞ୍ଜନ ଷେଣ୍ଢ ବିଏନଏସଏସ ଅନୁସାରେ ପ୍ରୋସିକ୍ୟୁସନର ନିର୍ଦ୍ଦିଷ୍ଟ ଭୂମିକା, ମାମଲା ତଦାରଖ, ସମୟସୀମା ପାଳନ ଓ ପ୍ରକ୍ରିୟାଗତ ଅନୁସରଣ ବିଷୟରେ ମନ୍ତବ୍ୟ ରଖିଥିଲେ । ରାଜ୍ୟସ୍ତରରେ ପ୍ରୋସିକ୍ୟୁସନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ପାଇଁ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧ ମାର୍ଚ୍ଚ ୨୦୨୬ ତାରିଖରେ ସମାପ୍ତ ହେବ ।

# ଭାରତୀୟ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ

ବାଲେଶ୍ୱର,(ନି.ପ୍ର): ୨୮ ତାରିଖ ସକାଳ ୭ଟାରେ ପୋଲିସ ଲାଇନ ପଡ଼ିଆ ଠାରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ବାଲେଶ୍ୱର ପକ୍ଷରୁ ସାମୂହିକ ସୂର୍ଯ୍ୟ ନମସ୍କାର କାର୍ଯ୍ୟକଯ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କର୍ଣ୍ଣେଲ ମହାପାତ୍ର ଓ ସଂଜୟ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ବ୍ୟକ୍ତି ବିଶେଷ ଯୋଗଦେଇ ସୁନ୍ଦର ସ୍ୱାସ୍ଥ୍ୟ ଓ ଶରୀରକୁ ସୁସ୍ଥ ରଖିବା କ୍ଷେତ୍ରରେ ରାଷ୍ଟ୍ରୟ ସ୍ୱୟଂସେବକ ସଂଘର ସାମୂହିକ ସୂର୍ଯ୍ୟନମସ୍କାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରକାଶଯେ ରାଷ୍ଟ୍ରୀର୍ୟ ସ୍ୱୟଂ ସେବକ ସଂଘ ଶତାବ୍ଦୀ ବର୍ଷରେ ଏହି ସାମୂହିକ ଯୋଗ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




# ହୋଲିରେ ଗଣ୍ଡଗୋଳ ଆଶଙ୍କା !

ବାଲେଶ୍ୱର,(ନି.ପ୍ର.): ଆସନ୍ତା ୩ ଓ ୪ ଦୁଇଦିନ ଧରି ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟରେ ହୋଲି ଉତ୍ସବ ପାଳନ ହେବାକୁ ଯାଉଛି । ବିଶେଷକରି ବାଲେଶ୍ୱର ଜିଲ୍ଲାର ଖଇରା ପଥରାଜପୁର ହୋଲି ଏବଂ ରୁପ୍ସା ପିଙ୍ଗାବଣିଆ ହୋଲିର ଏକ ସ୍ୱତନ୍ତ୍ର ପରିଚୟ ଥିବା ବେଳେ ବାଲେଶ୍ୱର ସହରରେ ହୋଲି ଉତ୍ସବର ନିଆରା କିଛି କମ୍ ନୁହେଁ । ଏବେଠାରୁ ହୋଲିହାଣ୍ଡି ବନ୍ଧାଯିବା, ଉତ୍ସବ ପାଳନ ହେବା, ପୂର୍ବ ଶତୃତାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷର ଆଶଙ୍କାର ସହିତ ବିଭିନ୍ନ ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀ ଏବେଠାରୁ ତେଲେଙ୍ଗା କଟୁରି, ଭୁଜାଲି, ବନ୍ଧୁକ ଇତ୍ୟାଦି ପରସ୍ପର ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି । ମୁଖ୍ୟତଃ ବାଲେଶ୍ୱର ସହରର ଗବଗାଁ ଛକ, ପାତ୍ରପଡ଼ା ଛକ, ମଧୁଆମିଲ୍ ଛକ, ସୁନହଟ, ଦେଓ୍ୱାନୀପାଟଣା, ବଙ୍କାଖଜୁର, ଗଳାପୋଖରୀ, ବଡ଼ଖୁଆଛକ, ପରମିଟ୍‌ଘାଟ, ଦାମୋଦରପୁର, ବାରବାଟୀ, ଡିଙ୍ଗାମାଡିଙ୍ଗା, ଓଲନ୍ଦାସାହି, ମାଣିଖମ୍ବ, ସୁଏଲପୁର, ତନ୍ତିସାହି, କଂଗ୍ରେସଅଫିସ ଗଳି, ଦର୍ଜିପୋଖରୀ, ଗଳାପୋଲ, ଅର୍ଦ୍ଧରବଜାର, ତେଲେଙ୍ଗାସାହି, ଦଉଡ଼ିଭଙ୍ଗା, ଫୁଲାଡ଼ି, କଂଟାବଣିଆ, କେସପୁର ଇତ୍ୟାଦି ଅଂଚଳରେ ଏବେଠାରୁ ହୋଲି ଉତ୍ସବ ପାଳନ ପାଇଁ ଯୁବକ ପ୍ରସ୍ତୁତ ହେଉଥିବା ବେଳେ ଗଣ୍ଡଗୋଳ ଯେ ନହେବ ତାହା କହିବା ବାହୁଲ୍ୟ । ପ୍ରଶାସନ କି ପ୍ରକାର ବ୍ୟବସ୍ଥା କରୁଛି ତାହା ଦେଖିବାକୁ ବାକି ରହିଲା ।



# ଆନ୍ତଃ ରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗର ଦୁଇ ଅଭିଯୁକ୍ତ ଗିରଫ



କେନ୍ଦୁଝର(ନିପ୍ର): କେନ୍ଦୁଝର ସଦର ପୋଲିସ ଏକ ଆନ୍ତଃ ରାଜ୍ୟ ଅନଲାଇନ ଠକେଇ ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ସଦର ପି.ଏସ୍. ମାମଲା ନଂ. ୧୨୦/୨୦୨୬ ସହିତ ଆଇଟି ଆଇନର ଧାରା ୩୧୯(୨) / ୩୧୮(୪) / ୩(୫) ବି.ଏନ୍.ଏସ୍., ୨୦୨୩ ସହିତ ଧାରା ୬୬(ସି) / ୬୬(ଡି) ଅନୁଯାୟୀ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି: କଳ୍ପତରୁ ପଲେଇ (୩୬), ଗ୍ରାମ: ବାରିଗାଁ, ଥାନା: ସଦର, ଜିଲ୍ଲା କେନ୍ଦୁଝର ଓ ଅଭିନନ୍ଦନ ପୁହାଣ (୩୦), ଗ୍ରାମ ପଦନପୁର, ଥାନା ଘସିପୁରା, ଜିଲ୍ଲା କେନ୍ଦୁଝର । କେନ୍ଦୁଝର ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ ସୂଚନା ଦେଇଛନ୍ତି ଯେ, ଅଭିଯୁକ୍ତମାନେ ବିଭିନ୍ନ ରାଜ୍ୟରେ ସାଇବର ଠକେଇ ମାଧ୍ୟମରେ ଅର୍ଜନ କରାଯାଇଥିବା ଠକେଇ ଟଙ୍କାକୁ ଚାଲାଣ କରିବା ପାଇଁ ବ୍ୟବହୃତ ମ୍ୟୁଲ୍ ବ୍ୟାଙ୍କ ଆକାଉଂଟ ପରିଚାଳନା କରୁଥିଲେ । ଆର୍ଥିକ ବିଶ୍ଳେଷଣ କରାଯିବାରୁ ଏପର୍ଯ୍ୟନ୍ତ ୩୯ଟି ଅନଲାଇନ୍ ଠକେଇ ଅଭିଯୋଗ ସହିତ ଜଡିତ ଦୁଇଟି ବ୍ୟାଙ୍କ ଆକାଉଂଟ ମାଧ୍ୟମରେ ପ୍ରାୟ ୪ କୋଟି ୯୭ଲକ୍ଷ ଟଙ୍କାର ସନ୍ଦେହଜନକ କାରବାର ଚିହ୍ନଟ କରିଛି । ଅଭିଯୁକ୍ତମାନଙ୍କୁ ରବିବାର ଦିନ ଗିରଫ କରାଯାଇ କୋର୍ଟକୁ ପଠାଯାଇଥିଲା । ସମ୍ପୃକ୍ତ ଅନ୍ୟ ସହଯୋଗୀ ଏବଂ ଅତିରିକ୍ତ ଆକାଉଂଟ ଗୁଡ଼ିକୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି ଇନ୍ସପେକ୍ଟର ଶ୍ରୀ ଭୂୟାଁ ପ୍ରକାଶ କରିଛନ୍ତି । ସାଇବର ଠକେଇ ବିରୁଦ୍ଧରେ ସତର୍କ ରହିବାକୁ ଏବଂ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ କିମ୍ବା ନିକଟତମ ପୋଲିସ ଷ୍ଟେସନ ମାଧ୍ୟମରେ ଘଟଣା ଗୁଡ଼ିକ ତୁରନ୍ତ ରିପୋର୍ଟ କରିବା ପାଇଁ ଶ୍ରୀ ଭୂୟାଁ ନିବେଦନ କରିଛନ୍ତି ।

# ପୋଲ ପାଇଁ ସ୍ଥାନ ବଦଳିବା ଅଭିଯୋଗରେ ତେଜିଲା ଅସନ୍ତୋଷ

ଧାମନଗର(ନିପ୍ର): ଧାମନଗର ବ୍ଲକ ଭଟସାହି ପଂଚାୟତ ଅନ୍ତର୍ଗତ ନରହରିପୁର ଅଂଚଳରେ ପ୍ରସ୍ତାବିତ ପୋଲ ନିର୍ମାଣର ସ୍ଥାନ ପରିବର୍ତ୍ତନକୁ ନେଇ ଅଂଚଳରେ ଅସନ୍ତୋଷ ତିବ୍ର ରୂପ ନେଇଛି । ଏହାକୁ ନେଇ ରବିବାର ଭଟ୍ଟସାହି ପଂଚାୟତ ର ନରହରିପୁର ଗ୍ରାମ ଗ୍ରାମବାସୀଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରାମବାସୀ ମାନେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଦାୟୀ କରିଛନ୍ତି । ସେମାନେ କହିବା କଥା ମନ୍ତ୍ରୀ ଚାହିଁ ଥିଲେ ପୋଲ କାମ ପୂର୍ବରୁ ସ୍ଥିର ହୋଇଥିବା ସ୍ଥାନ ରେ ହୋଇ ପାରିଥାନ୍ତା ମାତ୍ର ମନ୍ତ୍ରୀଙ୍କ ଆନ୍ତରିକତା ଅଭାବ ରୁ ଆଜି ଗାଁ ଗାଁ ମଧ୍ୟରେ ଶତ୍ରୁତା ବଡିଚି ବୋଲି ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ମାନେ କହିଛନ୍ତି । ସୁଚନା ଥାଉକି କଣ୍ଡିଆ ନଦୀ ଉପରେ ନରହରିପୁର ନିକଟ ରେ ପୋଲ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ପୂର୍ବରୁ ଯୋଜନା ରହିଥିଲା । କିନ୍ତୁ କିଛି ଖଳ ପ୍ରକୃତି ଲୋକ ରାଜନୈତିକ ଚାପ ପ୍ରଭାବରେ ପୋଲ ସ୍ଥାନକୁ ପରିବର୍ତ୍ତନ କରି ନିକଟ ନିଆରୀ ସାହିକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି । ସେମାନଙ୍କ ମତାନୁସାରେ, ନିଆରୀ ସାହିରେ ସେତୁ ନିର୍ମାଣ ହେଲେ ଲୋକମାନଙ୍କ ସୁବିଧା ହେବ ନାହିଁ, ପୁର୍ବ ପ୍ରସ୍ତାବିତ ସ୍ଥାନ ନରହରିପୁର ଠାରେ ପୋଲ ହେଲେ ୨ ରୁ ୩ ଟି ପଂଚାୟତର ହଜାର ହଜାର ଲୋକ ଯାତାୟାତ ସୁବିଧା ପାଇବେ । ଏପରିକି ନଦୀ ଆରପଟ ରେ ଚାଷୀଙ୍କ ଚାଷ ଜମିକୁ ଯାଆଶ କରିପାରିବେ । ଏ ନେଇ ଗ୍ରାମ ବାସି ମାନେ ମନ୍ତ୍ରୀ ଙ୍କ ନିକଟକୁ ଯାଇ ଗୁହାରି କରିଥିଲେ ମାତ୍ର କୌଣସି ଫଳପ୍ରଦ ହେଲା ନାହିଁ ବରଂ ଠିକାଦାର ମନ୍ ମୁଖୀ ଭାବରେ ଅନ୍ୟ ସ୍ଥାନ ରେ ପୋଲ ନିର୍ମାଣ ପାଇଁ ଯୋଜନା ଆରମ୍ଭ କରିଛନ୍ତି । ଏହାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି । ଏହି ଘଟଣା ରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗୁରୁତ୍ୱର ସହ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରାଇ ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀମାନେ ମଧ ସାମ୍ବାଦିକ ସମ୍ମିଳନୀରେ ନିବେଦନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀ ରେ ହିମାଂଶୁ ସୂତାର, ବଳରାମ ସୂତାର, ଚନ୍ଦ୍ରଶେଖର ଓଝା, ଗଙ୍ଗାଧର ସୂତାର, ଜୟରାମ ଓଝା, ଜଗବନ୍ଧୁ ଦଳାଇ, ବାଦଲ ନାୟକ, ପ୍ରଭାକର ସୂତାର, ଆଲୋକ ନାୟକ, ଅନୁପ ନାୟକ, ସୁଦୀପ୍ତ ସାମଲ, ମଦନ ସୂତାର, ପାର୍ବତୀ ସୂତାର, ସ୍ମୃତି ରେଖା ସୂତାର, କବିତା ଓଝା, ସରସ୍ୱତୀ ଦଳାଇ, ନିରୁପମା ଦଳାଇ ଓ ରାଧା ଦଳାଇ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ମତ ରଖି ଥିଲେ ।

# ଆଇନ ସଚେତନତା ଓ ପ୍ରଶିକ୍ଷଣ ଶିବିର

କଟକ(ନିପ୍ର): ଓଡିଶା ଲିଗାଲ ଏଡ କାଉନସିଲ ପକ୍ଷରୁ ସାଲେପୁର ତରିତୋ ପଂଚାୟତର ଗୋଠମୀରା ଗ୍ରାମରେ ଆଇନ ସଚେତନତା ଓ ପ୍ରଶିକ୍ଷଣ ଶିବିର ରାଜ୍ୟ ସଦସ୍ୟ ରାଜଲକ୍ଷ୍ମୀ ଦାଶଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ଶିବିର ରେ ରାଜ୍ୟ ସଚିବ ଆଡଭୋକେଟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ଢେଙ୍କାନାଳ ଜିଲା ସଭାପତି ଦିଲ୍ଲୀପ କୁମାର ରାୟଚଉଧୁରୀ ଓ ଚାନ୍ଦିନୀ ବିଶ୍ୱାଳ ଯୋଗ ଦେଇଥିଲେ ଓ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ରାଜୀବ କୁମାର ସେଠୀ ଓ ସନ୍ମାନିତ ଅତିଥିଭାବେ ଶ୍ରୀଯୁକ୍ତ ନାଏବ ସରପଂଚ ଗଗନ ବିହାରୀ ମହାପାତ୍ର ଯୋଗ ଦେଇଥିଲେ ଓ ଉକ୍ତ ଶିବିରରେ ରାଜ୍ୟ ସଚିବ ଅତିଥି ମାନଙ୍କୁ ଉତରିୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଓ କାଉନସିଲର ସଭ୍ୟ ରାଜଲକ୍ଷ୍ମୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ ଓ ଅନୁଷ୍ଠାନର ସଚିବ ଶ୍ରୀ ପଟ୍ଟନାୟକ ଆମର ଦୈନନ୍ଦିନ କାର୍ଯ୍ୟକ୍ରମ ଆଇନର ପରିସରଭୁକ୍ତ , ଯେ କୌଣସି ବସ୍ତୁ କୁ ମନ୍ଦ ଉଦେଶ୍ୟ ରଖି ଅନ୍ୟ ମାନଙ୍କର କ୍ଷତି କରିବା ଭଳି କର୍ମକୁ ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥି ସହିତ ନୂଆ ଆଇନ, ଘରୋଇ ହିଂସା, ଶିଶୁ ଶ୍ରମିକ, ଚଢଉଝଢ ଇମଣ୍ଡ ଓ ପାରିବାରିକ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଓ ମଂଚରେ ଉପସ୍ଥିତ ଥିବା ସ୍ଥାନୀୟ ସରପଂଚ ତାଙ୍କ ବକ୍ତବ୍ୟରେ ଆମ ପଂଚାୟତରେ ଏହି ଅନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ମତପୋଷଣ କରି ସାଧୁବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଙ୍କା ସାହୁ, ପ୍ରଦୀପ୍ତ କୁମାର ଜେନା, ନିରଞ୍ଜନ ସାମଲ, ସୁରେନ୍ଦ୍ରନାଥ ସାହୁ, ଅଭିଜିତ ସାହୁ, ଅନିଲ କୁମାର ପରିଡା, କାମିନୀଲତା ପତି, ବୀରବର ସାହୁ, ସଚିଦାନନ୍ଦ ଆଚାର୍ଯ୍ୟ, ରଞ୍ଜିତା ବିଶ୍ୱାଳ, କାଂଚନ ବିଶ୍ୱାଳ, ରୀତା ବିଶ୍ୱାଳ, ଶୁଭଶ୍ରୀ ବିଶ୍ୱାଳ, ସୁଦାନି ବିଶ୍ୱାଳ, ସବିତା ବିଶ୍ୱାଳ, ସ୍ୱର୍ଣ ଲତା ମଲ୍ଲିକ, ସୁରେନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ନାଥ ସାହୁ, ସତ୍ୟଜିତ ବିଶ୍ୱାଳ, ଧନଞ୍ଜୟ ବିଶ୍ୱାଳ ସତ୍ୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ଓ ଶେଷରେ ମାନସ ରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ




ବାଲିଆପାଳ(ନିପ୍ର): ରବିବାର ଅପରାହ୍ନରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପଂଚାୟତର କଚୁଆପଡ଼ା ସତସଙ୍ଗ କେନ୍ଦ୍ର ପରିସରରେ ଥିବା ଜଗନ୍ନାଥ ସେବା ସଂସ୍ଥାର ୨୨ ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶାଳୀକୁଠା ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଶିଷ୍ଟ କବି ବିବେକାନନ୍ଦ ସାହୁ, ମୁଖ୍ୟ ବକ୍ତା ଭାବରେ ଅବରର ପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ କୁମାର ଦେ, ସମ୍ମାନିତ ଅତିଥି କବି ସୁକୁମାର ଦାସ, ଅଧ୍ୟାପକ ଦୟାନିଧି ସାହୁ, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, କବି ରଞ୍ଜନ କୁମାର ଘୋଷ ଏବଂ ଜଗନ୍ନାଥ ସେବା ସଂସ୍ଥାର ପ୍ରତିଷ୍ଠାତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଜଗନ୍ନାଥ ସେବା ସଂସ୍ଥା ବାର୍ଷିକ ପତ୍ରିକା ଆମ ଗୌରବକୁ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଡ଼ଃ ରଶ୍ମିତା ପାଣିଗ୍ରାହୀ ଅତିଥିଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ଡ଼ଃ ଝାଡେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପାଠ ଏବଂ ଆମ ଗୌରବ ପତ୍ରିକାର ସମୀକ୍ଷା କରିଥିଲେ । ସଂସ୍ଥାର ବରିଷ୍ଠ ସଦସ୍ୟ ସମାଜସେବୀ ଭୁବନ ମୋହନ ପିଳା ଧନ୍ୟବାଦ ଦେଇଥିଲେ । ବାର୍ଷିକ ଉତ୍ସବରେ ବହୁ କବି ସାହିତ୍ୟକ ତଥା ସମାଜସେବୀ ମାନେ ଯୋଗ ଦେଇଥିଲେ । ଶେଷରେ ସଂସ୍ଥାର ପ୍ରତିଷ୍ଠାତା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ପ୍ରଧାନ ଓ ତାଙ୍କ ସହଧର୍ମିଣୀ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଶଙ୍କରୀମଣୀ ପ୍ରଧାନଙ୍କୁ ସମସ୍ତ ଅତିଥି ଓ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ ।

# ପ୍ରଣାମ ଭାରତ ଆନୁକୂଲ୍ୟରେ ନିଯୁକ୍ତିମେଳା




ଜଳେଶ୍ୱର(ନିପ୍ର): ବାଲେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରଣାମ ଭାରତ' ଆନୁକୂଲ୍ୟରେ ଇନିଷ୍ଟିଚ୍ୟୁଟ ଅଫ ଫାର୍ମାସିଟିକାଲ ସାଇନ୍ସ ପରିସରରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ବିଡିଓ ଗୌରାଙ୍ଗ ଘୋଷ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଆଇଆଇସି ଅଶୋକ କୁମାର ବାରିକ, ସମ୍ମାନୀତ ଅତିଥି ଆଇ.ଏଫ.ବି ଇଣ୍ଡାଷ୍ଟ୍ରିର ଏଚ୍‌ଆର୍ ମୁଖ୍ୟ ତାପସ ଡିଗର, ଆସିଷ୍ଟା ଚିତରଂଜନ ଦାଶ, ବିନୋଦ ମହାରଣା, ଉମେଶ କୁମାର ପଣ୍ଡା, ନୃସିଂହ ପ୍ରସାଦ ଦାସମହାପାତ୍ର, ପ୍ରଣାମ ଭାରତର ମୁଖ୍ୟ ସଂଯୋଜକ ପରମାନନ୍ଦ ମହାପାତ୍ର, ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, ସୁକୁମାର ରଣା ପ୍ରମୁଖ ଯୋଗଦେଇ ବେସରକାରୀଭାବେ ଏପରି ନିଯୁକ୍ତିମେଳା ଅନୁଷ୍ଠିତ ହେଉଥିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ଏହି ନିଯୁକ୍ତି ମେଳାରେ ଅଣ୍ଡର ମ୍ୟାଟ୍ରିକ୍, +୨ ଓ ଆଇଟିଆଇ ଯୋଗ୍ୟତାଥିବା ୧୦୦ରୁ ଉର୍ଦ୍ଧ୍ୱ ବେକାର ଯୁବକ ଯୁବତୀ ରେଜିଷ୍ଟ୍ରେସନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୬୦ଜଣଙ୍କୁ ଆଇ.ଏଫ.ବି ଇଣ୍ଡାଷ୍ଟ୍ରିରେ ନିଯୁକ୍ତି ଦିଆଯାଇଥିବା ଜଣାଯାଇଛି । ଉକ୍ତ ଶିବିରରେ ପ୍ରଣାମ ଭାରତର ବରିଷ୍ଠ କର୍ମକର୍ତ୍ତା ପ୍ରଦୀପ୍ତ କାନୁନ ଗୋ, ସାଇରାମ ପଣ୍ଡା, ସୁଶାନ୍ତ ମହାନ୍ତି, ସମୀର ପାତ୍ର, ଶିବନାରାୟଣ ମହାପାତ୍ର, ଅଂଜନ ଦାସ, ଆରତୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଇନିଷ୍ଟିଚ୍ୟୁଟ ଅଫ ଫାର୍ମାସିଟିକାଲ ସାଇନ୍ସର ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

ବୈଶିଙ୍ଗା(ନିପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ରାଇକମା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଶନିବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ବିଜ୍ଞାନ ଭିତିକ କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଗଡ଼ଦେଉଳିଆ ଶାଖା ପରିଚାଳକ ବିବେକାନନ୍ଦ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସାର ସିଭି ରମଣ ଓ ଅବଦୁଲ କଲାମଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳିନ କୁମାର ଚୌଧୁରୀ ଏବଂ ସମ୍ମାନିତ ଅତିଥି ଭାବେ ମୋରଡା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ସେଠୀ, ପୂର୍ବତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଓ ବଂଶୀଧର ଗିରି ଯୋଗ ଦେଇ ବିଜ୍ଞାନ ଭିତିକ ଅଭିଭାଷଣ ପ୍ରଦାନ କରିଥିଲେ । ବିଜ୍ଞାନ ଓ ନାରୀଶକ୍ତିର ସମନ୍ୱୟରେ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଚଳିତ ବର୍ଷର ବିଷୟ ବସ୍ତୁ 'ବିଜ୍ଞାନରେ ନାରୀ: ବିକଶିତ ଭାରତର ଉତପ୍ରେରକ' ବିଷୟ ବସ୍ତୁ ଉପରେ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଶିକ୍ଷକ ରାଜକିଶୋରେ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ମହାନ୍ତ ଓ ଶୁଭବନ୍ତ ନାୟକ ପରିଚାଳନା କରିଥିଲେ । ଶିକ୍ଷକ ନିରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I ,BHADRAK

25001/258/2526

"e" Procurement Notice for Building Works
Bid Identification No. Online Tender 20 of 2025-26

1. Name of the Work :- Building
2. Total No of Works :- 01 No
3. Estimated Cost :- Rs.89.56 Lakh
4. Class of Contractor :- "B" Class
5. Period of Completion :- As per Annexure
6. Type of Tender :- Double Cover
7.Other Details :-

| Procurement Officer | Bid Indentification No. | Availability of Tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | | 4 | 5 | |
| Executive Engineer, Rural Works Division-I, Bhadrak | Online-20 of 2025-26 | 10.03.2026 At- 11.00 A.M | 18.03.2026 At- 4.00 P.M | 18.03.2026 At-2.00 P.M | 19.03.2026 At- 11.00 A.M. | Will be intimated latter |

Further details can be seen from the e-procurement portal "https://tendersodisha.gov.in"
N.B-1. Transparent Lottery date will be intimated later.
2. Signed scan copy of Schedule "A", "E" & "F" are mandatory. Non submission of the same may cause rejection of the bid.

Sd/-Er.Ganesh Chandra Hembram
Executive Engineer,
R.W. Division, Bhadrak

OIPR. 25001/25060/1/25-26/0003

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ



ବାରିପଦା(ନିପ୍ର): ବିଜେପି ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ବାରିପଦାର ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ଜିଲ୍ଲା ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି. ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେପି ରାଜ୍ୟ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ଉପ ସଭାନେତ୍ରୀ ତଥା ପ୍ରଭାରୀ ସିପ୍ରା ବାଜପେୟୀ, ଉଦଳା ବିଧାୟକ ଭାସ୍କର ମଢେଇ, ବଡସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚାର ସଭାପତି କାନ୍ଦରା ସୋରେନ, ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ଉଦଳା ମ୍ୟୁନିସିପାଲଟିର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ସୁଗୁଦା ମୁର୍ମୁ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଶିବିର ର ଲକ୍ଷ ଏବଂ ଉଦେଶ୍ୟ ବିଷୟରେ ଆଲୋଚନା କରିବା ସହ ରାଜ୍ୟ ବଜେଟ, ସମର୍ପଣ ନିଧି, ଏସଆଇଆର ବିଷୟରେ ଚର୍ଚ୍ଚା କରିଥିଲେ । ଜିଲ୍ଲା ସମ୍ପାଦକ ପ୍ରବୀଣ ପାତ୍ର ମଂଚ ପରିଚାଳନା କରିଥିବା ବେଳେ, ଅନ୍ୟତମ ସମ୍ପାଦକ ପ୍ରଦୀପ ମହାନ୍ତି ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରାଣକୃଷ୍ଣ ବେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିବିରରେ ରାଜ୍ୟ ଜିଲ୍ଲା ନେତୃତ୍ୱଙ୍କ ସହ ଜିଲ୍ଲାର ୨୦୦ ରୁ ଅଧିକ ମଣ୍ଡଳ ସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ ।





ସାଧୁମାନଙ୍କୁ ସେବା କଲେ ତିନୋଟି ଗୁଣ ମିଳେ- ବିନୟ, ପ୍ରଭୁଭକ୍ତି ଏବଂ ଉଦାରତା ।

# ଆଜିକାଲି



*ଅଥକେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୁରୁଷଃ ।
ଅନିଚ୍ଛନ୍ନପି ବାର୍ଷ୍ଣେୟ, ବଳାଦିବ ନିଯୋଜିତଃ ॥
(ଶ୍ରୀମଦ୍ ଭଗବଦ୍ ଗୀତା)*

*ଭାବାର୍ଥ : ହେ ହୃଷିକେଶ ! କର୍ମ, ଅକର୍ମ, ନିନ୍ଦା, ସ୍ତୁତି, ପାପପୂଣ୍ୟ, ଭଲମନ୍ଦ, ହାନିଲାଭ, ମଙ୍ଗଳ ଅମଙ୍ଗଳ ଏସବୁ ଜାଣି ମଧ୍ୟ ଲୋକମାନେ କାହା ପ୍ରେରଣାରେ ଏ ପାପ କରନ୍ତି ତାହା ମୋତେ କହନ୍ତୁ ।*

## ସବୁ ଜିଲ୍ଲାକୁ ଯୋଡ଼ିବ ରେଳ

ମୋଦୀ ସରକାର କ୍ଷମତାକୁ ଆସିବା ପରେ ଓଡ଼ିଶାର ରେଳ ବିଭାଗ ଉପରେ କ୍ରମାଗତ ଭାବେ ଗୁରୁତ୍ୱ ଦେଇ ଆସୁଛନ୍ତି । ନୂଆ ନୂଆ ଟ୍ରେନ ସହ ଚାରିଆଡ଼େ ଟ୍ରେନ ଲାଇନ ସଂଖ୍ୟା କ୍ରମାଗତ ବଢ଼ି ଚାଲିଛି । ସଂପ୍ରତି ଖବର ଅନୁଯାୟୀ ରାଜ୍ୟରେ ରେଳ ବିକାଶକୁ କେନ୍ଦ୍ର ସରକାର ୧ ଲକ୍ଷ କୋଟି ମଂଜୁର କରିଥିବା ବେଳେ ମିଳିଛି ୭୦ ହଜାର କୋଟିରୁ ଅଧିକ । କେବଳ ସେତିକି ନୁହେଁ ଦେଶରେ ଅଧିକ ବେଗରେ ଚାଲିଥିବା ବନ୍ଦେ ଭାରତ ଏକ୍ସପ୍ରେସ ରାଜ୍ୟରେ ଆଉ ଦୁଇଟି ସ୍ଥାନକୁ ଏହି ଟ୍ରେନ ଚଳାଚଳ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଅନ୍ୟ ରାଜ୍ୟ ଗୁଡ଼ିକ ସହ ଓଡ଼ିଶାରେ ବ୍ରହ୍ମପୁର- ଟାଟା ଏବଂ ରାଉରକେଲା- ହାୱଡ଼ା ମଧ୍ୟରେ ବନ୍ଦେଭାରତ ଶୁଭାରମ୍ଭ କରିଥିବା ବେଳେ ଆଜି ରାୟପୁର- ବିଶାଖାପାଟଣା ବନ୍ଦେଭାରତ ଟ୍ରେନକୁ ଉଦ୍‌ଘାଟନ କରିଛନ୍ତି । ବ୍ରହ୍ମପୁର- ଜାମସେଦପୁର ଟାଟା ମଧ୍ୟରେ ଆରମ୍ଭ ହୋଇଥିବା ବ୍ରହ୍ମପୁରରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ପର୍ଯ୍ୟନ୍ତ ଏହି ଦ୍ରୁତଗାମୀ ଟ୍ରେନରେ ଗସ୍ତ କରି ବହୁ ଯାତ୍ରୀଙ୍କ ସହ ଆଲୋଚନା କରିଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଏହି ଦୁଇଟି ଟ୍ରେନ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ଯୋଡ଼ି ହେବ । ରାଜ୍ୟରେ ଡବଲ ଇଂଜିନ ସରକାର ଚାଲିଥିବା ବେଳେ କେନ୍ଦ୍ର ଓଡ଼ିଶା ରେଳ ପ୍ରକଳ୍ପ ପାଇଁ ନୂଆ ନୂଆ ଭେଟି ରେଳଯାତ୍ରୀଙ୍କ ପାଇଁ ନିଶ୍ଚିତ ଭାବେ ଖୁସିର ଖବର ବୋଲି କୁହାଯିବ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଜୋର ଦେଇ କହିଛନ୍ତି ଯେ ରାଜ୍ୟର ସମସ୍ତ ଜିଲ୍ଲାକୁ ଖୁବ୍ ଶୀଘ୍ର ରେଳ ସଂଯୋଗ କରିବ । ଏଥିପାଇଁ ଦୋହରା ରେଳ ଲାଇନ କାର୍ଯ୍ୟ ଜୋରସୋରରେ ଚାଲିଛି ଏବଂ ରାଜ୍ୟ ସରକାର ରେଳ ଲାଇନ ପ୍ରସ୍ତୁତି ପାଇଁ ଚାରିଆଡ଼େ ଜମି ଯୋଗାଇ ଦେବାରେ ବ୍ୟବସ୍ଥା ଚଳାଇଛନ୍ତି । ଗୋଟିଏ ପକ୍ଷରେ ମହିଳା ସୁଭଦ୍ରା ଯୋଜନା ପାଇଁ କାର୍ଯ୍ୟକାରୀ ହୋଇଥିବା ବେଳେ ପ୍ରସ୍ତୁତ ହୋଇଥିବା ଆହୁରି ବହୁ ଯୋଜନା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ମୋହନ ସରକାର ଜୋର ଦେଇ ପ୍ରକାଶ କରିଛନ୍ତି । ଅତୀତରେ କେନ୍ଦ୍ର ରେଳ ଲାଇନର ଓଡ଼ିଶାକୁ ବାରମ୍ବାର ଅବହେଳା କରୁଥିବା ଅଭିଯୋଗ ହେଉଥିଲା ଏବଂ କେତେକ ଜିଲ୍ଲା ସହ ରେଳ ସଂଯୋଗ ହୋଇ ପାରୁ ନଥିଲା । ଯଦିଓ ରେଳ ବିଭାଗ ଓଡ଼ିଶାରୁ ବିପୁଳ ଅର୍ଥରାଶି ସଂଗ୍ରହ କରିଥିଲେ ମଧ୍ୟ ରେଳ ବିକାଶ ଉପରେ ଆଦୌ ଗୁରତ୍ୱ ଦେଉ ନଥିଲେ । ଏଥିପାଇଁ ବିରୋଧି ଦଳ ପକ୍ଷରୁ ବିଧାନସଭାରେ ବହୁବାର କେନ୍ଦ୍ର ରେଳବାଇକୁ ବିରୋଧ କରାଯାଇଥିଲା । ଯଦିଓ କଂଗ୍ରେସ ସରକାର ଅମଳରେ କିଛିଟା ରେଳ ବିଭାଗ ପ୍ରସାର କରିଥିଲା ତାହା ସମୁଦ୍ରକୁ ଶଂଖେ ଭଳି । କିନ୍ତୁ ମୋଦୀ ସରକାର କେନ୍ଦ୍ରକୁ ଆସିବା ପରେ ରାଜ୍ୟର ରେଳପଥ ପ୍ରସାର ଓ ବହୁ ନୂଆ ଟ୍ରେନ ଚଳାଚଳ କରି ଚାଲିଛି । ପୁଣି କେତେକ ନୂଆ ଟ୍ରେନ ରାଜ୍ୟରେ ବିଭିନ୍ନ ସ୍ଥାନରେ ଖୁବ୍ ଶୀଘ୍ର ଗଡ଼ିବ ବୋଲି ରେଳମନ୍ତ୍ରୀ ବାରମ୍ବାର ଘୋଷଣା କରିଛନ୍ତି । ଏଥି ସହ ରାଜ୍ୟରେ ରେଳ ପ୍ରସାର ପାଇଁ ରେଳମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ବାରମ୍ବାର ଆଲୋଚନା କରିଥିବା ଆଉ ଏକ ଭଲ ଖବର । ଆମେ ଆଶା କରୁଛୁ ଅନ୍ୟ ରାଜ୍ୟ ତୁଳନାରେ ରାଜ୍ୟର ରେଳ ପ୍ରସାର ଆହୁରି ଜୋରଦାର ହେବ ଏଥିରେ ଦ୍ୱିମତ ହେବାର ନାହିଁ ।

# ବାହାବଙ୍ଗା : ସୁଖ, ଶାନ୍ତି ଓ ସମୃଦ୍ଧିରମହାପୂଜା

◆ ଦଶରଥ ହେମ୍ବ୍ରମ୍





ମାନବ ସଭ୍ୟତାର ଇତିହାସ ଯେତିକି ପୁରୁଣା, ଆଦିବାସୀ ସାନ୍ତାଳ ମାନଙ୍କରଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ ଓ ପରମ୍ପରା ମଧ୍ୟ ସେତିକି ପ୍ରାଚୀନ । ଏହାକେବଳ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ସୀମିତ ନୁହେଁ, ବରଂ ପ୍ରକୃତିସହମଣିଷର ନିବିଡ଼ ସମ୍ପର୍କର ଏକ ଜୀବନ୍ତ ଦସ୍ତାବିଜ ଏବଂ ଅବିଚ୍ଛେଦ୍ୟ ଅଙ୍ଗ । ଏହାସାନ୍ତାଳୀ ସଂସ୍କୃତିର ସବୁଠାରୁ ବଡ଼ବିଶେଷତ୍ୱହେଲା 'ପ୍ରକୃତି ପୂଜା' । ଯେତେବେଳେ ସମଗ୍ରବିଶ୍ୱଜଳବାୟୁ ପରିବର୍ତନ ଭଳିସମସ୍ୟାସହଲଢୁଛି, ସେତେବେଳେ ଆଦିବାସୀସାନ୍ତାଳ ସମାଜ ଆମକୁମନେ ପକାଇ ଦିଅନ୍ତି ଯେ, ଜଙ୍ଗଲ, ପାହାଡ଼, ଝରଣାଏବଂ ନଦୀ କେବଳସମ୍ବଳ ନୁହେଁ, ବରଂଏହା ଆମର ମୂଲ୍ୟବାନ ଜୀବନ ଅଟେ ।ଏହିଚାରୋଟି ଶବ୍ଦ କେବଳସ୍ଲୋଗାନ ନୁହେଁ, ଏହାସାନ୍ତାଳଙ୍କଜୀବନର ଆଧାର ଓ ସୁରକ୍ଷାକରିବାତାଙ୍କର ମୌଳିକକର୍ତବ୍ୟ । ତେଣୁ ସେମାନେ ହେଉଛନ୍ତି 'ପ୍ରକୃତି ପୂଜକ', 'ଆକୃତି' ବାମୂର୍ତି ପୂଜକ ନୁହନ୍ତି ।ସେମାନଙ୍କର ଆସ୍ଥା, ଅସ୍ତିତ୍ୱ, ସଂସ୍କୃତି, ପରମ୍ପରା ଏବଂରୀତିନୀତିସମ୍ପୂର୍ଣ୍ଣ ଅଲଗା ହୋଇଥିବାରୁସୂର୍ଯ୍ୟ, ଚନ୍ଦ୍ର ଆକାଶ, ବଣ, ଜଙ୍ଗଲ, ପାହାଡ଼, ନଦୀ, ଝରଣା, ପଥର ଓ ବୃକ୍ଷକୁ ଦେବତା ମାନନ୍ତି ଓ ସେମାନଙ୍କୁ ପୂଜାକରନ୍ତି । ପ୍ରକୃତିସହଜଡ଼ିତ ଆଦିବାସୀସାନ୍ତାଳଙ୍କ ପବିତ୍ର 'ବାହାବଙ୍ଗା' ହେଉଛିସୁଖ, ଶାନ୍ତି ଓ ସମୃଦ୍ଧିର ମହାପୂଜା । ବାରମାସତେର ପରବମଧ୍ୟରୁବାହାବଙ୍ଗାହେଉଛି ଅନ୍ୟତମ । ଏହାସାନ୍ତାଳୀ ସଂସ୍କୃତି ଅନୁସାରେ ଦ୍ୱିତୀୟ ପ୍ରମୁଖ ପୂଜାପର୍ବ ବୋଲି ଗଣନାକରାଯାଏ । କିନ୍ତୁବାହାବଙ୍ଗା (ଫୁଲପୂଜା) ନ ହେବା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ପାଇଁଗାଁରେ ଫୁଲଫଳର ବ୍ୟବହାରବାରଣକରାଯାଇଥାଏ ।ତେଣୁ ପରମ୍ପରା ଅନୁସାରେ ଫଗୁଣମାସରେ ଫୁଟୁଥିବା ନୂଆ ଫୁଲଫଳକୁ ଜାହିରା ଥାନ ଅର୍ଥାତସାନ୍ତାଳମାନଙ୍କର ଧର୍ମ ପୂଜାପୀଠ ନିକଟକୁ ଆଣିଥାନ୍ତି । ପୂଜା ସମାଗ୍ରୀମଧ୍ୟରେ କଅଁଳ ଶାଳଫୁଲଏବଂମହୁଲ ଫୁଲକୁମୁଖ୍ୟସାମଗ୍ରୀଭାବେ ନିଆଯାଇ ଥାଏ । ଏହି ଅବସରରେ ପୂଜାରୀ ନାୟକେ ବାବାଙ୍କୁ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଧର୍ମପୀଠଜାହିରାକୁ ପାଛୋଟି ନେଇଥାନ୍ତି ।ତେବେତିଥି ଅନୁସାରେଏହିବାହାବଙ୍ଗା ଫଗୁଣ



ମାସର ଶୁକ୍ଲପକ୍ଷଠାରୁ ଆରମ୍ଭ କରି ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପୂଜା ପାଳନ ହୋଇଥାଏ । ପ୍ରାଚୀନ କାଳରୁ ଚାଲି ଆସୁଥିବା ଏହିବଙ୍ଗାରେ କଅଁଳଶାଳଫୁଲ ଏବଂ ମହୁଲ ଫୁଲକୁ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନାକରାଯାଇଥାଏ । ପୁରୋହିତ ନାଏକେବାବା ସମସ୍ତଗ୍ରାମବାସୀଙ୍କମଙ୍ଗଳ ପାଇଁ ଦେବତା ମାନଙ୍କୁ ପ୍ରାର୍ଥନାକରନ୍ତି । ପୂଜାଶେଷରେ ନାୟକେବାବାଙ୍କଠାରୁ ଦେବୀ ଦେବତାଙ୍କଠାରେ ଅର୍ପଣ କରାଯାଇଥିବାଶାଳ ଓ ମହୁଲ ଫୁଲକୁ ଆଶୀର୍ବାଦ ସ୍ୱରୂପ ଗ୍ରହଣକରିଥାନ୍ତି । ପରେ ପୁରୁଷମାନେ କାନରେ ଓ ମହିଳା ମାନେ ମୁଣ୍ଡରେ ଶାଳଫୁଲ ଖୋସିଗୀତନାଚ ରେ ମସଗୁଲ ହୋଇଥାନ୍ତି । ଜାହିରାରେ ପୂଜାକଲେମାନସିକ ପୂରଣ ହୁଏବୋଲି ବିଶ୍ୱାସରହିଥିବାରୁ ଶ୍ରଦ୍ଧାଳୁଭିଡ଼ ଲାଗିଥାଏ । ଏହାଦ୍ୱାରାସୁଖ, ଶାନ୍ତି ଓ ଯଶପ୍ରାପ୍ତି ହୋଇଥାଏ ବୋଲିଏମାନଙ୍କମଧ୍ୟରେବିଶ୍ୱାସରହିଛିଏବଂ ଅଂଚଳରବିକାଶ ପାଇଁ ପ୍ରକୃତିସହଜଡ଼ିତ ଆଦିବାସୀ ସାନ୍ତାଳଙ୍କଏହି ପର୍ବ ଯୁଗ ଯୁଗ ଧରି ପାଳନ ହୋଇଆସୁଛି । ବାହାବାଙ୍ଗାରଶେଷ ଦିନରେ ଅର୍ଥାତ 'ଆଗ୍ରାଳା' ଦିବସ ପ୍ରଥା ରହିଛି ।ଏହି ଦିନରେଗୃହ ଦେବତାଙ୍କୁ ପୂଜାର୍ପଣକରି ଆଶୀର୍ବାଦ ଓ ଶୁଭପ୍ରାପ୍ତି ପାଇଥାନ୍ତି ।ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରିତ ହୋଇ ଆସିଥାନ୍ତି । ସମସ୍ତଙ୍କ ଘରେ ଭୋଜିଭାତରଉ ତ୍ସବ ଦେଖିବାକୁ ମିଳିଥାଏ । ଆନନ୍ଦ ଓ ଉଲ୍ଲାସରେଏହି ଦିନ ବିତିଯାଏ । କିନ୍ତୁଏହିଦିନରେ ପ୍ରଥା ଓ ପରମ୍ପରା ଅନୁସାରେ ଗ୍ରାମବାସୀ ମାନେ ବଣଜଙ୍ଗଲକୁଶିକାରକରିବାକୁ ଯାଆନ୍ତି । ପକ୍ଷୀ ହେଉ କିମ୍ବା ଯେ କୌଣସିଜୀବଟିଏଶିକାରକରି ଆଣିଲେ ତାହାଶୁଭ ବୋଲି ବିବେଚନା କରାଯାଏ । ସନ୍ଧ୍ୟାସମୟରେ ପୁରୋହିତଙ୍କ ଘରେ 'ଆଗ୍ରାଳା' ମାଙ୍ଗଳିକକାର୍ଯ୍ୟବିଧି ଅନୁସାରେ ସମ୍ପନ୍ନ ହୁଏ । ଏହି କାର୍ଯ୍ୟସାରିବା ପରେ ଉପବାସରେ ରହିଥିବା ପୁରୋହିତଙ୍କୁମୁକ୍ତ କରିବା ପାଇଁ ପ୍ରଥମେତାଙ୍କଘରେ ଉପ-ପୁରୋହିତଙ୍କ ସମେତ ଅନ୍ୟମାନେ ହାଣ୍ଡିଆ ପିଇବାର ବ୍ୟବସ୍ଥା କେଉଁକାଳରୁ ରହିଆସିଛି । ପ୍ରତ୍ୟେକ ସାନ୍ତାଳଗାଁକୁ ସୁନ୍ଦର ଓ ସରସକରିବା ପାଇଁ ନୃତ୍ୟ- ଗୀତର ଆସରଜମିଥାଏ, ସେମାନଙ୍କରବିଶ୍ୱାସ ଯେ ମାଦଳ ଶବ୍ଦ ଶୁଣିଲେସ୍ୱର୍ଗରୁ ଦେବତା ମାନେ ଓହ୍ଲାଇଆସନ୍ତି । ଏହାଦ୍ୱାରା ଭଲ ବୃଷ୍ଟିପାତ ହେବ, ବର୍ଷସାରା ଶୁଭଦାୟକ ହେବ ଏବଂ ଭଲ ଅମଳହେବ । ତେଣୁ ନାଚିବା ଲାଗି ପୁଅ ମାନେ ମାଦଳ ଓ ନାଗରା ବଜାଇଥାନ୍ତି । ବାଦ୍ୟର ତାଳେ ତାଳେ ଝିଅମାନେ ନାଚିଥାନ୍ତି ଲମ୍ବାସମୟ ଧରି ।ଗାଁରେ ଏହି ମହାପୂଜାକୁ ସରସ ସୁନ୍ଦର କରିବା ଲାଗି ଘର ଗୁଡ଼ିକୁ ସାଜସଜ୍ଜା କରାଯାଇଥାଏ । ଗ୍ରାମବାସୀମାନେ ଗୀତ ଗାଇଗାଇ 'ବାହାବଙ୍ଗା'କୁଉଲ୍ଲାସରେବିଦାୟ ଦେଇଥାନ୍ତି ।

ବାଲେଶ୍ୱର, ମୋ -୯୩୩୭୪୦୪୨୫୪
*ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦*

# ଆତ୍ମହତ୍ୟା ପ୍ରବଣତା

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭାରତୀୟ ଯୁବକ-ଯୁବତୀ ସେମାନଙ୍କର ଜୀବନ ହାରିଦେବା ଏବେ ଏକ ଉଦ୍‌ବେଗଜନକ ପର୍ଯ୍ୟାୟରେ ପହଁଚିଛି, ଯାହାକି ପରିସଂଖ୍ୟାନ ରପୋର୍ଟ କହେ । ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୨ରେ ଦେଶରେ ୧,୭୦,୯୨୪ ଯୁବକ-ଯୁବତୀ ଆତ୍ମହତ୍ୟା କରିଛନ୍ତି । ଯାହାକି ବିଶ୍ୱରେ ସବୁଠାରୁ ସର୍ବାଧିକ । ସେହିପରି ସେମାନଙ୍କର ବୟସ ୧୮ରୁ ୩୦ମଧ୍ୟରେ ଅର୍ନ୍ତଭୁକ୍ତ ଥିବା ବେଳେ ସେମାନଙ୍କ ମଧ୍ୟରୁ ୩୫ପ୍ରତିଶତ ପ୍ରାପ୍ତବୟସ୍କ ଏବଂ ୬ପ୍ରତିଶତ ନାବାଳକ ବୋଲି ରିପୋର୍ଟରେ ଦର୍ଶାଯାଇଛି । କେବଳ ଯୁବଗୋଷ୍ଠୀ ନୁହଁନ୍ତି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି । ଯାହାକି ମୋଟ ଆତ୍ମହତ୍ୟା କରିଥିବା ଯୁବଗୋଷ୍ଠୀଙ୍କ ମଧ୍ୟରେ ୭.୬ ପ୍ରତିଶତ । ଗତ ୨୦୨୨ରେ ଦେଶରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୩, ୦୪୪ ଥିଲା । ତେବେ ୨୦୨୨ ରେ କେବଳ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ୪ ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଇଛି । ଏଭଳି ମାନସିକତା ନିଶ୍ଚିତ ଭାବେ ଚିନ୍ତାଜନକ, ଏଥିରେ ସନ୍ଦେହ ନାହିଁ । ସେହିପରି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(ହୁ) ରିପୋର୍ଟରେ କୁହାଯାଇଛି ଯେ, ୧୫ ରୁ ୨୯ବର୍ଷ ମଧ୍ୟରେ କିଶୋର-କିଶୋରୀ, ଯୁବକ-ଯୁବତୀଙ୍କ ଆତ୍ମହତ୍ୟା ଘଟଣା ଏବେ ବିଶ୍ୱରେ ତୃତୀୟ ସର୍ବାଧିକ ମୃତ୍ୟୁ ଭାବେ ଉଭା ହୋଇଛି । ୨୦୨୪ରେ ସ୍ପ୍ରିଙ୍ଗରରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ବାର୍ଷିକ ୫୨, ୦୦୦ କିଶୋର-କିଶୋରୀ ଆତ୍ମହତ୍ୟା କରି ଜୀବନ ହରାଉଛନ୍ତି । ପରୀକ୍ଷା ଜନିତ ଚାପ, ଉତମ ଫଳାଫଳ, ଅଭିଭାବକମାନଙ୍କ ଉଚ୍ଚାଭିଳାଷ, ଶିକ୍ଷାନୀତିରେ ର୍ୟାଙ୍କ, ପ୍ରତିଯୋଗିତା, ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଗୁଡିକରେ ପ୍ରତିଯୋଗିତାମୂଳକ ଚାପ ଏବଂ ମାନସିକ ଚାପ ଯୋଗୁଁ ଅତିଶୟ ଭାରାକ୍ରାନ୍ତ ଯୋଗୁଁ ଶେଷରେ କୋମଳମତି ଛାତ୍ରଛାତ୍ରୀମାନେ ଜୀବନ ହାରିବାକୁ ବାଧହେଉଛନ୍ତି ବୋଲି ନିକଟରେ ଅନୁଷ୍ଠିତ ଜାତୀୟ ଆତ୍ମହତ୍ୟା ନିରାକରଣ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ପ୍ରତିଯୋଗିତା ମୂଳକ ପରୀକ୍ଷାର କୋଚିଂ ହବ୍ ଭାବେ ପରିଚିତ କୋଟା'ରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରୀକ୍ଷା ଜନିତ ଚାପ ଯୋଗୁଁ ବଢିବାରେ ଲାଗିଥିବା କୁହାଯାଏ । ଚଳିତ ୨୦୨୫ରେ ମାତ୍ର ଦୁଇ ମାସ ମଧ୍ୟରେ ୭ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିସାରିଲେଣି । ଗତ ୨୦୨୪ରେ ୩୨ଜଣ ଛାତ୍ରଛାତ୍ରୀ କୋଟାରେ ଆତ୍ମହତ୍ୟା କରିଥିଲେ । ଆହୁରି ମଧ୍ୟ ଦେଶରେ ଯଥେଷ୍ଟ ମାତ୍ରାରେ ନିଯୁକ୍ତି ନଥିବା, ବେକାରୀ, ବେରୋଜଗାରୀ ବୃଦ୍ଧି ଯୋଗୁଁ ବା ହତାଶ ହୋଇ ଯୁବଗୋଷ୍ଠୀ ଶେଷରେ ଜୀବନ ହାରିବା ପନ୍ଥା ବାଛି ନେଉଛନ୍ତି । ଦେଶରେ କେତେକ ସୁନାମଧନ୍ୟ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ, ତଥା ଆଇଆଇଟି ଡାକ୍ତରୀ କଲେଜରେ ମଧ୍ୟ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ବଢିବାରେ ଲାଗିଛି । ସେହିପରି ଶ୍ରମିକଙ୍କ କ୍ଷେତ୍ରରେ ନିର୍ଯ୍ୟାତନା, ବାଛବିଚାର ଯୋଗୁଁ ଯୁବଗୋଷ୍ଠୀ ଦିନ ମଜୁରିଆଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ବେଳେ ପ୍ରେମରେ ବିଫଳତା, ପ୍ରତାରଣା, ଦାରିଦ୍ର୍ୟତା ଯୋଗୁଁ ବହୁ ଯୁବକଯୁବତୀ ନବ ବିବାହିତା ଆତ୍ମହତ୍ୟା ଘଟଣା ମଧ୍ୟ ବଢିବାରେ ଲାଗିଛି । ଏହା ନିସନ୍ଦେହ ଯେ, କୋମଳମତି ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ନିରାକରଣ ପାଇଁ ଭାରତ ମାନସିକ ସ୍ୱାସ୍ଥ୍ୟ ଉପରେ ଅଗ୍ରାଧିକାର ଦେବା ଜରୁରୀ । ଜାତୀୟ ଶିକ୍ଷାନୀତିରେ ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ବିଷୟବସ୍ତୁ ପ୍ରଚଳନ ଏ ଦିଗରେ ଏକ ସକରାତ୍ମକ ପଦକ୍ଷେପ । ତେବେ ଏହି ପାଠ୍ୟକ୍ରମକୁ ବିଭିନ୍ନ ସହବନ୍ଧିତ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ କରାଯିବା ଜରୁରୀ । ସର୍ବଭାରତୀୟ ପ୍ରତିଯୋଗିତା ମୂଳକ ଶିକ୍ଷାକ୍ରମରେ, ଡାକ୍ତରୀ ଶିକ୍ଷାନୁଷ୍ଠାନ, ନିଯୁକ୍ତି କ୍ଷେତ୍ରରେ ପରୀକ୍ଷା ପାଇଁ କୋଚିଂ ଦେଉଥିବା ଶିକ୍ଷାନୁଷ୍ଠାନରେ ମଧ୍ୟ ମାନସିକ ସ୍ୱାସ୍ଥ୍ୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି । ଏହା ବ୍ୟତୀତ ମାନସିକ ସ୍ତରରେ ଦୁର୍ବଳ ହୋଇପଡିଥିବା ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ମାନସିକ ଦୃଢତା ପାଇଁ ଆବଶ୍ୟକୀୟ ଅତ୍ୟାଧୁନିକ ଚିକିତ୍ସା ସୁବିଧା ମଧ୍ୟ ସୁଲଭ ମୂଲ୍ୟରେ ବା ମାଗଣାରେ ଯୋଗାଇଦେବାର ଆବଶ୍ୟକତା ରହିଛି । ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ଧୈର୍ଯ୍ୟ ହରା ନହୋଇ ମାନସିକ ସ୍ତରରେ ସୁସ୍ଥ, ସବଳ ରହିବାକୁ ନିଜକୁ ନିଜେ ପ୍ରସ୍ତୁତ କରିବାକୁ ହେବ । ଜୀବନ ହେଉଛି ଅମୂଲ୍ୟ ସମ୍ପଦ, ଏହା ମନେ ରଖିବାକୁ ହେବ ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼,-୭୫୧୦୦୨, ମୋ-୭୯୭୮୬୬୬୪୦୩*

# ଜିହ୍ୱା କର୍କଟର ଲକ୍ଷଣ ଓ ନିରାକରଣ

◆ ଡାକ୍ତର ସରୋଜ ଦାସ ମଜୁମ୍‌ଦାର



ଜିହ୍ୱା କର୍କଟ ବା ଜିଭ କର୍କଟ ହେଉଛି କର୍କଟର ଅନ ଏକ ରୂପ ଯାହା ଜିଭ କୋଷରେ ଆରମ୍ଭ ହୋଇଥାଏ । ଅନେକ ପ୍ରକାରର କର୍କଟ ଜିଭକୁ ପ୍ରଭାବିତ କରିପାରେ । କିନ୍ତୁ ଜିଭ କର୍କଟ ମୁଖ୍ୟତଃ ପତଳା, ଫ୍ଲାଟ୍ ସ୍କ୍ୱାମସ୍ କୋଷଗୁଡ଼ିକରେ ଆରମ୍ଭ ହୁଏ ଏବଂ ଏହା ଜିଭର ପୃଷ୍ଠରେଖାରେ ପ୍ରଥମେ ସଂକ୍ରମିତ ହୋଇଥାଏ । ଜିଭର ପୃଷ୍ଠଭାଗରେ ଯଦି କିଛି ଅସ୍ୱାଭାବିକ ପରିବର୍ତନ ଦେଖା ଯାଏ ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିନେବା ଉଚିତ୍ । ପ୍ରାଥମିକ ଅବସ୍ଥାରୁ ଜିଭ କର୍କଟରେ ପୀଡ଼ିତ ବ୍ୟକ୍ତିମାନେ ଏହାର ଚିକିତ୍ସା କଲେ ଅତି ସହଜରେ ଉପଚାର ମିଳିଥାଏ । ଗଳାରେ, ଜିଭ ମୂଳରେ ଯେଉଁଠାରେ ଜିଭ କର୍କଟ (ହାଇପୋଫାର୍ଜିଙ୍ଗାଲ) ଭଳି ସାମାନ୍ୟତମ ଲକ୍ଷଣ ଦେଖା ଦେଉଛି ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରିନେବା ଉଚିତ୍ । କିନ୍ତୁ ଯଦି ତାହାକୁ ଆପଣ ବିଳମ୍ବ କରିଦିଅନ୍ତି ତେବେ ଏହା କ୍ରମଶଃ ଟ୍ୟୁମର ଭଳି ବଢ଼ିବା ସହ ବେକରେ ଥିବା ଲସିକା ଗ୍ରନ୍ଥିକୁ ଆକ୍ରାନ୍ତ କରି ଜଟିଳ ରୂପ ଧାରଣ କରିଥାଏ । ଯାହାକି ପରବର୍ତୀ ପର୍ଯ୍ୟାୟରେ ଏହା ଜଟିଳ ହୋଇ ଆପଣଙ୍କ ଜୀବନ ପ୍ରତି ଅଧିକ ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି । ଜିଭ ମୂଳରେ ଥିବା କର୍କଟ ମାନବ ପାପିଲୋମାଭାଇରସ୍ ସହିତ ଜଡ଼ିତ ଯାହା କର୍କଟ ରୋଗର ପୂର୍ବାନୁମାନ ଏବଂ ଚିକିତ୍ସା ଉପରେ ଗଭୀର ପ୍ରଭାବ ପକାଇଥାଏ । ଜିଭ କର୍କଟ ରୋଗର ଚିକିତ୍ସା ସାଧାରଣତଃ କେମୋଥେରାପି, ବିକିରଣ ଚିକିତ୍ସା ଏବଂ କିଛି ନିର୍ଦ୍ଦିଷ୍ଟ ଔଷଧ ଦ୍ୱାରା କରାଯାଇଥାଏ । ଜଟିଳ ଜିଭ କର୍କଟ ହେଲେ ଆପଣଙ୍କ ଖାଇବାରେ କଷ୍ଟ ଅନୁଭବ କରିପାରନ୍ତି । କିଛି ବ୍ୟକ୍ତି ଏହି ଜିଭ କର୍କଟକୁ ଅତି ହାଲ୍କା ଭାବେ ନେଇଥାନ୍ତି । ଏହି କର୍କଟ ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଅଧିକ ମାତ୍ରାରେ ପରିଲକ୍ଷିତ ହୋଇଥାଏ । ଅର୍ଥାତ ୪୦ରୁ ଉର୍ଦ୍ଧ୍ୱ ବର୍ଷର ବ୍ୟକ୍ତିଙ୍କ କ୍ଷେତ୍ରରେ ଜିଭ କର୍କଟ ଦେଖାଦେଇଥାଏ । ଯଦିଓ ଏବେ ଯୁବକଙ୍କ କ୍ଷେତ୍ରରେ କିଛିମାତ୍ରାରେ ଦେଖାଯାଉଛି । ଧୂମ୍ରପାନ ଏବଂ ମଦ୍ୟପାନ ଏହି ଜିଭ କର୍କଟର ମୁଖ୍ୟ କାରଣ ବୋଲି ବିବେଚନା କରାଯାଏ । ଧୂମ୍ରପାନ କରୁନଥିବା ବ୍ୟକ୍ତିଙ୍କ ଠାରୁ ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି କର୍କଟ ୫ଗୁଣ ଅଧିକ ପରିଲକ୍ଷିତ ହୋଇଥାଏ । ହ୍ୟୁମାନ୍ ପାପିଲୋମା ଭାଇରସ୍ (ଏଚ୍ପିଭି) ଯାହାକି ଏକ ସେକ୍ସୁଆଲ୍ ଟ୍ରାନ୍ସମିଟେଡ୍ ଡିଜିଜ୍ ଏହି ରୋଗର ବାହକ ବୋଲି ବିବେଚନା କରାଯାଏ । ଅର୍ଥାତ ଏଚ୍ପିଭି ୧୬ ଓ ଏଚ୍ପିଭି ୧୮ ଜିଭ କର୍କଟ ବୃଦ୍ଧିର ଅନ୍ୟତମ କାରଣ ହୋଇଥାଏ । ଏସିଆ ମହାଦେଶର ବ୍ୟକ୍ତିଙ୍କ ଅପେକ୍ଷା ସାଧାରଣତଃ ଆଫ୍ରିକୀୟ ଓ ଆମେରିକୀୟ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ଜିଭ କ୍ୟାନ୍ସର ଅଧିକ ପରିଲକ୍ଷିତ ହୋଇଥାଏ । ଏହି ରୋଗର ଲକ୍ଷଣ ମୁଖ୍ୟତଃ ସାଧାରଣ ହୋଇଥାଏ । ଜିଭର ପୃଷ୍ଠଭୂମି ଯଦି ଲାଲ୍ କିମ୍ବା ଗୋଲାପୀ ଦେଖାଯାଏ ଓ ସେଥିରୁ ରକ୍ତ କ୍ଷରଣ ହୁଏ ତେବେ ଏହା ଜିଭ କର୍କଟର ପ୍ରାଥମିକ ସ୍ଥିତି ହୋଇ ଥାଏ । ଏଭଳି ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ବିଶେଷଜ୍ଞଙ୍କ ସହ ପରାମର୍ଶ କରାଯିବା ଉଚିତ୍ । କେବଳ ଏତିକି ନୁହେଁ ଖାଦ୍ୟ ଚୋବାଇବାରେ କଷ୍ଟ ଅନୁଭବ ଏବଂ ସ୍ୱାଦ ବାରିବାରେ ଅସୁବିଧା ହୁଏ ତେବେ ଏହା ମଧ୍ୟ ଜିଭ କର୍କଟର ଆଉ ଏକ ଲକ୍ଷଣ ବୋଲି ଧରା ଯାଇ ଥାଏ । ଏଭଳି ରୋଗ ହେଲେ କ୍ରମଶଃ ସ୍ୱର ମଧ୍ୟ ପରିବ□ନ ହୋଇ ଥାଏ । ଏହାର ଚିକିତ୍ସା ପଦ୍ଧତି ମଧ୍ୟ ଅତ୍ୟନ୍ତ ସରଳ । ରେଡିଏସନ୍ ଥେରାପି ଓ କେମୋଥେରାପି ମାଧ୍ୟମରେ ଏହାର ଚିକିତ୍ସା ହୋଇଥାଏ । ପ୍ରାଥମିକ ସ୍ତରରେ ଚିକିତ୍ସା ଆରମ୍ଭ ହେଲେ ରୋଗୀଟି ନିଶ୍ଚିତ ଭାବେ ସୁସ୍ଥ ହୋଇଯାଏ । ଧୂମ୍ରପାନ, ମଦ୍ୟପାନ ଓ ଗୁଟୁଖା ଆଦି ଖାଇବା ଦ୍ୱାରା ଏହି ରୋଗ ବହୁଳ ମାତ୍ରାରେ ହେଉଥିବାରୁ ପ୍ରତ୍ୟେକ ବ୍ୟକ୍ତି ଏସବୁରୁ ନିବୃ□ ରହିବା ଉଚିତ୍ ।

*ରେଡିଏସନ ଆଙ୍କୋଲୋଜିଷ୍ଟ, ଏମ୍ସ, ଭୁବନେଶ୍ୱର:୯୯୩୮୯୮୮୫୪୫*

# ତୀର୍ଯ୍ୟକ

## କହିଲେ କହିବ କହୁଛି

ଦୁନିଆରେ ସ୍ୱର୍ଗ କହିଲେ ଆମେ ପରିବାରକୁ ହିଁ ବୁଝାଇ ଥାଉ । ପରିବାର ମଧ୍ୟରେ ପ୍ରତ୍ୟେକ ସଦସ୍ୟ ସ୍ନେହ, ଶ୍ରଦ୍ଧା, ଭଲପାଇବା ମଧ୍ୟରେ ବନ୍ଧନଯୁକ୍ତ ହୋଇ ପରସ୍ପର ମଧ୍ୟରେ ଆପଣା ଭାବ ରଖି ପରିବାରକୁ କିପରି ସୁଦୃଢ଼ ଓ ସୁଶୃଙ୍ଖଳ କରାଯାଇ ତାହାର ଗୁରୁତ୍ୱ ଆଣିବା ସଂଗେ ସଂଗେ ପ୍ରତ୍ୟେକଙ୍କ ପାଇଁ ଜୀବନକୁ ଅମୂଲ୍ୟ ଭାବି ଖୁସିରେ ବଂଚି ପାରିବା ସେଥିପ୍ରତି ଗୁରୁତ୍ୱ ଦିଆଯାଇଥାଏ । ପ୍ରତ୍ୟେକ ଜୀବନରେ ହସ- କାନ୍ଦ, ସୁଖ- ଦୁଃଖ ମାଧ୍ୟମରେ ଭଗବାନ ସ୍ଥିର ରଖିଥାନ୍ତି । ତାହା ଯଦି ଜୀବନରେ ନ ରହେ ତାହାଲେ ମଣିଷ ଜୀବନର ସ୍ୱାଦ କିଛି ଜାଣିପାରିବ ନାହିଁ । ପରିବବାର ଜୀବନଧାରଣ ପରିଧି ମଧ୍ୟରେ ସବୁ କିଛି ସମସ୍ୟା, ଘଟଣା, ଦୁର୍ଘଟଣା ଘଟିବା ସୁନିଶ୍ଚିତ । ତଥାପି ତାହାରି ମଧ୍ୟରେ ଜୀବନର ଗତ ତୀଖର ଭାବେ ଚାଲିଥାଏ । କିନ୍ତୁ ଏହାକୁ ଯଦି ମଣିଷ ହୃଦୟଙ୍ଗମ ନକରି ପରିବାରକୁ ହେୟଜ୍ଞାନ କରିବା ସହ ବଡ଼ ମାନଙ୍କ କଥା ନ ବୁଝି, ଗୁରୁତ୍ୱ ନ ଦେଇ ନିଜର ଅହମିକା ବଳରେ ସେ ବଡ଼ ବୋଲି ଭାବେ ତେବେ ପରିବାର ନିଶ୍ଚିତ ଭାବେ ଛାରଖାର ହୋଇଯିବା ସହ ସେ ଅହମିକାଧାରୀ ମଣିଷ ଯେ ମୁହଁ ମାଡ଼ି ତଳେ ପଡ଼ିଯିବ ସେ କଥା ବି ସିଏ ଜାଣିପାରିବ ନାହିଁ । ଗତକାଲି ଜଣେ ପଡୋଶୀ ବ୍ୟକ୍ତି ଘରକୁ ଆସିଥିବା ବେଳେ ତାଙ୍କୁ କିଛି ସମୟ ପାଇଁ ପାଖରେ ବସି ରଖି ସବୁ ହାଲ ଚାଲ ବୁଝିଲି । କଥା ପ୍ରସଂଗରେ ସେ କହିଲେ ମାଆ ରେ ମୋତେ ଶୀଘ୍ର ଛାଡ଼ି ଦେ ନ ହେଲେ ମୋ ବୋହୂ ମୋତେ ଡଂଟିଆ ମାରି ଘରୁ ବାହାର କରିଦେବ । କି ଯୁଗ ହେଲାରେ ବାବା ବୋହୂର ପୁଣି ଏତେ ସାହସ ଆସିଲା କେଉଁଠୁ । କଥା କହୁ କହୁ କାନ୍ଦି ପକାଇ କହିଲେ ଜାଣିଚୁ ନା ଏ ବୁଢ଼ୀ ବୟସରେ କେତେ ଆଉ ପାଇଟୀ କରିମି । ଘରର ଯାବତୀୟ କାମ ସହ ରାତିରେ ବୋହୂର ମଧ୍ୟ ଗୋଡ଼ ମୋଡାମୋଡି କରିଦିଏ । କେବଳ ଯେ ମୁଁ କରେ ତାହା ନୁହେଁ ମୋ ପୁଅ ମଧ୍ୟ କରେ । ପ୍ରତ୍ୟେକ ଦିନ ରାତିରେ ମୋ ପୁଅ ଅଇଁଠା ବାସନ ମାଜି ରଖି ଦିଏ । ଆଉ ସକାଳୁ ଯେତେକ ରନ୍ଧା ବାସନ ଥାଏ ମୁଁ ମାଜି ଦିଏ । ଖାଇଲା ବେଳକୁ ଯାହା ଥିବ ନିଜେ ଆଣି ମୁଁ ଖାଏଁ । ଦେହ ଖରାପ ହେଲେ ପାଣି ମୁନ୍ଦେ ମଧ୍ୟ ଦେବାକୁ କେହି ନାହିଁ । ଜନ୍ମ କଲା ପୁଅ ମଧ୍ୟ କଷ୍ଟ ପାଉଚି । ତା' ପାଖରୁ ମୁଁ ଆଉ କି ସେବା ଚାହିଁବି । ପ୍ରତ୍ୟେକ ଦିନ ଘରେ କିଟିମିଟି ଚାଲିଛି । ବୋହୂର ସବୁବେଳେ ଗାଳିଗୁଲଜ । କେତେ ବା ସହିବି ? ଝିଅ ଘରେ କଣ ସବୁ ଦିନେ ରହି ହେବ ? କେତେ କଷ୍ଟରେ ମୁଁ ଆଉ ତ ମଉସା ଏ ଘରଟିକୁ କରିଥିଲୁ ଅଥଚ ଏ ବୁଢ଼ା ବୟସରେ ଘରଟି ମଧ୍ୟ ନିଜର ହଉନି । ସରେ କଣ ଏମିତି ଜୀବନ ବାର୍ଦ୍ଧକ୍ୟ ଅବସ୍ଥାରେ ଭୋଗିବାକୁ ପଡ଼ିବ । ଯଦି ସେମିତି ହିଁ ତାହାଲେ ଏ ଦୁନିଆରେ କଣ ଧର୍ମ ଉଠିଗଲାଣି କି ? ପୁଅ ଜନ୍ମ କରିବା କଣ ପାପ ହେବ କି ? ମଲା ବେଳକୁ ସମସ୍ତେ ଚାହାଁନ୍ତି ମୁହଁରେ ପୁଅ ନିଆଁ ଦେଉ ଏବଂ ଶ୍ରାଦ୍ଧକର୍ମ ପୁଅ-ବୋହୂ ଦୁହେଁ ମିଶି କରନ୍ତୁ । ଯେଉଁ ନିଆଁଗିଲା କୁ- ସଂସ୍କାରୀ ବୋହୂ ଶାଶୁ ଘରକୁ ଆସି ଘରକୁ ଧ୍ୱଂସସ୍ତୁପରେ ପରିଣତ କରି ଦେଉଛନ୍ତି ସେମାନଙ୍କୁ ଶହେ ସଲାମ । ବୁଝି ପାରୁ ନାହାଁନ୍ତି କରୁଥିବା କର୍ମ ଯୋଗୁଁ ସେମାନଙ୍କୁ ଯେ ପରିଶେଷରେ ଭୋଗ କରିବାକୁ ପଡ଼ିବ । ବର୍ତମାନ ଠାରୁ ଯଦି ସାବଧାନ ନରହନ୍ତି ତାହାଲେ ନର୍କ ଯନ୍ତ୍ରଣା ଯେ କି ଭୟଙ୍କର ତାହା ଆଗାମୀ ସମୟ ହିଁ କହିବ । ଏବେ ଠାରୁ ସଜାଗ ରହି ଶାଶୁ-ଶ୍ୱଶୁର ଏବଂ ଗୁରୁଜନଙ୍କ ଠାରୁ ଆର୍ଶବାଦ ନେବା ସହ ସାନ ମାନଙ୍କୁ ସ୍ନେହ ଶ୍ରଦ୍ଧା କରି ଭଲ ପାଇବା ଠୁଳାଇ ନିଅନ୍ତୁ ତେବେ ଯାଇ ପରିବାର ରଥ ସୁରୁଖୁରୁରେ ଗଡ଼ି ପାରିବ ଏବଂ ପରିବାର ଲୋକେ ହସ ଖୁସିରେ ଜୀବନଯାପନ କରିପାରିବେ । ତେବେ ଯାଇ ପରିବାର ଯେ ସ୍ୱର୍ଗ ତାହାର ସଠିକ୍ ନିର୍ଯ୍ୟାସ ହୋଇ ପାରିବ ।



ଆଜିକାଲି -୫ **ଧର୍ମଧାରା** ୦୨ ମାର୍ଚ୍ଚ ୨୦୨୬ ସୋମବାର

# ସପ୍ତଶରାତୀରେ କ୍ଷୀରଚୋରା ଗୋପୀନାଥ

◆ ସରୋଜିନୀ ମହାରଣା

ରଜନୀ ଆକାଶରେ ତାରାର ଦୀପାବଳୀ । ପୃଥିବୀ ସୁସୁପ୍ତା । ଉତ୍କଳର ଗଜପତି ଲାଙ୍ଗୁଳା ନରସିଂହ ଦେବଙ୍କର ତୀର୍ଥାଟନ କାଳର ରହଣୀ ଶିବିର ପଡ଼ିଥିଲା ସପ୍ତଶରା ନଦୀ ତୀରରେ । ରାଜରାଣୀ ଆଉ ସୈନ୍ୟସାମନ୍ତ କ୍ଳାନ୍ତି ଜନିତ ନିଦ୍ରାରେ ଅଭିଭୂତ । ଆଉ ସୂକ୍ଷ୍ମ ସୁଲକ୍ଷଣଯୁକ୍ତ ପ୍ରସ୍ତରରେ ନିର୍ମିତ ସେହି ମୂ□ି । ସିଏତ ସଦାଜାଗ୍ରତ, ଇଚ୍ଛାମୟ । ତାଙ୍କର ନିଦ୍ରାନାହିଁ, ସ୍ୱପ୍ନ ନାହିଁ, ପଲକ ପତନ ନାହିଁ, ନାହିଁ ମଧ ଜରା କି ବିଲୟ । ସ୍ୱପ୍ନରେ ରାଜା ଦେଖୁଛନ୍ତି । ପ୍ରତିମା ହିଁ ସ୍ୱରୂପ ଧାରଣ କରି କହୁଛନ୍ତି, କେଡ଼େ ସୁସ□ ହେଉଛି ଏଇ ଗଉଡ଼ ପଲ୍ଲୀ । ପଲପଲ ଗୋରୁଗାଈ, ବଂଶୀସ୍ୱନର ଅହେତୁକ ଆମୋଦ, ଲୋକେ ବି କର୍ମଚ□ଳ ଠିକ୍ ଗୋପପୁର ପରି । ଏହାର କୋଣେ କୋଣେ କି ଲୁଚି ରହିଛି ମୋର ଗୋପସଖାମାନଙ୍କର ପ୍ରତିଭୂତି । ଲହୁଣୀ ଦଧି, ଦୁଗ୍ଧ ସୁବାସ ସ□ରି ଯାଉଚି ପବନରେ । ଆଉ ସେଇ ନଦୀ । ଯାହାର ସ୍ରୋତର ଉତ୍ପ□ି ଘଟିଥିଲା । ମୋର କୋଦଣ୍ଡ ନିକ୍ଷେପିତ ସାତୋଟି ଶରରେ । ସେତେବେଳେ ସଙ୍ଗରେ ଥିଲେ ମୋର ପ୍ରାଣପ୍ରିୟା ସୀତା ଓ ପ୍ରାଣାଧିକ ଅନୁଜ ଲକ୍ଷ୍ମଣ । ଏହି ରମଣୀୟ ସ୍ଥାନ ଛାଡ଼ି ମୁଁ ଆଉ ପାଦେ ବି ଆଗକୁ ଯିବାକୁ ଚାହୁଁନାହିଁ । ତୁମେ ମୋତେ ଏଇଠି ହିଁ ପ୍ରତିଷ୍ଠିତ କରାଅ । ନିଦ୍ରା ଭାଙ୍ଗିଗଲା ରାଜାଙ୍କର । ରାତି ପାହାନ୍ତା ସମୟ । କୋଦଣ୍ଡଧାରୀ ଶ୍ରୀରାମ ପୁଣି ନିର୍ଲିପ୍ତ ହୋଇଗଲେ ପ୍ରସ୍ତର ମୂ□ି ଦେହର କିନ୍ତୁ ରାଜାଙ୍କ ମାନସ ଚକ୍ଷୁରେ ଅଲିଭା ମୁଦ୍ରାରେ ଅଙ୍କିତ ହୋଇ ରହିଲା । ସ୍ୱପ୍ନର ସେହି ରୂପ । ସେ ଭକ୍ତି ଗଦ୍‌ଗଦ୍ କଣ୍ଠରେ ଚିତ୍କାର କରୁଥାନ୍ତି ପ୍ରଭୁ ଦେଖାଦିଅ, ଦେଖାଦିଅ ପ୍ରଭୁ, କିନ୍ତୁ ସ୍ୱପ୍ନ ହିଁ ତ ସ୍ୱପ୍ନ । ସୁପ୍ତ ଶିବିର ଜାଗି ଉଠିଲା, ରାଜନ୍ୟବର୍ଗଙ୍କୁ ସେ କହିଲେ "ଯାହାଙ୍କୁ ପ୍ରସ୍ତର ମୂ□ିଭାବି ଆମେ ଘେନି ଆସିଛୁ ଚିତ୍ରକୂଟର ସେ ଆଉ କେହି ନୁହଁନ୍ତି ପ୍ରଭୁ ସ୍ୱୟଂ ଶ୍ରୀରାମଚନ୍ଦ୍ର, ହଁ....ହଁ.... ବନଚାରୀ ଶ୍ରୀରାମ । ଏହି ରମଣୀୟ ପରିବେଶ ତାଙ୍କୁ ଆକର୍ଷି ଧରିଛି । ତେଣୁ ମୋ ପ୍ରତି ତାଙ୍କର ନିର୍ଦ୍ଦେଶ ହେଲା ମନ୍ଦିର ତୋଳାଇ ତାଙ୍କୁ ଏଠାରେ ପ୍ରତିଷ୍ଠିତ କରାଇବା ସକାଶେ । ରାଜନ୍ୟବର୍ଗ ମଧ ନିଜ ନିଜକୁ ଧନ୍ୟ ମଣି ପ୍ରଭୁଙ୍କ ବନ୍ଦନା ଗାଇବାକୁ ଲାଗିଲେ । ଯଥା





ସମୟରେ ମନ୍ଦର ତୋଳା ହେଲା । ବିପୁଳ ସମାରୋହରେ ଦିଅଁ ହେଲେ ପ୍ରତିଷ୍ଠିତ ଆଉ ପୂଜିତ । ଗୋପୀଜନ ପରିବେଷ୍ଟିତ ବୋଲି ଦିଅଁଙ୍କ ନାମ ହେଲା ଗୋପୀନାଥ । ସେ ସମୟରେ ସପ୍ତସରା ନଦୀ ଥିଲା । ସଦାନୀରା ତା'ର ଉର୍ବର ଶସ୍ୟ ଶ୍ୟାମଳ ତୀର ଥିଲା ଘନ ଜନବସତିପୂର୍ଣ୍ଣ ଗୌଡ଼ପଲ୍ଲୀ । ଆଜି ତାକୁ କୁହାଯାଉଛି ଗୌଡ଼ଦାଣ୍ଡ । ଗୋପୀନାଥଙ୍କର ପବିତ୍ର ପୀଠସ୍ଥଳୀ ରମଣୀୟରୁ ଅପଭ୍ରଂଶ ହୋଇ ରେମୁଣା ହୋଇଛି । ସପ୍ତଶରାର ଧାର ମରିଯାଇଛି । ସତେ ଯେମିତି ସେ ଝୁରି ଝୁରି କ୍ଷଣତନ୍ୱୀ ହୋଇଗଲାଣି । କିନ୍ତୁ ଉତ୍ସ ତା'ର ଲୋପ ପାଇନାହିଁ ଏ ପର୍ଯ୍ୟନ୍ତ ।

**ଅବସ୍ଥିତି-** ପ୍ରଭୁ ଶ୍ରୀରାମଙ୍କ ବହୁ ବାଞ୍ଛିତ ରେମୁଣା ବାଲେଶ୍ୱର ଜିଲ୍ଲାରେ ଅବସ୍ଥିତ । ଦୂରତା ବାଲେଶ୍ୱର ସହରଠାରୁ ଉ□ରରେ ମାତ୍ର ୭କିଲୋମିଟର ଅନତି ଦୂରରେ କୁଳୁ କୁଳୁ ନାଦରେ ବହି ଯାଉଛି ସୋନନଦୀ । ରେମୁଣାର କ୍ଷୀରଚୋରା ମନ୍ଦିର ସକାଶେ ସମଗ୍ର ଭାରତ ବର୍ଷରେ ବାଲେଶ୍ୱର ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର ଅଟେ । ପୁରାଣ ଯୁଗର ଶିବଭକ୍ତ ରାଜା ବାଣାସୁର ସମଗ୍ର ଜିଲ୍ଲାରେ ଶିବ ଉପାସନା ଲାଗି ଠାଏ ଠାଏ ମନ୍ଦିରମାନ ନିର୍ମାଣ କରିଥିଲେ । ସେଗୁଡ଼ିକ ଏଯାବତ୍ ରହିଛି । ବାଲେଶ୍ୱର ସହରର ବାଣେଶ୍ୱର, ବଟେଶ୍ୱର, ଝାଡ଼େଶ୍ୱର, ନୀଳଗିରିର ପ□ଲିଙ୍ଗେଶ୍ୱର, ଉ□ରବାଲେଶ୍ୱରର ଚନ୍ଦନେଶ୍ୱର, ଭୁଷଣ୍ଡେଶ୍ୱର ଆଦି ପ୍ରଧାନ । ରେମୁଣାରେ ଅଛି ଗାର୍ଗେଶ୍ୱର ମନ୍ଦିର । ଚିତ୍ରକୂଟର ନିକା□ନ ବନଭୂମି । ପ୍ରଭୁ ଶ୍ରୀରାମଚନ୍ଦ୍ର କେଉଁ ଏକ ଖିଆଲରେ ସୁଲକ୍ଷଣ ପ୍ରସ୍ତର ଉପରେ ଆଙ୍କିଥିଲେ ତାଙ୍କର ଭବିଷ୍ୟତର ପ୍ରତିମୂର୍ତ୍ତି, ନିଜ ଶର ମୁନରେ । ଲତାପତ୍ର ଅନ୍ତରାଳରେ ଥିବା ଏହି ପ୍ରତିମୂ□ି ଉପରେ କୌତୂହଳବଶତଃ ମାତା ସୀତା ତାଙ୍କ ହସ୍ତ ସଂଚାଳନ କରନ୍ତେ ପ୍ରସ୍ତର ମୂର୍ତ୍ତିରେ ସଂଚାଳିତ ହୋଇଉଠିଲା ଜୀବନୀଶକ୍ତି । କାରଣ ମାତା ସୀତା ଥିଲେ ସ୍ୱୟଂ ଶକ୍ତିସ୍ୱରୂପିଣୀ । ପ୍ରଭୁ ବିଗ୍ରହଗୁଡ଼ିକୁ ଆପଣା ଶରମୁନ ସ୍ପର୍ଶ କରାନ୍ତେ ସେଥିରେ ଝରିଲା ରକ୍ତ । ପ୍ରଭୁ କହିଲେ ଦେବୀ, ମୂ□ିଗୁଡ଼ିକ ପୂଜାର ଯୋଗ୍ୟ ହୋଇଗଲେଣି । ମାତା ସୀତା ତେଣୁ ସେହି ଦିନୁ ହିଁ ପୂଜା କରିବା ଆରମ୍ଭ କଲେ । ସମୟକ୍ରମେ ଚିତ୍ରକୂଟରୁ ସେମାନେ ବନବିହାର କରି ଅନ୍ୟତ୍ର ଚାଲିଗଲେ । ବ୍ରହ୍ମା ତେଣୁ ନିଜେ ଆସି ତାଙ୍କୁ ପୂଜା କରୁଥିଲେ । ଅଦ୍ଭୁତ ଘଟଣାସବୁ ଘଟେ ପୃଥିବୀରେ କୌଣସି ନା କୌଣସି କୋଣରେ । ଶେଷରେ ପ୍ରଭୁଙ୍କୁ ନିଜ ବକ୍ଷରେ ଧାରଣ କରିବାର ସୁଯୋଗ ପାଇଲା ରେମୁଣା । ତାଙ୍କୁ ଆଣି ରେମୁଣାରେ ସ୍ଥାପନ କଲେ ଲାଙ୍ଗୁଳା ନରସିଂହ ଦେବ । ପ୍ରତ୍ୟହ ଶହ ଶହ ତୀର୍ଥଯାତ୍ରୀ ଅର୍ଚ୍ଚନାର ଥାଳି ଟେକନ୍ତି ଗହ ଗହ ଗଳିରେ ।

**ଭକ୍ତପାଇଁ ଚୋରି କରନ୍ତି ଆମ ଦିଅଁ-** ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଓଟାରି ତେଣିକି ଯାଇ । ଭକ୍ତ ମାଧବେନ୍ଦ୍ର ପୁରୀ ପଶ୍ଚିମବଙ୍ଗର ଅଧିବାସୀ । ତୀର୍ଥ କରିବାକୁ ଯାଇ ସେ ପହ□ିଲେ ବ୍ରଜଧାମରେ । ସେଠାରେ ସେ ପ୍ରଭୁ ଗିରିଗୋବର୍ଦ୍ଧନଙ୍କୁ ବି ଦର୍ଶନ କରିବା ସୁଯୋଗ ପାଇଲେ । ସ୍ୱପ୍ନରେ ଗିରିଗୋବର୍ଦ୍ଧନ ତାଙ୍କୁ କହିଲେ, ତୁମେ ନୀଳାଚଳ ଯାଅ । ସେଠାରୁ ମଳୟଜ ଚନ୍ଦନ ଆଣି ମୋ ଅଙ୍ଗରେ ଲେପନ କର । ତା'ହେଲେ ଅଙ୍ଗ ମୋର ଶୀତଳ ହେବ । ସ୍ୱପ୍ନାଦେଶ ଅନୁସାରେ ସାଧବେନ୍ଦ୍ର ନୀଳାଚଳ ଅଭିମୁଖେ ଯାତ୍ରା କରି ପହ□ିଲେ ରେମୁଣାରେ । ଭାବିଲେ ରାତ୍ରି ରହଣି ଏଇଠି କରି ଶ୍ରୀ ଶ୍ରୀ ଗୋପୀନାଥଙ୍କୁ ବି ଟିକିଏ ଦର୍ଶନ କରିବେ । ରାତିରେ ଥକ୍କା ମେ□ିବ । ତହିଁ ଆରଦିନ ସକାଳୁ ପୁଣି ନୀଳାଚଳ ଅଭିମୁଖେ ଯାତ୍ରା କରିବେ । ସ୍ନାନ ସାରି ସାନ୍ଧ୍ୟ ଆରତିବେଳେ ଶ୍ରୀ ବିଗ୍ରହଙ୍କୁ ଦର୍ଶନ କଲେ ଜଗମୋହନରେ ଠିଆ ହୋଇ । ଅମୃତକେଳି ଭୋଗ ଅତି ସୁସ୍ୱାଦୁ, ଏହା ପୁଣି ଠାକୁରଙ୍କ ଅତିପ୍ରିୟ ଭୋଗ ବୋଲି ସେ ଶୁଣିବାକୁ ପାଇଲେ । ସେହି ଭୋଗ ଟିକେ ପାଇବା ପାଇଁ ତାଙ୍କ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା । କିନ୍ତୁ ଏହା ପାଇବେ କିପରି ? ସେ କାହାକୁ କିଛ ମାଗନ୍ତି ନାହିଁ । ମନର ଆଶା ମରିଗଲା ମନରେ । ମନ୍ଦିରଠାରୁ ଅଳ୍ପ ଦୂରରେ ଏକ ବୃକ୍ଷମୂଳେ ବସି ମଜ୍ଜିଗଲେ ନାମ ଜପରେ ।

ରାତ୍ର ପହଡ଼ ପଡ଼ିବା ପୂର୍ବରୁ ଦିବସର ଶେଷ ଭୋଗ ବାରଭାଣ୍ଡିଆ ବା ୧୨ ଭାଣ୍ଡ କ୍ଷୀରଭୋଗ ଶ୍ରୀଦିଅଁଙ୍କୁ ଅର୍ପଣ କରାଯାଇଥାଏ । ସବୁଦିନ ପରି ସେଦିନ ମଧ ପୂଜକ ଶ୍ରୀଦିଅଁଙ୍କୁ କଥିତ ଭୋଗ ଅର୍ପଣ କରି କିଛି ସମୟ ପାଇଁ ଦ୍ୱାରରୁଦ୍ଧ କଲେ । ପ୍ରଭୃତ ଅନ୍ତର୍ଯ୍ୟାମୀ । କାହାରି ଆରତ ସହି ପାରନ୍ତି ନାହିଁ । ତାଙ୍କର ନଟହଟିଆ ପଣ ଆରମ୍ଭ କରିଦେଲେ । ପୂଜକ କିଛି ସମୟ ପରେ ଫେରି ଆସି ଦ୍ୱାର ଖୋଲି ଦେଖନ୍ତି ତ ଗୋଟାଏ ଭାଣ୍ଡ କମ୍ ଅଛି । ଭାବିଲେ ତାଙ୍କ ଗଣନା ଆଉ ଭୁଲ ହେଲାକି ? ସେ ପୁଣି ଏକ ଭାଣ୍ଡ ଆଣି ଶ୍ରୀ ଜୀଉଙ୍କୁ ଅର୍ପଣ କଲେ । ଭୁଲ ତ ହେବାର କଥା ନୁହେଁ । ଏହା ଭାବି ଭାବି ପହଡ଼ ପକାଇ, ସଦର ଦ୍ୱାର ରୁଦ୍ଧ କରି ନିଜ ଘରକୁ ଚାଲିଗଲେ । ରାତି ଗଭୀରରୁ ଗଭୀରତର ହେଲା । ମନ୍ଦିର ର ମୁଖ୍ୟ ପୂଜକ ରାମକୃଷ୍ଣ ତାଙ୍କ ନିଜ ଘରେ ଶୋଇ ଶ୍ରୀଗୋପୀନାଥଙ୍କ ସ୍ୱପ୍ନାଦେଶ ପାଇଲେ । ପ୍ରଭୁ କହୁଛନ୍ତି "ମୋର ପିନ୍ଧାବାସର କୁ□ ଟେକି ଦେଖ, ଅମୃତକେଳି ଭାଣ୍ଡ ମୁଁ ଲୁଚାଇ ରଖିଛି । ମୋର ଭକ୍ତ ମାଧବେନ୍ଦ୍ର ପୁରୀ ଭୋଗଟିକେ ନ ପାଇ ମନ ଦୁଃଖରେ ବୃକ୍ଷ ତଳେ ବସିଛନ୍ତି ଧ୍ୟାନରେ । ତାଙ୍କର ଆତୁରତା ମୁଁ କିପରି ବା ସହ୍ୟ କରିବି ଯେ ! ତୁମେ ଯାଅ, ଭୋଗ ଭାଣ୍ଡଟି ତାଙ୍କୁ ଅର୍ପଣ କରି ଦେଇଆସ ।" ତତ୍‌କ୍ଷଣାତ୍ ରାମକୃଷ୍ଣଙ୍କର ନିଦ୍ରାଭଙ୍ଗ ହେଲା । ସ୍ନାନସମାପନ କରି ପୁଲକିତ ପ୍ରାଣରେ ଧାଇଁଲେ ମନ୍ଦିରକୁ । କୁ□ ଟେକିଲେ ଦ୍ୱାର ଖୋଲିଦେଇ । ଆବେଗରେ ଭୋଗ ଭାଣ୍ଡଟିକୁ ହାତରେ ତୋଳି ଧରିଲେ । ଭକ୍ତି ଲୁହ ଝରି ଆସିଲା ତାଙ୍କ ଆଖିରୁ । କେଡ଼େ ବଡ଼ ଭକ୍ତ ସେ ହୋଇ ନଥିବେ ସତ ! ଯାହାଙ୍କ ଲାଗି ପ୍ରଭୁ ଭୋଗ ନିଜେ ଲୁଚାଇ ରଖିଛନ୍ତି । ହାତରେ ଲଣ୍ଠନଟିଏ ଧରି ଚ□ଳ ପାଦରେ ବାହାରିଗଲେ ତାଙ୍କର ସନ୍ଧାନରେ । ବୃକ୍ଷମୂଳେ ପାଇଲେ ମାଧବେନ୍ଦ୍ରଙ୍କ ଭେଟ । ତାଙ୍କୁ ଅର୍ପଣ କରି ସ୍ୱପ୍ନାଦେଶ ବିଷୟରେ



ସବୁକଥା କହିଲେ । ଭକ୍ତି ଗଦ୍‌ଗଦ୍ ହୋଇ ଉଠିଲେ ମାଧବେନ୍ଦ୍ର ପୁରି ଆ ନ ନ୍ଦା ତି ଶ ଯ୍ୟ ରେ ହୋଇପଡ଼ିଲେ ଅଚେତ । ଅନେକ ସମୟ ପରେ ସେ ଫେରି ପାଇଲେ ଚେତନା । ପୁଲକିତ ପ୍ରାଣରେ ସେ ବାହାରି ଗଲେ ନୀଳାଚଳ ଅଭିମୁଖେ । ସକାଳେ ତାଙ୍କୁ ଦର୍ଶନ କରିବା ଲାଗି ବ୍ୟଗ୍ର ହୋଇଉଠିଲେ ଲୋକମାନେ କିନ୍ତୁ ସେ ତ ରେମୁଣାଠାରୁ ଚାଲି ଯାଇଥିଲେ ଅନେକ ଦୂରକୁ । ସେହିଦିନଠାରୁ ଶ୍ରୀଶ୍ରୀ ଜୀଉଙ୍କ ନାମ ହେଲା କ୍ଷୀରଚୋରା ଗୋପୀନାଥ ।

**ମୁଖ୍ୟ ମନ୍ଦିରରେ ବିଜେ ଠାକୁର-** ଶ୍ରୀ ଶ୍ରୀ ଗୋପୀନାଥଙ୍କର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି ।

+++

# ଶାଶ୍ୱତ ଜୀବନ ପାଇଁ ଭକ୍ତି ମାର୍ଗ ଅପରିହାର୍ଯ୍ୟ

◆ ଧନେଶ୍ୱର ଖଟୁଆ

ଯେପର୍ଯ୍ୟନ୍ତ ଜଣେ ତା'ର ଆଶା ଓ ଆକାଂକ୍ଷା ଦ୍ୱାରା ଫଳପ୍ରାପ୍ତି ପାଇଁ ମନୋନିବେଶ କରେ ସେ ପର୍ଯ୍ୟନ୍ତ ତା'ର ମନରେ ଶାନ୍ତିପ୍ରାପ୍ତ ହୋଇ ନଥାଏ । ଉଦାହରଣ ସ୍ୱରୂପ ଜଣେ ସାଧାରଣ ଲୋକ ବିବାହ ପୂର୍ବରୁ ସେ ଜଣେ ହିଁ ଥିଲା କିନ୍ତୁ ବିବାହ ପରେ ସେ ଦୁଇଜଣ ହେଲେ । ଗୋଟିଏ ବର୍ଷ ପରେ ସେମାନେ ଗୋଟିଏ ଶିଶୁର ପିତାମାତା ହୋଇଥାନ୍ତି । ବିବାହ ପୂର୍ବରୁ ସ୍ୱାମୀର ବସ୍ତୁତ୍ୱ ପିଲାଟିଏ ଜନ୍ମ ପରେ ସେମାନଙ୍କର ୬ଗୋଟି ଗୋଡ଼ ହୁଏ । ଏହି କ୍ରମରେ ପରିବାର ବଢ଼ି ଚାଲିଲେ ଗୋଡ଼ ସଂଖ୍ୟା ବି ବଢ଼ି ଚାଲିଥାଏ । ଏହି ପରିପ୍ରେକ୍ଷୀରେ ସେମାନଙ୍କର ସାଂସାରିକ ଜୀବନ ଦୁଃଖରେ ଅତିବାହିତ ହୁଏ । ଏହା ଭଗବାନଙ୍କ ଦ୍ୱାରା କୃତ ନୁହେଁ । ଏହା ମାନସିକ ଦୁର୍ବଳତାରୁ ସୃଷ୍ଟି ହୋଇଥାଏ । ତୁମେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗ ଦେଇ ଓ ବିଭିନ୍ନ ପ୍ରକାର ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ଏଥିରେ ବହୁ ଆନନ୍ଦ ପାଇଲ । ସୁଖ ଦୁଃଖ ଏହା ତୁମ କାର୍ଯ୍ୟର ଫଳ ସ୍ୱରୂପ । କୌଣସି ଜିନିଷ ସଂସାରରେ ସ୍ଥାୟୀ ନାହିଁ । ସମସ୍ତେ ଭାସମାନ ଅବସ୍ଥାରେ ଅଛନ୍ତି । କୌଣସିଟି ପାଇଁ ଜଣେ ଗର୍ବିତ ହେବା ଓ ଦବିଯିବା ଠିକ୍ ନୁହେଁ । ଯିଏ ଜନ୍ମ ନେଇଛନ୍ତି ସେ ଡେରିରେ ହେଉ କି ସଅଳ ହେଉ ମରିବାକୁ ବାଧ୍ୟ । କେହି ଜାଣିବାକୁ ନିଶ୍ଚିତ ପାଆନ୍ତି ନାହିଁ କ'ଣ ପର ମୁହୂ□ରେ ଘଟିବାକୁ ଯାଉଛି । ତୁମେ ଭକ୍ତିର ପ୍ରତିମୂ□ି । ଏ ଭକ୍ତିର ନିୟମ ହେଉଛି ଶାଶ୍ୱତ । ତାହା ଆଜି ଆସନ୍ତାକାଲି ଓ ପରବ□ୀ ଦିନ ପାଇଁ । ତେଣୁ ତୁମେ ଅତୀତ ବ□ମାନ ଓ ଭବିଷ୍ୟତ ବିଭିନ୍ନ ଅନୁଭୂତି ନେଇ ଗତି କର । ଅତୀତ ଯାହା ଚାଲିଯାଇଛି, ଏହା ଆଉ ଆସିବନାହିଁ । ଭବିଷ୍ୟତର କୌଣସି ନିର୍ଦ୍ଦିଷ୍ଟତା ନାହିଁ ବର୍ତ୍ତମାନର ହିଁ କେବଳ ସତ୍ୟତା ଅଛି । ଆମେ ତାହା ସହିତ ସମ୍ବର୍ଦ୍ଧିତ ହେବା । ବ□ମାନକୁ ସାଧାରଭାବେ ଦେଖନାହିଁ । ଏହା ସର୍ବବ୍ୟାପକ, ଅତୀତ ଭବିଷ୍ୟତ, ବ□ମାନ ମଧରେ ଅଛି । ମୋ ପ୍ରିୟ ବିଦ୍ୟାର୍ଥୀଗଣ । ଏ ପରିବ□ିତ ସଂସାରରେ ତୁମର ସମସ୍ତ ଅନୁଭୂତି ସାମୟିକ ଓ ଅସତ୍ୟ, ସେଗୁଡ଼ିକ ସବୁ ଚଲା ବାଦଲ ସଦୃଶ । ତୁମେ ଏଗୁଡ଼ିକ ପାଇଁ ବିଶେଷ ଭାବରେ ଚିନ୍ତିତ ହେବା ଦରକାର ନାହିଁ । ତୁମେ ଆଗକୁ ବଢ଼ ତୁମେ ଜୀବନଯାତ୍ରା ଚାଲୁରଖ । ଭଗବାନଙ୍କ ଉପରେ ବିଶ୍ୱାସ ରଖ । ତୁମେ ପଛକୁ ଚାହୁଁଛ କାହିଁକି ଓ ପଛ ପାଇଁ ଉଦ୍‌ବିଗ୍ନ ହେଉଛ କାହିଁକି ? କେତେକ ଲୋକ ସବୁ ଜିନିଷ ପାଇଁ ବ୍ୟସ୍ତ ହୋଇଥାଆନ୍ତି କେବଳ ଶିକ୍ଷାଗତ ଯୋଗ୍ୟତା ପାଇଁ ନୁହେଁ, ଜୀବନ ଯାପନରେ ଅଧିକ



ସାମର୍ଥ୍ୟ ପାଇ ବି ଯେଉଁମାନେ ସଂସାରରେ ଜୀବନରେ ନାହାଁନ୍ତି ସେମାନଙ୍କ ପାଇଁ ବି ବହୁ ବ୍ୟସ୍ତରେ ରହନ୍ତି । ଯେ କୌଣସି ଜାଗାରେ ଜନ୍ମ ହୁଅ ଅଳ୍ପ ବୟସରେ ହେଉ ବା ବହୁ ବୟସରେ ହେଉ ଏ ସଂସାରରୁ ବିଦାୟ ନେବାକୁ ହେବ । କେବଳ ଭଗବାନ ସବୁ ସମୟ ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଉପସ୍ଥିତ ଅଛନ୍ତି । ଯେହେତୁ ଭଗବାନ ସର୍ବବ୍ୟାପକ ସେ ବିଭିନ୍ନ ରୂପ ଓ ନାମ ବିଭିନ୍ନ ସମୟରେ ଧାରଣ କରି ପାରନ୍ତି । ଏହା କେବଳ ଭକ୍ତଙ୍କର ଉଚ୍ଚାବିଳାସ ଓ ସଂକଳ୍ପ ନେଇ ହୋଇଥାଏ । ତୁମର ସଂକଳ୍ପକୁ ଭଗବାନ ଜାଣିପାରନ୍ତି ଯେହେତୁ ସେ ଏକ ଓ ଭକ୍ତିର ପ୍ରତୀକ । କେତେଦିନ ପୂର୍ବରୁ ସାରା ବିଶ୍ୱରେ ଲୋକେ ନୂଆବର୍ଷ ପାଳନ କଲେ । ନୂଆବର୍ଷ ଆସେ କେଉଁଠୁ ? ଏହା ଆକାଶରୁ ହଠାତ୍ କି ଖସି ନଥାଏ । ପୁରୁଣା ନଥାଇ ନୂଆର ସ୍ଥିତି କିଛି ନଥାଏ । ପୁରୁଣା ନୂଆକୁ ରୂପାନ୍ତରଣ ହୋଇଥାଏ । କିଛିଦିନ ପରେ ପରେ ପୁରୁଣା ହୋଇଯାଏ । ତେଣୁ ପୁରୁଣା ଓ ନୂଆ ଗୋଟିଏ ବସ୍ତୁ ଉପରେ ପ୍ରତିଫଳନ ପରି ହୋଇଥାଏ । ତେଣୁ ତୁମେ ଏହି ପରିବର୍ତ୍ତନଶୀଳ ଜିନିଷ ପ୍ରତି ବେଶି ଗୁରୁତ୍ୱ ଦେବା ଉଚିତ ନୁହେଁ । ସମୟ ମୁକ୍ତ ଉପରେ ଧ୍ୟାନ ରଖ ତାହା ହିଁ ଭକ୍ତି । ଯଦି ତୁମେ ଦୁଃଖ କଷ୍ଟ ତୁମକୁ ବିଭ୍ରାନ୍ତ କରାଉଛି ତାକୁ ଦୂରେଇ ଦିଅ । କେତେକ ପିଲା ତାଙ୍କ ପରୀକ୍ଷା ପାଇଁ ବିବ୍ରତ ହେଉଛନ୍ତି । ସେମିତି ହେବା ଆଦୌ ଦରକାର ନାହିଁ । ତୁମେ ପରୀକ୍ଷାକୁ ସାହସର ସହିତ ସମ୍ମୁଖୀନ ହେବା ଉଚିତ । ଆତ୍ମବିଶ୍ୱାସ ରଖି ପ୍ରଶ୍ନର ଉ□ର ଦିଅ । ଭଗବାନ ତା ପରବର୍ତ୍ତୀ ପଦକ୍ଷେପ ନେବେ । ସାହସ, ଆତ୍ମବିଶ୍ୱାସ ଇଚ୍ଛା କରିଥିବା ଫଳ ଜଣେଇବ । ସାହସ ଶକ୍ତିରେ ରୂପାନ୍ତରଣ ହୁଏ । ମଣିଷ ଶରୀରରେ ଷଡ଼ରିପୁ ଅଛନ୍ତି । କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମତ୍ସର୍ଯ୍ୟ ଏହା ବାହାର ପ୍ରାର୍ଥୀବ ବସ୍ତୁ ଉପରେ ପ୍ରତିଫଳିତ ହୁଏ । ତେଣୁ ତୁମର ଅର୍ନ୍ତଚେତନା ସଫାରଖ ତେବେ ତୁମ ବର୍ହିଦେଶକୁ ବାହାରେ ଅତି ସହଜରେ ଜିତିପାରିବ । ହେ ପ୍ରେମର ଅବତାର ରପ୍ରିୟ ଛାତ୍ରବୃନ୍ଦ ତୁମେ ବିଭିନ୍ନ ଜ୍ଞାନରେ ଉପାଧି ଧାରଣ କରିବାକୁ ଏଠି ଉପସ୍ଥିତ ଅଛ କିନ୍ତୁ ସେଗୁଡ଼ିକ କେଉଁ କାମରେ ଲାଗିବ କି ? ଆଧୁନିକ ଶିକ୍ଷା ଆମକୁ ଯୁକ୍ତିତର୍କ ଆଡ଼କୁ ଟାଣିନିଏ କିନ୍ତୁ ଜ୍ଞାନ ପାଖକୁ ନୁହେଁ । ଶିକ୍ଷାପ୍ରାପ୍ତ ହେବାର କାରଣ କ'ଣ ? ଯଦି ସେ ଶିକ୍ଷା ତୁମକୁ ଅନୈତିକତାରୁ ଦୂରେଇ ନପାରିଲା, ଜ୍ଞାନକୁ ଆହରଣ କର ତାହା ତୁମକୁ ଅମର କରିଦେବ ।

# ମୂଳର ମୋହ

ଯୁଆଡ଼େ ବିଶ୍ୱକର୍ମା ବାଟ ଦେଖେଇଲେ ବାସୁଆ ଉଡ଼ିଲା ସେଇ ଗଗନ ପଥରେ । ଓହ୍ଲେଇ ଦେଖନ୍ତି, ମଣି ମୁକ୍ତା କାଂ*ନ ବୈଦୂର୍ଯ୍ୟରେ ତିଆରି ପ୍ରାସାଦ । ଚାରି ପଟେ ନୀଳ ସମୁଦ୍ରର ଉତଙ୍ଗ ଲହଡ଼ି, ଯାହା କୈଳାଶ ପର୍ବତମାଳାର ଭ୍ରମ ସୃଷ୍ଟି କରୁଥିଲା । ଶିବଠାକୁରଙ୍କ ମୁହଁରେ ଟିକେ ହର୍ଷ କି ବିଷାଦ ନାହିଁ, ମା' ପାର୍ବତୀ ପ୍ରାସାଦ ଦେଖି ଚମକି ପଡ଼ିଲେ । "ଞ୍ଚଷରକ୍ସର ବକ୍ସର ଶ୍ରୁଙ୍ଗକ୍ଟ କ୍ଷବସ୍ୱଶ୍ପସଭଶ ଭରକ୍ତଙ୍କରଶ୍ୱଶ୍ପଶ୍ୱ ଙ୍ଗର ମବଭ ଶସଙ୍ଗର କ୍ଟଙ୍କକ୍ସ ମଷସକ୍ଷୟକ୍ସରଭ. ଜକ୍ଟକ୍ଟଶ୍ପଶ୍ୱ ବଭୟ ଡସଭଶଶ୍ୱ." – ଐକ୍ଟୟୟସଭଶ ଉବକ୍ସଶ୍ପରକ୍ସ ଶାସ୍ତ୍ର ଶବ୍ଦରେ 'ମାୟା' ଏବଂ ଜୀବନ ଜଞ୍ଜାଳରେ 'ଭ୍ରମ' ଆମକୁ ଏକାପରି ଲାଗେ । ବହୁ ପ୍ରବଚକ ଅନ୍ତତଃ ସେଇଆ ବୁଝାନ୍ତି । ଥରେ ପାର୍ବତୀଙ୍କ ମନ ଚଙ୍ଗଚଙ୍ଗ ହେଲା । ମୁହଁ ଦେଖି ଶିବଠାକୁର କିଛିକିଛି ବୁଝିଗଲେ ଏବଂ ବାସୁଆକୁ କହିଲେ – ରହ । ମା'ଙ୍କୁ କହିଲେ – କୁହ । : ମୋ ପାଇଁ ଭଲ ଘରଟିଏ କରି ପାରନ୍ତନି ? ତମେ ଜାଣିଚ, ମୁଁ ରାଜା ଝିଅ । ତମକୁ ଭଲ ପାଏ ଏବଂ ଆଗରୁ କମିଟ୍‌ମେଣ୍ଟ କରିଛି ବୋଲି ସାଙ୍ଗରେ ମିଶି ମଶାଣିରେ ରହୁଛି । ହେଲେ ମୋର କ'ଣ କେବେ ବି ପ୍ୟାଲେସ୍‌ରେ ରହିବାକୁ ଇଚ୍ଛା ହେଉ ନ ଥିବ ? ଠାକୁରଙ୍କ ମୁଡ୍ ରୋମାଣ୍ଟିକ ଥିଲା । ମା'ଙ୍କ କାନ୍ଧରେ ହାତ ପକେଇ କୋମଳ କଣ୍ଠରେ କହିଲେ – କି କଥା କହୁଚ, ମାତଃ ? ତମେ ପରା ଆଦ୍ୟାଶକ୍ତି, ତମେ ପରା ଯୋଗମାୟା । ଯାହା ଚାହିଁବ, ସବୁ ତମର । ପ୍ୟାଲେସ୍ କି ଛାର କଥାଟେ । ସେ ବିଶ୍ୱକର୍ମାଙ୍କୁ ସୁମରଣ କଲେ । ଆଦେଶ ପାଇ ସେ ଉପଯୁକ୍ତ ଜାଗାଟିଏ ଖୋଜିବାକୁ ଅନ୍ତର୍ଦ୍ଧାନ ହୋଇଗଲେ । କ୍ଷଣକ ଭିତରେ ଫେରି କହିଲେ – ମା' ଆପଣଙ୍କ ଲାଗି ପ୍ୟାଲେସ୍ ରେଡ଼ି । ଚାଲନ୍ତୁ ଇନାଗୁରେଟ୍ କରିବେ । ଯୁଆଡ଼େ ବିଶ୍ୱକର୍ମା ବାଟ ଦେଖେଇଲେ ବାସୁଆ ଉଡ଼ିଲା ସେଇ ଗଗନ ପଥରେ । ଓହ୍ଲେଇ ଦେଖନ୍ତି, ମଣି ମୁକ୍ତା କାଂ*ନ ବୈଦୂର୍ଯ୍ୟରେ ତିଆରି ପ୍ରାସାଦ । ଚାରି ପଟେ ନୀଳ ସମୁଦ୍ରର ଉତଙ୍ଗ ଲହଡ଼ି, ଯାହା କୈଳାଶ ପର୍ବତମାଳାର ଭ୍ରମ ସୃଷ୍ଟି କରୁଥିଲା । ଶିବଠାକୁରଙ୍କ ମୁହଁରେ ଟିକେ ହର୍ଷ କି ବିଷାଦ ନାହିଁ, ମା' ପାର୍ବତୀ ପ୍ରାସାଦ ଦେଖି ଚମକି ପଡ଼ିଲେ । ମର୍ତ୍ତ୍ୟମଣ୍ଡଳରେ ଏପରି ସ୍ୱର୍ଗ-ଭୁବନ ? ଗୃହ-ପ୍ରବେଶ ପାଇଁ ତିଥି ନିର୍ଦ୍ଧାରଣ ହେଲା । ପୂଜକ ପାଇବେ କେଉଁଠୁ ? ସ୍ୱର୍ଗର ତ ପୂଜକ ନାହାଁନ୍ତି । ମଗେଇବେ କି କୋଉଠୁ ? ସେ ପୁନରାୟ ଶିବଙ୍କ ଆଡ଼େ ଅନେଇଲେ । ଶିବ କହିଲେ, ଚାଲ ପାଦରେ ବୁଲି ଖୋଜିବା । ବାସୁଆ ଏଠି ରେଷ୍ଟ୍ ନେଉ । ବିଶ୍ୱକର୍ମା ତ ଅଛନ୍ତି । ଅଳ୍ପ ଦୂର ଯାଇଛନ୍ତି କି ନା, ମା'ଙ୍କ କାନରେ ପଡ଼ିଲା କିଏ 'ଓଁ ନମୋ ଶିବାୟ' କହି ମନ୍ତ୍ରଗୁଡ଼ିକୁ ଏକଦମ୍ ପରଫେକ୍ଟ ଜପୁଛି । କହିଲେ – ଟିକେ ଇଆଡ଼େ ଚାଲ । ଯୋଗମାୟା ତମେ ! ଏମିତି ଭାବି ଶିବଠାକୁର ତାଙ୍କୁ ଫଲୋ କଲେ । ସାଧକ ପାଖରେ ପହଂ*ି ପଚାରିଲେ – ତମେ କିଏ ? : ମୁଁ ବିଶ୍ରବା ନନ୍ଦନ ରାବଣ । ତୁମେ କିଏ, ମାତଃ ? : ଟିକେ ଅସୁବିଧାରେ ପଡ଼ିଯାଇଛୁ । ରହିବାକୁ ଗୋଟେ ପ୍ୟାଲେସ୍ ତିଆରି ସରିଛି । ହେଲେ ଗୃହ-ପ୍ରବେଶ ପୂଜା ହୋମ ଯଜ୍ଞାଦି ପାଇଁ ଆମକୁ ବ୍ରାହ୍ମଣ ମିଳୁ ନାହାଁନ୍ତି । ଏ କାମ ତମେ କରନ୍ତନି ? : ମୁଁ ରାଜା ଲୋକ । ପୂଜା କରିବି । ମୋର ଆପତି ନାହିଁ । ହେଲେ ତପସ୍ୟା ଛାଡ଼ି ଯିବି କେମିତି ? ମା' ପାର୍ବତୀ ପୁଣି ଶିବଙ୍କ ଆଡ଼କୁ ଅନେଇଲେ – ପରିଚୟ କହି ତାକୁ ବର ଦେଇଦିଅ । ମୋ ଘର ପୂଜାଟା ସରିଯିବ । ଶି ବ ଠା କୁ ର ହସୁଥା'ନ୍ତି । ରାବଣ ପୂଜା ଶେଷ କରି ଯେତେବେଳେ ଦକ୍ଷିଣା ମାଗିଲା ଶିବଠାକୁର ସେତେବେଳ ବି ହସୁଥିଲେ । ମା' ପାର୍ବତୀଙ୍କ ଦିଲ୍‌ଖୁସ୍ ହୋଇ ଯାଇଥାଏ । କହିଲେ, କ'ଣ ମାଗୁଛୁ ମାଗ । ରାବଣର ବିନୀତ ମାଗୁଣି ଥିଲା – ମାତଃ, ଏ ପ୍ରାସାଦ ରାଜଯୋଗ୍ୟ, ମୋଟୁରୁ ଦେବଯୋଗ୍ୟ ନୁହେଁ । ମୁଁ ତୁମ ପାଇଁ ଅତୁଳନୀୟ ମନ୍ଦିରଟିଏ ନିର୍ମାଣ କରିବି । ପ୍ରାସାଦଟିକୁ ହିଁ ମତେ ଦକ୍ଷିଣାରେ ଦିଅ । ଶିବ ସେତେବେଳେ ବି ହସୁଥା'ନ୍ତି । କହିଲେ – ବାସୁଆ, ଗେଟ୍ ରେଡ଼ି । ଆଦିଶଙ୍କର ଗାଇଛନ୍ତି – ଲଙ୍କାୟାମ୍ ଶଙ୍କରୀ ଦେବୀ । ଶ୍ରୀଲଙ୍କାର ମା' ଶଙ୍କରୀ ଦେବୀ ପୀଠରେ ଇଏ କିମ୍ବଦନ୍ତୀ । ମାୟା ମଣିଷକୁ କେନ୍ଦ୍ରଠାରୁ ଦୂରେଇ ନିଏ ନାହିଁ, କିନ୍ତୁ ଭ୍ରମ ସେପରି କରି ପାରେ । ଡିମ୍ବ ଛାଡ଼ି ମା' କଇଁଛ ସାଗରରେ ସହସ୍ର ଯୋଜନ ଦୂରକୁ ଚାଲିଯାଏ । ମନେ ରଖେନି ତା ଛୁଆ କିଏ ବା କେମିତି ସେମାନେ ବଂ*ବେ ? ଜିଇବଂ*, ଯେଉଁମାନେ ରହନ୍ତି, ସେମାନେ ବି କୁଆଡ଼େ ନାହିଁ କୁଆଡ଼େ ପଳାନ୍ତି । ମା' ହେଲା ପରେ ପୁଣି ସେଇଠିକି ଫେରି ଆସନ୍ତି, ଯେଉଁଠି ଜନ୍ମ ହୋଇଥିଲେ । ମୂଳର ମୋହ ସେମିତି ଏକ ପ୍ରାକୃତିକ ରହସ୍ୟ, ଯାହା ମାୟା ନୁହେଁ କି ଭ୍ରମ ନୁହେଁ – ଏକଦମ୍ ସତ । ଗୋଟିଏ ସମ୍ବାଦ ବେଶ ତାଜା ଲାଗିଲା । ଭଦ୍ରଲୋକଙ୍କ ନାଁ – ରାମରୂପ ଜଗନ୍ନାଥ । ବୟସ – ୫୦ । ମରିସସ୍‌ର ଜଣେ ସିଭିଲ୍-ସର୍ଭେଣ୍ଟ । ସେ ନିଜକୁ ଭାରତୀୟ ବଂଶୋଦ୍ଭବ ବୋଲି ଜାଣିଥିଲେ, ହେଲେ ମୂଳ ଓଡ଼ିଆ ବୋଲି ଜାଣି ନ ଥିଲେ । ଗତ କୋଡ଼ିଏ ବର୍ଷ ଧରି ସେ ମୂଳ ଖୋଜି ଚାଲିଛନ୍ତି । ଆର୍କାଇଭ୍ ରେକର୍ଡ଼ରୁ ପାଇଲେ ଯେ ତାଙ୍କର ପୂର୍ବପୁରୁଷ, ୨୫ ବର୍ଷ ବୟସର ଜଣେ ଜଗନ୍ନାଥ ଦାସ ଠିକା-ଶ୍ରମିକ (ନଂ-୩୫୨୦୩୬) ଭାବେ ନଭେମ୍ବର ୩୦, ୧୮୭୦ ଦିନ 'ଆଲମଗିରି' ଜଳ-ଜାହାଜରେ ମରିସସ୍ ଆସିଥିଲେ । ସମୟ 'ନ-ଅଙ୍କ' ଦୁର୍ଭିକ୍ଷ ପର । କେତେ କୁଆଡ଼େ ପଳେଇଥିଲେ । ଜଗନ୍ନାଥଙ୍କ ମୂଳବାସ ଥିଲା ଓଡ଼ିଶାର ଅଧୁନା ଯାଜପୁର ଜିଲ୍ଲା । ଅନ୍ୟମାନଙ୍କ ପରି ସେ ବି ସେଠି ରହିଗଲେ । ଆଠ ଦଶ ପିଢ଼ି ବିତିଛି । ତାଙ୍କ କୁଳରେ ଓଡ଼ିଆ ରୂପର କିଛି ପରିଚୟ ନଥିଲା । ଏବେ ରାମରୂପ ଓଡ଼ିଶା ସହିତ ମୂଳ ଯୋଡ଼ିବାକୁ ଉଦ୍ୟମ ଜାରି ରଖିଛନ୍ତି ଇଷ୍ଟ ଜୋନ୍ ନେସନାଲ ଆର୍କାଇଭ୍ ଅଧକ୍ଷ ଐତିହାସିକ ଡକ୍ଟର ଲଲାଟେନ୍ଦୁ ଦାସ ମହାପାତ୍ରଙ୍କ ଜରିଆରେ । ନିଜର ମୂଳ ଖୋଜିବା ଏକ ଜାତିସଂଘ ସ୍ୱୀକୃତ ମାନବିକ ଅଧିକାର । ମାତ୍ର ଭୂଇଁର ଓଡ଼ିଆମାନେ ମୂଳ ଭୁଲିବାକୁ ଭଲ ପାଆନ୍ତି । ଏମିତି ଅବସ୍ଥାରେ ମରିସସ୍‌ର ଜଣେ ଉଚ୍ଚବର୍ଗ ହାକିମ ରାମରୂପ ଜଗନ୍ନାଥଙ୍କ ଉଦ୍ୟମ ଶୁଭ ହେଉ ବୋଲି କେଉଁ ଓଡ଼ିଆ-ପ୍ରାଣ ନ ଚାହିଁବ ?



# ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ରାଜିନାମା: ବୟନଶିଳ୍ପ କ୍ଷେତ୍ରରେ ଏକ ଐତିହାସିକ ଅଧ୍ୟାୟାରମ୍ଭ

ଭାରତ ବର୍ତ୍ତମାନ ଯେଉଁଭଳି ଭାବରେ ବିଶ୍ୱ ମଂଚର ପଦାପତଣ କରିଛି ତାହାକୁ କେହିକେବେ ଅଣଦେଖା କରିପାରିବେ ନାହିଁ। ୧୬ଶ ଭାରତ-ୟୁରୋପୀୟ ସଂଘ ଶିଖର ବୈଠକ ଅବସରରେ, ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଆନୁଷ୍ଠାନିକ ଭାବରେ ସ୍ୱାକ୍ଷରିତ ହୋଇଛି, ଯାହାକିଉଭୟ ପକ୍ଷଙ୍କ ନିମନ୍ତେ ଏକ ଐତିହାସିକ ମୁହୂର୍ତ୍ତ ଏବଂ ଅବସର । ଏଥି ନିମନ୍ତେ ଦଶନ୍ଧିଦଶନ୍ଧିଧରିଆଲୋଚନା ହୋଇ ଆସୁଥି । ଏବଂ ସେହିପରିକଳ୍ପନା, ପ୍ରତିବଦ୍ଧତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ଆର୍ଥିକ ନେତୃ ତ୍ୱର ପରିଣାମ ସ୍ୱରୂପ ଏହିରାଜିନାମା ପରିଶେଷରେ ସ୍ୱାକ୍ଷରିତ ହୋଇଛି । ଉଭୟ ପକ୍ଷ- ଭାରତ ଏବଂ ୟୁରୋପୀୟ ସଂଘ, ବିଶ୍ୱର ଚତୁର୍ଥତଏବଂ ଦ୍ୱିତୀୟ ସବତବୃହତ୍ ଆର୍ଥିକ ବୟବସ୍ଥା ଭାବରେ ନକ୍ଜିକୁଅବସ୍ଥାପିତ କରିଛେଏବଂ ଉଭୟ ମିଶିବୈଶ୍ୱିକ ସାମଗ୍ରିକ ଘରୋଇ ଉତ୍ପାଦ (ଜ଼ିଡିପି)ର ୨୫ ପ୍ରତଶିତକୁପ୍ରତିନିଧିତ୍ୱ କରେ । ତେତେବେଳେ ଏହିଦୁଇ ଆର୍ଥିକ ମହାଶକ୍ତିସହମତରେ ପହଂଚି ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ କେ , ଏହାକୁକେବଳ ଦୁଇ ପକ୍ଷଙ୍କ ମଧ୍ୟରେ ଏକ ମାମୁ ବାଣିଜ୍ୟ ରାଜିନାମା ରୂପରେ ବିବେଚନା କରାଯାଉନାହିଁ, ଅପର ପକ୍ଷେ ଏହା ସମସ୍ତ ବାଣିଜ୍ୟ ରାଜିନାମାର ଜନନୀ ରୂପରେ ମାନ୍ୟତା ଗ୍ରହଣ କରିଛି, କାରଣ ଏହାର ମାତ୍ରା ଏବଂ ରଣନୀତିକ ମହତ୍ୱ ବେଶ୍ ପ୍ରଭାବୀ ଏବଂ ସୁଦୂର ପ୍ରସାରୀ । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମାର ଗେତ୍ରା ଶାସନ ବୟବସ୍ଥାରେ ଥିବା ପ୍ରମୁଖୟ ବେଷୈମୟକୁବୟାପକ ମାତ୍ରାରେ ପ୍ରଦଶିତ କରେ । ୨୦୧୪ ମସିହାରେ ଭାରତର ସାରା ବିଶ୍ୱରେ ମାତ୍ର ୧୯ ଟେିରାଷ୍ଟ୍ରଙ୍କ ସହିତ ବାଣିଜ୍ୟ କାରବାର ସୁବଧିା ଥିବାବେଳେ ଆଜିତାହା ୫୬ରେ ପହଂଚିଛି ଏବଂ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ଯୋହାକିୟୁରୋପର ୨ ଟି ଉଚ୍ଚ ମୂ ୟେକ୍ତ ରାଷ୍ଟ୍ରର ବଜ଼ାରକୁ ପ୍ରତିନିଧିତ୍ୱ କରେ, ତାହା ସ୍ୱାକ୍ଷରିତ ହେବା ଫଳରେ ଏହା ଅଧିକ ବୟାପକ, ସ୍ୱଷ୍ଟ ଏବଂ ପରିଣାମ ପ୍ରେରିତ ଶାସନ ବୟବସ୍ଥାକୁ ପ୍ରତିଫଳିତ କରୁଛି । ବିଶ୍ୱ ବୟନ ଶିଳ୍ପ ଏବଂ ପରିଧାନ ବଜ଼ାର ବର୍ତ୍ତମାନ ୧.୧ ଟ୍ରିୟନ ଆମେରିକୀୟ ଡାରରୁଅଧିକ ଭାବରେ ମୁଣ୍ଡ ଟେକିଛି ,ଯୋହା ବିଶ୍ୱର ଏହସିବୁସାମଗ୍ରୀ ପ୍ରତିଚାହିଦାର ମାତ୍ରା ଏବଂ ବବିଧିତାକୁପ୍ରତିଫଳିତ କରେ ।୨୦୦୧ ମସିହାରେ ଏହାର ବୈଶ୍ୱିକ ରପ୍ତାନୀ ପରିମାଣ ୩୬୬.୮ ବିଡିୟନ ଆମେରିକୀୟ ଡ ାର ଥିବାବେଳେ ୨୦୨୪ ମସିହା ସୁଦ୍ଧା ଏହା ଦ୍ୱିଗୁଣିତ ହୋଇ ପ୍ରାୟ ୮୦୦ ବିଡୟନ ଆମେରିକୀୟ ଡାର ଛୁଇଁଛି । ଏହା ଅଗେଜ୍‌ତାତିକ ବାଣିଜ୍ୟ କାରବାରର ନିରବଚ୍ଛିନ୍ନ ଏବଂ ପୋଷଣୀୟ ସମ୍ପ୍ରସାରଣକୁ ପ୍ରତିପାଦିତ କରେ । ଭାରତ ଏହିସମୟ ମଧ୍ୟରେ ନିଜ ସ୍ଥିତକୁବେଶ୍ ମଜଭୂତ କରିପାରିଛି । ଏହିଅବଧି ମଧ୍ୟରେ ଭାରତର ବୟନ ଶିଳ୍ପ ରପ୍ତାନୀ ପରିମାଣ ୧୦ ବିଡିୟନ ଆମେରିକୀୟ ଡ ାରରୁବୃଦ୍ଧିପାଇ ୪୦ ବିଡିୟନ ଆମେରିକୀୟ ଡାର ହୋଇଛିଯୋହାକିବୈଶ୍ୱିକ ବାଣିଜ୍ୟ କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ବଦ୍ଧିଷ୍ଣୁଉପସ୍ଥିତକୁ ପ୍ରମାଣିତ କରୁଛି । ସେହିଭଳିଘରୋଇ ଭାବେ, ଏହାର ମାତ୍ରାରେ ସମାନ ଭାବରେ ବୃଦ୍ଧି ଘଟିଯାଇଛି । ଭାରତର ବୟନ ଶିଳ୍ପ ବଜ଼ାର ୧୩୮ ବିଡିୟନ ଆମେରିକୀୟ ଡ ାରରୁବୃଦ୍ଧିପାଇ ୨୦୨୫ ମସିହାରେ ୧୯୦ ବିଡିୟନ ଆମେରିକୀୟ ଡ ାର ଛୁଇଁଛି । ଏହା ପଛରେ ଥିବା ମୁଖ୍ୟ କାରଣଟିହେ । ବର୍ଦ୍ଧିତ ଖାଉଟିଚାହିଦା ଏବଂ ସେମାନଙ୍କର ବୟାପକ କ୍ରୟ ଶକ୍ତି । ଏହିଅଭିବୃଦ୍ଧିକୁଢାଂଚା ତ ସଂସ୍କାର ଏବଂ ନୀତି ତ ଉପକ୍ରମ ସହାୟକ ହୋଇଛିଯୋହାକିଆଧୁନିକ ପଦ୍ଧତିରେ ଉତ୍ପାଦନ, ମଜଭୁତ ଶୃଙ୍ଖଳ ଏବଂ ଉନ୍ନତ ବୈଶ୍ୱିକ ପ୍ରତିଯୋଗିତା ପ୍ରୟାସ ସହାୟକ ହୋଇଛି । ଏହି ପୃଷ୍ଠ ଭୂମିରେ ଭାରତ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ଐତିହାସିକ ମହତ୍ୱ ବହନ କରେ । ଏହିରାଜିନାମା ପ୍ରାୟ ୨୦୦ କୋଟିଖାଉଟି ବଜ଼ାରରେ ପ୍ରବେଶ ନିମନ୍ତେ ପର୍ଥ ଉନମୁକ୍ତ କରେ ଯୋହାକିସମଗ୍ର ୟୁରୋପୀୟ ସଂଘର ୨୪ ଟ୍ରିଲିୟନ ମୂ ୟର ବଜ଼ାରକୁ ପ୍ରତିନିଧିତ୍ୱ କରେ । ସେମାନେ ବର୍ତ୍ତମାନ ୯୯ ପ୍ରତଶିତରୁ ଅଧିକ ଭାରତୀୟ ରପ୍ତାନୀ ସାମଗ୍ରୀକୁଅଗ୍ରାଧିକାର ଭିର୍ତ୍ତିକ ପ୍ରବେଶ ଅନୁମତିପ୍ରଦାନ କରିଛେ ହୋକି ମୂଲ୍ୟ ଆଧାରିତ ଏବଂ ଏଥିରୁ୧୦-୧୨ ପ୍ରତିଶତ ଟାରିଫ୍ ହ୍ରାସ ପାଇଛି । ମୂଲ୍ୟ ଆକଳନ ଅନୁସାରେ ଏଥିରେ ପ୍ରାୟ ୩୩ ବଡିୟନରୁ ଆମେରିକୀୟ ଡାର ମୂଲ୍ୟର ସାମଗ୍ରୀ ରହିଛି । ଏହିମୁକ୍ତ ବାଣିଜ୍ୟ ରାଜିନାମା ବସ୍ତୁତଃ ଭାରତର ମୂଲ୍ୟ ପ୍ରତିଯୋଗିତାକୁ ବିଶ୍ୱର ସବୁଠାରୁ ପ୍ରିମିୟମ୍ ବଜ଼ାରରେ ବୃଦ୍ଧିକରେ । ବି ତ ଦୁଇ ବଷତମଧ୍ୟରେ, ଆମେ ଅତିବୟବସ୍ଥିତ ଭାବରେ ଏକ ନୂତନ ବଜ଼ାର ବିବିଧିକରଣ ରଣନୀତିପ୍ରସ୍ତୁତ କରିଛୁଏବଂ ଏହାକୁଆ କୁଆଗେ ନେଇଛୁ । ଏହା ସାମଗ୍ରିକ ଘରୋଇ ଉତ୍ପାଦ ଡାଟା, ଉପଭୋକ୍ତାମାନଙ୍କ ଚାହିଦା ଧାରା, ଜନସଂଖୟାର ମାତ୍ରା ଏବଂ ମୁଣ୍ଡପିଛା ଆୟ ଉପରେ ଆଧାରିତ । ଏଭଳିରଣ ନୀତିକ ମୂ ଳନୀତିବର୍ତ୍ତମାନ ଫଳ ପ୍ରସୂତ ହେବାରେ ୨୦୨୫ ମସିହାରେ, ବୈଶ୍ୱିକ ଆର୍ଥିକ ଅସ୍ଥିରାବସ୍ଥା ସତ୍ୱେ, ଭାରତୀୟ ବୟନଶିଳ୍ପ ବଜ଼ାର ପ୍ରାୟ ୧୦୦ରୁଅଧିକ ଦେଶରେ ସକାରାତ୍ମକ ରପ୍ତାନୀ ବିକାଶ ସୁଫଳ ହାସ କରିପାରିଛିଯୋହା ଫଳରେ ଆମର ବୈଶ୍ୱିକ ରପ୍ତାନୀ ସମ୍ପ୍ରସାରଣ ଦି ରେ ଉଲ୍ଲେଖନୀୟ ସଫଳତା ହାସ କରାଯାଇପାରିଛି । ଏହି କ୍ଷୟ ଆଧାରିତ ଆଭିମୁଖ୍ୟ ଅଧୀନରେ, ଆର୍ଜେଣ୍ଟିନାକୁ ଆମର ରପ୍ତାନୀ ପ୍ରାୟ ୭୭ ପ୍ରତିଶତ ବୃଦ୍ଧିପାଇଛି । ପାରାଏକୁ ଏହି ରପ୍ତାନୀ ବୃଦ୍ଧି୪୫ ପ୍ରତିଶତ ହୋଇଥିବାବେଳେ ଇଜିପ୍ଟକୁ୩୦ ପ୍ରତିଶତ ବଢ଼ିଛି । ଏଭଳିରପ୍ତାନୀ ବୃଦ୍ଧିପୋଷାକପତ୍ର ରପ୍ତାନୀ ନେତୃତ୍ୱାଧୀନ ଏବଂ ଏହା ପଛରେ ଏକ ଦଶନ୍ଧିର ଉତ୍ପାଦନ କ୍ଷମତା ସମ୍ପ୍ରସାରଣ ଉପକ୍ରମ କରାଯେ କରିଛି । ବି ତ ଦଶ ବଷତମଧ୍ୟରେ, ୨ କୋଟିରୁଅଧିକ ସିଲେଇ ମେସିନ୍ ଭାରତର ଉତ୍ପାଦନ ଇକୋସିଷ୍ଟମରେ ସାମି ହୋଇଛି, ଯୋହାକିଉତ୍ପାଦନକୁ ପେଡୟାପ୍ତ ମାତ୍ରାରେ ମଜଭୂତ ରହିଂଛି, ଉତ୍ପାଦିକା ହାର ବୃଦ୍ଧିକରିଛିଏବଂ କମତନୈ୍ତିମଧ ବଢ଼ାଇଛି । ଏହିସମ୍ପ୍ରସାରଣ ପଛରେ ରହିଛିଏକ ମଜଭୁତ ନୀତି । ୨୦୨୬-୨୭ ଆର୍ଥିକ ବଷତର କେନ୍ଦ୍ର ବଜେଟରେ ବୟନ ଶିଳ୍ପକୁଭାରତର ଅଭିବୃଦ୍ଧି ରଣନୀତିର କେନ୍ଦ୍ରରେ ରଖାଯାଇଛି ଏବଂ ଏଥି ନିମନ୍ତେ ମେ । ବୟନ ପାକତଏବଂ ସମନ୍ୱିତ ମୂ ୟ ଶୃଙ୍ଖଳ ତର୍ଥା ସମର୍ଥତ୨.୦ ଅଧୀନରେ କୌଶଳ ବିକାଶ ଭଳି ରଣନୀତି ରହିଛି । ଏହାକୁ ସମର୍ଥତନ ହୋଇବା ନିମନ୍ତେ ପ୍ରମୁଖ କଲଷ୍ଟର ମାନଙ୍କରେ ବୟନ ସାମଗ୍ରୀ ରପ୍ତାନୀ ସୁବଧିା କେନ୍ଦ୍ର (ଟିଇଏଫସି) ଠନ ରପ୍ତାନୀକାରୀମାନଙ୍କୁ ବଜ଼ାର ସୂଚନା, ଏଫଟିଏ ନିୟମାବଳୀ, ନିୟାମକ ସମର୍ଥତନ ଏବଂ ମୂଳରୁଶେଷ ପେଡୟେ ସିଙ୍ଗ ପଲାଟଫମତସୁବଧିାମାନ ରହିଛି । ଭାରତର ବୟନ ରପ୍ତାନୀ ବର୍ତ୍ତମାନ



ଶ୍ରୀ ଗିରିରାଜ୍ ସିଂହ

ନିରବଚ୍ଛିନ୍ନଭାବେ ବୃଦ୍ଧିପାଇବାରେ । ୨୦୧୯-୨୦ ମସିହାରେ ଏହା ୨.୫ କୋଟିଟଙ୍କା ଥିବାବେଳେ ୨୦୨୪-୨୫ ମସିହା ସୁଦ୍ଧା, ମାତ୍ର ପାଂଚ ବଷତରେ ଏହା ୩.୫ । କୋଟିଟଙ୍କାକୁବୃଦ୍ଧି ପାଇଛି । ପରବର୍ତ୍ତୀ ପେଡୟାୟରେ ଆମକୁତ୍ୱରାକରଣ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁହେବ ଏବଂ ଏଥି ନିମନ୍ତେ ରପ୍ତାନୀକାରୀମାନଙ୍କ ଉପରେ ସେହିଧ୍ୟାନ କେନ୍ଦ୍ରିତ ହେବ । ପ୍ରର୍ଥମତଃ, ରପ୍ତାନୀକାରୀମାନଙ୍କୁବର୍ତ୍ତମାନ କରାଯେକ୍ଷମ ଥିବା ଏଫଟିଏ ବଜ଼ାରର ଆହୁରି ଭୀରକୁପ୍ରବେଶ କରିବାକୁପଡ଼ିବ । ସେହସିବୁବଜ଼ାର ତ୍ୱରିତ ସୁଯୋ ପ୍ରଦାନ କରେ ଯେଉଁଠାରେ ଅଧିକ ଧ୍ୟାନ ପ୍ରଦାନ ଏବଂ କଲଷ୍ଟର-ସମାଯୋଜିତ ରଣନୀତିଅତିରିକ୍ତ ୨୦-୨୫ ପ୍ରତିଶତ ରପ୍ତାନୀ ବିକାଶ ଘଟାଇ ପାରିବ । ଦ୍ୱିତୀୟତଃ, ସହଭା 1 ରାଷ୍ଟ୍ର, ଉଚ୍ଚ-ମାତ୍ରାର ରପ୍ତାନୀ କ୍ଷେତ୍ରରେ ଥିବା ଉତ୍ପାଦ ବେଷୈମୟକୁ ଅତିବୟବସ୍ଥିତ ଭାବରେ ଚିହ୍ନଟ କରିବାକୁହେବ, ଯେଉଁଠାରେ କିଭାରତର ସୀମିତ ଅର୍ଥବା କୌଣସିପ୍ରକାର ପ୍ରତିଦ୍ୱନ୍ଦ୍ୱୀ ଉପସ୍ଥିତିନାହିଁ । ଉଦାହରଣ ସ୍ୱରୂପ, ବ୍ରିଟେନ ଏକ ବପୁିଳ ମୋଜ଼ା ଆମଦାନୀକାରୀ ରାଷ୍ଟ୍ର, କିନ୍ତୁଭାରତୀୟ ରପ୍ତାନୀକାରୀ ମାନେ ସେ ଦେଶକୁ ମୋଜ଼ା ହୋଉଥିବା ପ୍ରମୁଖ ରପ୍ତାନୀକାରୀମାନଙ୍କ ମଧ୍ୟରେ ସାମି ନୁହେ । ଏଭଳି ୟାପ୍ ସ୍ୱଷ୍ଟ ରୂପେ କରାଯେପନ୍ଥା ଗ୍ରହଣକାରୀ ପ୍ରଦାନ କରେ । ତୃତୀୟତଃ, ରପ୍ତାନୀକାରୀ ମାନଙ୍କ ଆଧାର ମଧ୍ୟ ସମ୍ପ୍ରସାରିତ ହେବା ଜରୁରୀ । ପ୍ରତିଷ୍ଠିତ ରପ୍ତାନୀକାରୀମାନେ ମେଂଟର ସାଜି ନୂଆ ନୂଆ ରପ୍ତାନୀକାରୀମାନଙ୍କୁପ୍ରତିବୟନ କଲଷ୍ଟରରୁ ସେମାନଙ୍କୁଚୟନ କରିବୈଶ୍ୱିକ ବାଣିଜ୍ୟ ଚେନରେ ସାମି କରିପାରିବେ । ଉଲ୍ଲେଖନୀୟ, ୧୦୦ଟିଦେଶରେ ସାମ୍ପ୍ରତିକ ଅଭିବୃଦ୍ଧିର ଅଧିକାଂଶ କାରଣ ନୂତନ ରପ୍ତାନିକାରୀମ ।ନେ ଆନ୍ତର୍ଯ୍ୟାତିୟ ବଜ଼ାରରେ ପ୍ରବେଶ କରିଛେ । ସରକାର ଏହିସମ୍ପ୍ରସାରଣକୁ ସକ୍ରିୟ ଭାବରେ ସକ୍ଷମ କରୁଛି । ୨୦୩୦ ମସିହା ସୁଦ୍ଧା ୧୦୦ ବିିୟନ ଆମେରିକୀୟ ଡ ।ର ମୂ ୟର ରପ୍ତାନୀ କ୍ଷୟ ରଖିଥିବା ଭାରତୀୟ ବୟନ ଶିଳ୍ପ ରଣନୀତିଏହାର ମାତ୍ରା, ବେ ଏବଂ ବୈଶ୍ୱିକ ମହତ୍ୱାକାଂକ୍ଷାକୁ ପ୍ରତିଫଳିତ କରେ । ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ରାଜିନାମା ଏହିଗେତ୍ରାକୁ ତିପ୍ରଦାନ କରିଏହାକୁମଜ୍ଭୁତ କରେ । ତେଣୁଏହା କେବଳ ଏକ ବାଣିଜ୍ୟ ଚୁକ୍ତିନୁହେଁ, ଏହା ଏକ ରଣନୀତିକ ସହଭାଗିତା ହୋଇ-୧୭୯ ଆମେରିକୀୟ ଡ ।ରରୁ୨୦୩୦ ମସିହା ସୁଦ୍ଧା ୩୫୦ ବିିୟନ ଆମେରିକୀୟ ଡାରକୁ ବୃଦ୍ଧିପାଇବାର କ୍ଷୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ, ଭାରତ ବର୍ତ୍ତମାନ ଆଉ କେବଳ ବୈଶ୍ୱିକ ବାଣିଜ୍ୟର ଅଂଶବିଶେଷ ହୋଇ ରହିନାହିଁ, ବରଂ ଏହାକୁରୂପ ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି ।

***(ଲେଖକ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ । ଏହିପ୍ରବନ୍ଧରେ ପ୍ରତିଫଳିତ ଚିନ୍ତାଧାରା ଲେଖକଙ୍କର ନିଜସ୍ୱ)***

## ନବଜାତ ଶିଶୁ କନ୍ୟା ଉଦ୍ଧାର

ସୋର(ନିପ୍ର): ସୋର ପୌରାଂଚଳ ଖଣ୍ଡାସାହି ଗ୍ରାମର ଜଣେ ମହିଳା ଘରଠାରୁ କିଛି ଦୂରରେ ଥିବା ଏକ ବାଡିକୁ ଯାଇଥିବା ବେଳେ ସେଠାରେ ଏକ ବେଗ ଭିତରେ ନବଜାତ ଶିଶୁ କନ୍ୟାଟିକୁ ପାଇ ତାଙ୍କ ଘରେ ରଖିଥିଲେ । ଶିଶୁ କନ୍ୟାକୁ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସିତ କରାଇ ନିଜ ଘରେ ରଖିଥିଲେ । ଏନେଇ ଜଣେ ବ୍ୟକ୍ତି ଅଭିଯୋଗ କରିବା ପରେ ଚାଇଲ୍ଡ ହେଲ୍ପ ଲାଇନର ସଦସ୍ୟ ପଂଚାନନ ତ୍ରିପାଠୀ ଓ ଜ୍ୟୋତି ପ୍ରକାଶ କର ସୋର ପୁଲିସ ସହଯୋଗରେ କନକଙ୍କ ଘରୁ ଶିଶୁ କନ୍ୟାକୁ ଉଦ୍ଧାର କରିଥିଲେ । ପରେ ଉଦ୍ଧାର ଶିଶୁ କନ୍ୟାକୁ ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଥିବା ଜଣାପଡିଛି ।

# ଏଚ ପି ଭି ଟୀକା କରଣର ଶୁଭାରମ୍ଭ କଲେ ବାଚସ୍ପତି



ନୟାଗଡ଼(ନିପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୟାଗଡ଼ ଠାରେ ମାନ୍ୟବର ବାଚସ୍ପତି ମହୋଦୟ । ସୁରମା ପାଢ଼ୀ ଜିଲ୍ଲା ସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ (HPV) ସଂକ୍ରମଣ ର ନିରାକରଣ ପାଇଁ ଟୀକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଟୀକା କରଣ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଟୀକା ଦ୍ୱାରା ଆଗାମୀ ଦିନରେ ରେ ଜରାୟୁ ଗ୍ରିବା କର୍କଟ ରୋଗକୁ ଅଟକାଇ ଯାଇ ପାରିବ । ପ୍ରଥମ ପର୍ଯ୍ୟାୟରେ ୩୫୦୦ ଟୀକା ଆସିଥିବା ବେଳେ ଆଗକୁ ସମୁଦାୟ ୧୦୦୦୦ ଟୀକା କରଣର ଲକ୍ଷ୍ୟ ରଖା ଯାଇଛି । ଏହି ଅଭିଯାନ ଆସନ୍ତା ୩ ମାସ କାଳ ଚାଲିବ, ଏବଂ୧୪ ରୁ ୧୫ ବର୍ଷ ବୟସ ସମସ୍ତ ବାଳିକା ମାନେ ଏହି ଟୀକା ନେବେ । ଏହି ଅବସର ରେ ଜିଲ୍ଲାପାଳ ମଧୁମିତା ରଥ, ଉପ ଜିଲ୍ଲାପାଳ କର୍ମଦେବ ସମାଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପୁଷ୍ପା ନିଳୀମା ଲାକ୍ରା, ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡ. ସୁଶାନ୍ତ ବେହେରା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ପ୍ରକାଶ ବାନାର୍ଜୀ, ଜିଲ୍ଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ମହାନ୍ତି ତଥା ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଉପସ୍ଥିତି ଥିଲେ ।

# ଇଗଲଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ



ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡା ମୋହିନି ରୟାଲସ ହୋଟେଲ ପରିସରରେ ଇଗଲଗ୍ରୁପ ପକ୍ଷରୁ ପ୍ରତ୍ୟେକ ବର୍ଷ ପରି ୪ର୍ଥ ବର୍ଷ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ମୋଟ ୧୦୧ ୟୁନିଟ ରକ୍ତ ସଂଗହ କରାଯାଇ ଜିଲ୍ଲା ରକ୍ତ ଭଣ୍ଡାରକୁ ହସ୍ତାନ୍ତର କରାଯାଇଛି । ଏହି ଅବସରରେ ଅତିଥି ଭାବରେ ପୂର୍ବତନ ବରିଷ୍ଠ ନାଗରିକ ସଂଘର ସଭାପତି ଅର୍ଜୁନ ମୋର ଯୋଗ ଦେଇ ପ୍ରକାଶ କରି କହିଛନ୍ତି ରକ୍ତଦାନ କରି ଦେଶରେ ରକ୍ତଭାବ ଜନିତ ମୃତ୍ୟୁକୁ ରୋକାଯାଇ ପାରିବ । ତେଣୁ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ରକ୍ତ ଦାନ କରନ୍ତୁ । ଆଜି ସଂଗ୍ରହ ହୋଇଥିବା ରକ୍ତ ଜିଲ୍ଲା ରକ୍ତ ଭଣ୍ଡାରରେ ଦେଖାଦେଇଥିବା ରକ୍ତ ଅଭାବକୁ ଦୂର କରିବ । ଇଗଲ ଗ୍ରୁପରପକ୍ଷରୁ ରକ୍ତଦାନ କରି ଏକ ଜୀବନ ବଂଚାଇବାରେ ସହଯୋଗ କରୁଥିବା ବ୍ୟକ୍ତିଙ୍କୁ ସେ ସମ୍ମାନିତ କରିବା ସହ ଆଗାମୀ ଦିନରେ ରକ୍ତଦାନ ଜାରି ରଖନ୍ତୁ ବୋଲି ପ୍ରୋତ୍ସାହିତ କରିଥିଲେ । ଏହି ଶିବିର ରେ ସହର ର ବରିଷ୍ଠ ନାଗରିକ,ତ୍ରିନାଥ ଗୁଆଲ, ଅଜୟ ବାରିକ, ତାପସ ରାୟ ଚଉଧୁରୀ , ବିଜୟ ମୁନ୍ଦ୍ରା , ପ୍ରଶାନ୍ତ ନନ୍ଦ, ଡଃ ପ୍ରକାଶ ରଣା ବହୁ ଅନୁଷ୍ଠାନର ବ୍ୟକ୍ତି ବିଶେଷ ମାନେ ଉପସ୍ଥିତ ଥିଲେ । ଇଗଲ ଗ୍ରୁପର ସଭାପତି ଦିବ୍ୟ ସିଂ ପଟ୍ଟନାୟକ, ସଂପାଦକ ହିମାଦ୍ରିପ୍ରଧାନ,ରାକେଶ ସାହୁ ପ୍ରଭୃତି ରହି ଥିବା ବେଳେ ଝାରସୁଗୁଡା ବ୍ଲଡ ବ୍ୟାଙ୍କର ଅଫିସର ଶିଳାବନ୍ତି ଜୋଜୋ, ତାଙ୍କର ସହକର୍ମ ମାନେ ଉପସ୍ଥିତ ରହି ରକ୍ତ ସଂଗହ୍ର କରିଥିଲେ ।

# ଜଳେଶ୍ୱର ବିକାଶ ବିଜୁ ଜନତା ଦଳର ପ୍ରାଥମିକତା

ଜଳେଶ୍ୱର(ନିପ୍ର): ଜଳେଶ୍ୱରର ବିକାଶ ପାଇଁ ବିଜୁ ଜନତା ଦଳ ନିରନ୍ତର ପ୍ରୟାସ କରି ଆସିଛି । ଯେତେବେଳେ ବିକାଶର କଣ୍ଠରୋଧ କରିବା ପାଇଁ କେହି ପ୍ରୟାସ କରିଛି କିମ୍ବା ବିକାଶକୁ ବାଟବଣା କରିବା ପାଇଁ କେହି ଯଦି ଅପଚେଷ୍ଟା କରିଛି ସେ କ୍ଷେତ୍ରରେ ଏକ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ଭାବରେ ପ୍ରତିବାଦର ସ୍ୱର ଶାଣିତ କରିଛି ଏବଂ ଅଂଚଳର ଜାଗ୍ରତ ପ୍ରହରୀ ଭାବରେ ତା ଦାୟିତ୍ୱ ତୁଲେଇ ଆସିଛି । ସୂଚନା ଯୋଗ୍ୟ ଯେ ଗତ ୧୮ ଫେବୃଆରୀ ୨୦୨୬ ରିଖ ଗୋଶାଳା କାର୍ଯ୍ୟ ତୁରନ୍ତ ଆରମ୍ଭ ଦାବିରେ ଜଳେଶ୍ୱର ପୌରପାଳିକାରକାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଜୁ ଜନତା ଦଳ, ଜଳେଶ୍ୱର ନଗର ତରଫରୁ ଏକ ଦାବି ପତ୍ର ପ୍ରଦାନ କରିବା ସହ ତୁରନ୍ତ ଗୋଶାଳା କାର୍ଯ୍ୟ ଆରମ୍ଭ ନ ହେଲେ ଆସନ୍ତା ୨ ମାର୍ଚ୍ଚ ୨୦୨୬ ରିଖରେ ଜଳେଶ୍ୱର ପୌରପାଳିକା ଅଫିସ ଆଗରେ ଜଳେଶ୍ୱରବାସୀଙ୍କ ସମର୍ଥନରେ ଦଳୀୟ ସଦସ୍ୟ ମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ । ଦାବି ପତ୍ରକୁ ଗମ୍ଭୀରତାର ସହ ନେଇ ୨୭ ଫେବୃଆରୀ ୨୦୨୬ ରିଖ ଜଳେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଇ ସପ୍ତାହ ମଧ୍ୟରେ ଗୋଶାଳା କାର୍ଯ୍ୟ ଆରମ୍ଭ କରିବେ ବୋଲି ବିଜୁ ଜନତା ଦଳର ନଗର ସଭାପତି ସୁରଜିତ ଘୋଷଙ୍କୁ ପତ୍ର ମାଧ୍ୟମରେ ପ୍ରତିଶ୍ରୁତି ଦେଇଛନ୍ତି । କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତିଶ୍ରୁତିକୁ ଭରସା କରି ପ୍ରସ୍ତାବିତ ୨ ମାର୍ଚ୍ଚ ୨୦୨୬ରେ ଦଳ ତରଫରୁ ହେବାକୁ ଥିବା ଆନ୍ଦୋଳନକୁ ସ୍ଥଗିତ କରାଗଲା । ଯଦି ଉକ୍ତ ସମୟ ସୀମା ମଧ୍ୟରେ ଗୋଶାଳା କାର୍ଯ୍ୟ ଆରମ୍ଭ ନ ହୁଏ ତେବେ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳ, ଜଳେଶ୍ୱର ନଗର ଜଳେଶ୍ୱର ବାସୀଙ୍କ ସହଯୋଗରେ ଜଳେଶ୍ୱର ପୌରପାଳିକା ଅଫିସକୁ ଘେରାଉ କରିବାକୁ ବାଧ୍ୟ ହେବ । ପ୍ରେସ ବିବୃତିରେ ନଗର ସଭାପତି ସୁରଜିତ ଘୋଷ, ଯୁବ ସଭାପତି ଆନନ୍ଦ କର, ଛାତ୍ର ସଭାପତି ସୁରଜ୍ କୁମାର ଚୌରାଶିଆ, ବିଧାୟକ ପ୍ରତିନିଧି ସତ୍ୟରଞ୍ଜନ ଦାସ ମହାପାତ୍ର, ବିଜୟ ରଣା, ରାଜେଶ ଦେ, ସମରେନ୍ଦ୍ର ପରିଡ଼ା, ମିର ଆବାସ ଅଲ୍ଲୀ, ସେଖ ସୈଫୁଦ୍ଦିନ, ଅମୂଲ୍ୟ ଦତ, ସତ୍ୟବତୀ ଗିରି, କବିତା ଧଳ ଓ ସଞ୍ଜୀବ କୁମାର ପାଳ ଜଣାଇଛନ୍ତି ।

## ୧୫ବର୍ଷ ପରେ ପୂରଣ ହେଲା ଶିଶୁ ବିଶେଷଜ୍ଞ ପଦବି

ଖଇରା(ନିପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୁତନ ଶିଶୁ ରୋଗ ବିଶେଷଜ୍ଞ ଭାବେ ଡା ବ୍ରଜ ସୁନ୍ଦର ସ୍ୱାଇଁ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦାନ କରିଛନ୍ତି । ଖଇରାରେ ଏହି ପଦବୀ ୧୫ବର୍ଷ ଧରି ଖାଲି ରହିବା ପରେ ଉକ୍ତ ପଦବୀ ପୁରଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା । ଶେଷରେ ସୋରରେ କାର୍ଯ୍ୟରତ ଖଇରା ବ୍ଲକ ଗଡ଼ପୋଖରୀ ପଂଚାୟତ ବଗେଇପୁର ଗ୍ରାମର ନିଜ ଅଂଚଳର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଖଇରା ବ୍ଲକର ୩୭ ପଂଚାୟତର ଜନସାଧାରଣ ଖୁସି ଜାହିର କରିଛନ୍ତି ।

# ବୋରିଗୁମ୍ମାରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ

ବୋରିଗୁମ୍ମା(ନିପ୍ର): ବୋରିଗୁମ୍ମା ସଦର ମହକୁମା ଠାରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବୋରିଗୁମ୍ମା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ନିକଟ ପୋଖରୀ ରୁ ଶହ ଶହ ହିନ୍ଦୁ ମହିଳା ମାନେ ଜଳ ସଂଗ୍ରହ କରି କଳସ ଯାତ୍ରା କରିଥିଲେ । ଶହ ଶହ ହିନ୍ଦୁ ଭାଇ ଓ ଭଉଣୀ ମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ରୁ ବାହାରି ଭଜନ ଓ କୀର୍ତନ ସହ ସହର । ପରିକ୍ରମା କରି ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପ ଠାରେ ପହଂଚି ଥିଲେ । ସେଠାରେ ବୌଦିକ ରୀତି ନୀତି ରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ସୁରେନ୍ଦ୍ର ପଣ୍ଡା ଯୋଗ ଦେଇ ନିଜ ଅଭିଭାଷଣ ରେ ହିନ୍ଦୁ ଏକତା, ପରମ୍ପରା, ସଂସ୍କୃତି



ବିଷୟ ରେ ବାସ୍ତବ ମତ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି କୋରାପୁଟ ଜିଲ୍ଲା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ର ବ୍ୟବସାୟ ପ୍ରବନ୍ଧନ ଅଧ୍ୟାପକ ସିତାନାଥ ରାୟଗୁରୁଙ୍କ ଚୁମ୍ବକୀୟ ଅଭିଭାଷଣ ରେ ଏକତା ର ସୂତ୍ର, ପରିବେଶ ରକ୍ଷା, ସ୍ୱଦେଶୀ ବ୍ୟବହାର, ସ୍ୱଚ୍ଛ ପରିବେଶ ବାର୍ତା ରହିଥିଲା । ହିନ୍ଦୁ ସମାଜ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ ର ସଭାପତି ତ୍ରିପତି ପଟ୍ଟନାୟକ ଏବଂ ବୋରିଗୁମ୍ମା ଖଣ୍ଡ କାର୍ଯ୍ୟାଳୟ କବିବର ନାୟକ ପ୍ରମୁଖ ମଂଚାସିନ ହୋଇଥିଲେ । ମାନସ ରଥ ମଂଚ ପରିଚାଳନା କରିଥିଲେ । ଏହି ଅବସର ରେ ଗାଁ ଗହଳି ରେ ଥିବା ମନ୍ଦିର ପୂଜାରୀ, ହୁଣ୍ଡି ପୂଜା କରୁଥିବା ସେବକ, ଗ୍ରାମଦେବୀ ଙ୍କୁ ପୂଜା କରୁଥିବା ପୁଜାରୀ ବ୍ୟକ୍ତି ମାନଙ୍କୁ ସମ୍ମାନିତ କରଯାଇଥିଲା । ପଂଚାୟତ ସ୍ତରୀୟ ହିନ୍ଦୁ ସମ୍ମିଳନୀରେ ପ୍ରାୟ ତିନିହଜାର ରୁ ଉର୍ଦ୍ଧ ଜନସମାଗମ ହୋଇଥିଲା । କାର୍ଯ୍ୟକ୍ରମ କୁ ତ୍ରିପତି ପଟ୍ଟନାୟକ, ଦାସ ଭତ୍ରା, କାଳିଦାସ ପଟ୍ଟନାୟକ, ସୌରଭ ଦୋରା, ଗୋପୀ ପଟ୍ଟନାୟକ, ମାନସ ରଥ, ଅଭିନାଶ ବେଗରାଇ, କେ.ନରେନ୍ଦ୍ର କୁମାର, ଅଭିନାସ ପଣ୍ଡା ଜି. ମୋହନ ଦୋରା, ଲିଲୁ ବିଶ୍ୱାଳ, ବିଜୟ ନାରାୟଣ ସାହୁ, ରଞ୍ଜନ କୁମାର ମିଶ୍ର,ବିଶ୍ୱଜିତ୍ ପାଣିଗ୍ରାହୀ, ଏଲ୍ ନାରାୟଣ ରାଓ, କିଶୋର ଚନ୍ଦ୍ର ଦାସ, ଜି ଅନିଲ କୁମାର, ରବି ମହାପାତ୍ର, ସରୋଜ କୁମାର ପାଣିଗ୍ରାହୀ, ଆନନ୍ଦ ପାଢ଼ୀ, ମୁନ୍ନା ଦୋରା, ସୂର୍ଯ୍ୟ ନାରାୟଣ ଆଚାରି ଅଭିଳାଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।





# ସମସ୍ତ ପୂଜକ କର୍ମକାଣ୍ଡୀ ବ୍ରାହ୍ମଣମାନଙ୍କୁ ପେନସନ ଦେବାପାଇଁ ବ୍ରାହ୍ମଣ ମହାସଭାର ଦାବି



ବାରିପଦା (ନି.ପ୍ର.) ଓଡିଶା ବ୍ରାହ୍ମଣ ମହାସଭା ମୟୁରଭଞ୍ଜ ଶାଖାର ଏକ ଜରୁରୀ ବୈଠକ ମହାସଭାର ସ୍ଥାୟୀ ସଭାପତି ଡାକ୍ତର ମହାଦେବ ଦାଶ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବୈଠକ ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା ବ୍ରାହ୍ମଣ ମାନଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ବାର୍ଷିକ ସମ୍ମିଳନୀ ଓ ବନ୍ଧୁ ମିଳନ ସମ୍ପର୍କରେ ଆଲୋଚନା କରି ସମ୍ମିଳନୀ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଗରିବ ବ୍ରାହ୍ମଣ ପିଲାଙ୍କୁ ମାଗଣାରେ ବ୍ରତୋପନୟନ କରିବା ପାଇଁ ନିଷ୍ପତି ହୋଇଥିଲା କ୍ଷ ଅଧିକନ୍ତୁ ସମସ୍ତ ପୂଜକ କର୍ମକାଣ୍ଡି ବ୍ରାହ୍ମଣ ମାନଙ୍କୁ ସରକାର ପେନସନ ପ୍ରଧାନ କରିବା ପାଇଁ ଏକ ଦାବିପତ୍ର ରାଜ୍ୟସରକାରଙ୍କୁ ଦିଆଯିବା ପାଇଁ ପ୍ରସ୍ତାବ ନିଆଗଲା କ୍ଷ ପୁନଶ୍ଚ ବାର୍ଷିକ ସମ୍ମିଳନୀ ଅବସରରେ ସମାଜରେ କିଛି ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ରାହ୍ମଣ ମାନଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ନିଷ୍ପତି ନିଆଗଲା କ୍ଷ ଏହି ବାର୍ଷିକସମ୍ମିଳନୀ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ସଦସ୍ୟ ସର୍ବଶ୍ରୀ ସିଦ୍ଧେଶ୍ୱର ଶତପଥି, ସୁଦର୍ଶନ ଦିୱେଦି , ନୃସିଂହ ଚରଣ ପଣ୍ଡା, ବ୍ରଜକିଶୋର ଦାଶ, ନରୋତମ ପାଣିଗ୍ରାହୀ, ସମ୍ବିତ କୁମାର ମହାପାତ୍ର, ସୋମନାଥ ମିଶ୍ର ଓ ସୁରେଶ କୁମାର ପାଣିଗ୍ରାହୀ ଙ୍କୁ ନେଇ ଏକ କମିଟି ଗଠନ କରାଗଲା କ୍ଷ ଉକ୍ତ ବୈଠକ ରେ ରବୀନ୍ଦ୍ର ନାରାୟନ ରଥ, ରତ୍ନାକର ତ୍ରିପାଠୀ, ବିଜୟ କୁମାର ମହାପାତ୍ର, ସଚିନ କର, ଯଯାତି ଷଡ଼ଙ୍ଗୀ, ପ୍ରସନ୍ନ ଦିୱେଦି , ଶିବଶଙ୍କର ଶତପଥି, ଦୋଳଗୋବିନ୍ଦ ଦାଶ, ନାରାୟଣ ଦିୱେଦି, ଅଚ୍ୟୁତପ୍ରସାଦ ମହାପାତ୍ର ସମେତ ବହୁ ସଦସ୍ୟ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ କ୍ଷ ପରିଶେଷରେ ସମ୍ପାଦକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳ ସଙ୍କଟ ସମାଧାନ ନେଇ ଅଂଟା ଭିଡ଼ିଲା ବାରିପଦା ପୌରପାଳିକା ପୌରାଂଳରେ ୨୪ଘଂଟିଆ ପାନୀୟ ଜଳ ଯୋଗାଣ ନେଇ ବୈଠକ



ବାରିପଦା(ନି.ପ୍ର.)ଗ୍ରୀଷ୍ମ ଋତୁର ଆଗମନ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିବା ବେଳେ ମାର୍ଚ୍ଚ ମାସରୁ ଗ୍ରୀଷ୍ମପ୍ରବାହର ମାତ୍ରା ବୃଦ୍ଧି ପାଇବ. ଏହାସହିତ ଜଳ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ରହିଛି. ଏହାକୁ ପ୍ରତିହତ କରିବା ନିମନ୍ତେ ବାରିପଦା ପୋ ?ଳିକା ପକ୍ଷରୁ ପ୍ରାକ ପ୍ରସ୍ତୁତି ଆରମ୍ଭ ହୋଇଛି. ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତରେ ବାରିପଦା ପୋ ?ରପାଳିକା ସମ୍ମିଳନୀ କକ୍ଷରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ, ନିର୍ବାହ ଅଧିକାରୀ ଦେବୀ ପ୍ରସାଦ ରାଉତ, ଉପ ନଗରପାଳ ସୀମା ଦାସ, ୱାଟକୋ ସାଧାରଣ ପରିଚାଳକ ଗୁଲସନ ସାହୁ, ୱାଟକୋର ସମସ୍ତ ଏସଡିଓ ଓକନିଷ୍ଠ ଯନ୍ତ୍ରୀ ଏବଂ ସମସ୍ତ ୱାର୍ଡ କାଉନସିଲର ମାନେ ଉପସ୍ଥିତ ରହି ବାରିପଦା ପୋ ?ରପାଳିକା ଅନ୍ତର୍ଗତ ୨୮ଟି ୱାର୍ଡର ଜଳ ସମସ୍ୟା ସମାଧାନ ପାଇଁ ଆଲୋଚନା କରିଛନ୍ତି. ଗ୍ରୀଷ୍ମପ୍ରବାହ ପୂର୍ବରୁ ୱାର୍ଡ ମାନଙ୍କରେ ଅସମ୍ପୂର୍ଣ୍ଣ ଥିବା ପାଇପ ଲାଇନ ସଂଯୋଗ, ପାଇପ ବିଛାଇବା, ନଳକୂପ ମରାମତି ଓ ନୂତନ ନଳକୂପ ଖନନ କରି ପମ୍ପ ହାଉସ ଜରିଆରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି. ନିଜ ଅଂଚଳର ପାନୀୟ ଜଳ ସମସ୍ୟା ଓ ଏହାର ସମାଧାନ ନେଇ ସ୍ଥାନୀୟ କାଉନସିଲର ମାନେ ଅବଗତ କରିଥିବା ବେଳେ, ଅନେକ ସ୍ଥାନରେ ଗତ ବର୍ଷରୁ ସମସ୍ୟା ଲାଗି ରହିଥିବା ବେଳେ ୱାଟକୋ ପକ୍ଷରୁ ତାହାର ସମାଧାନ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି. ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ନିମନ୍ତେ ୱାଟକୋ ପକ୍ଷରୁ କୋଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ କାଉନସିଲର ମାନେ ୱାଟକୋ ଅଧିକାରୀ ମାନଙ୍କ ପ୍ରତି କ୍ଷୋଭ ପ୍ରକାଶ କରିଥିଲେ. ଏହାର ସମାଧାନ ନିମନ୍ତେ ସମସ୍ତ କାଉନସିଲର ଓ ୱାଟକୋ କର୍ତ୍ତୃପକ୍ଷଙ୍କୁ ନେଇ ଏକ ହ୍ୱାଟ୍ସଆପ ଗ୍ରୁପ ଗଠନ କରିବାକୁ ପରାମର୍ଶ ଦିଆଯାଇଛି. ଗ୍ରୁପ ଜରିଆରେ ସମସ୍ୟା ଜଣାଇଲେ ୨୪ଘ□□ ମଧ୍ୟର ତାହାର ସମାଧାନ କରାଯିବ ବୋଲି କୁହାଯାଇଛି. ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବାରିପଦା ପୋ ?ରଂଚଳର ଲାଲ ବଜାର, ତୁଳସୀଚୌରା, ଶୁନଗଡ଼ିଆ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ୧୦ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭରହେଡ ଟାଙ୍କି ନିର୍ମାଣ କରାଯିବ ବୋଲି ସ୍ଥିରୀକୃତ ହୋଇଛି. ଏଥି ନିମନ୍ତେ ଆବଶ୍ୟକ ସ୍ଥାନ ପୋ ?ର କର୍ତ୍ତୃପକ୍ଷ ଓ ରାଜସ୍ୱ ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ. ସହର ମଧ୍ୟରେ ଥିବା ବେଲଗଡ଼ିଆ, ଚକ୍ରସାହି, ସ୍ୱରୂପନଗର, ଝିଞ୍ଜିରିବନ୍ଧ, ମାଳିସାହି, ମଧୁବନ, କାଳୀମନ୍ଦିର ସାହି, କମଳା ନେହେରୁ ସାହି, ଢ଼ିପା ସାହି, ବିନ୍ଧାଣି ସାହି, ୱାର୍ଡ ନମ୍ବର ୧୩, ତକତ ପୁର, କୃଷ୍ଣା ଆଶ୍ରମ ଗଳି, ୱାର୍ଡ ନମ୍ବର ୨୨, ମୁସଲିମ ସାହି, କାଳିକା ପୁର, ଲାଲ ବଜାର, ଭରଗୁଡାକଟା, ନୂଆ ସାହି, କୁମ୍ଭାର ସାହି, ଖଡ଼ିଆ ସାହି, ନିକୋ ପଛ ପଟ ସାହି ଆଦି ସ୍ଥାନରେ ପାନୀୟ ଜଳ ସମସ୍ୟା ଅଧିକ ଥିବାରୁ ତୁରନ୍ତ ସମାଧାନ କରିବା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି. ବାରିପଦା ସହରର ପାନୀୟ ଜଳ ସମସ୍ୟାର ସମାଧାନ କରି ନିରବଚ୍ଛିନ୍ନ ଜଳ ଯୋଗାଣ ପାଇଁ ୱାଟକୋ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି. ଜମ୍ବୀରା ଡ୍ୟାମରୁ ବାରିପଦା ସହରକୁ ୨୪ଘ□□ଆ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ହେଉନଥିବାରୁ ଜଳ ସଙ୍କଟ ଦେଖାଯାଉଛି. ଏହାକୁ ବିଳମ୍ବ ନକରି ତୁରନ୍ତ କାର୍ଯ୍ୟକ୍ଷମ କରିବା ନେଇ ନଗରପାଳ ଶ୍ରୀ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି. ଆସନ୍ତା ୧୫ଦିନ ମଧ୍ୟରେ ଜଳ ସଙ୍କଟର ସମାଧାନ ନେଇ ପଦକ୍ଷେପ ଗ୍ରହଣ ନକରିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ ବୋଲି ନଗରପାଳ ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି ।

# ଜାତୀୟ ବିଜ୍ଞାନ ଦିବସ ପାଳନରେ ମହିଳାମାନଙ୍କର ଭୂମିକା ଉପରେ ପ୍ରଦର୍ଶନୀ

ନୂଆପଡ଼ା, (ନି.ପ୍ର)ବର୍ତ୍ତମାନ ବିହାନ ହିଁ ସବୁ କିଛି ବିଜ୍ଞାନ ନାହିଁ ବହୁ କଥା ଅଧରେ ରହିଯିବ ଏଣୁ ବିଜ୍ଞାନ କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ମହିଳା ମାନଙ୍କୁ ସଂଯୋଗି କରିବା ନିତାନ୍ତ ଦରକାର ଅଛି । ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଭାଲୁଡୁଙ୍ଗରି ଗ୍ରାମରେ ଥିବା ସୁନ୍ଦର ଭେଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳନ ହୋଇ ଯାଇଛି । ଏହି ବିଜ୍ଞାନ ପ୍ରଦର୍ଶନୀ ରେ ଖଡିଆଳ ବଂଖଣ୍ଡ ଅଧିକାରୀ ଅଜିଜ ଖାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦର୍ଶନୀ ଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ବୈଜ୍ଞାନିକ ଡଃ ରାଜୀବ କୁମାର ସ୍ୱାଇଁ , ଡଃ ସସ୍ମିତା ବେହେରା , ଡଃ ଯାମିନି ଝଙ୍କାର ଓ ଶ୍ରୀ ଲକ୍ଷ୍ମୀ ନାରାୟଣ ବକ୍ସି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅନେକ ସ୍କୁଲ ଛାତ୍ର ଛାତ୍ରୀ ମାନେ ଯୋଗଦେଇ ଥିଲେ । ମହିଳା ମାନଙ୍କୁ ବିଜ୍ଞାନ ଉପରେ ନିଜ ଦକ୍ଷତା ବଢାଇ ପାରିବେ ଅତିଥି ମାନେ ନିଜ ଉଦବୋଧନରେ ପ୍ରକାଶ କରିଛନ୍ତି । ବିଜ୍ଞାନ ପ୍ରଦର୍ଶନୀ କକ୍ଷକୁ କଚୋଟି ଭୁଞ୍ଜିଆ ସମ୍ପ୍ରଦାୟ ରୁ ଆସି କିସ୍ ଏକାଡେମୀ ର ପ୍ରଫେସର ଡଃ ରାଜୀବ ଯାମିନି ଝଙ୍କାର ଙ୍କୁ ଫିତକଟି ଉଦଘାଟନ କରିଥିଲେ । ଛାତ୍ର ଛାତ୍ରୀ ମାନେ ବିଗାନ ଉପରେ ବହୁ କିଛି ଶିଖିବାକୁ ମିଳିଛି ବୋଲି ମତ ପ୍ରକାଶ କରିଥିଲେ ।

# ମାର୍ଚ୍ଚ ୧ରେ କଟକ ଦହିବରା ଆଳୁଦମ ଦିବସ ପାଳିତ

କଟକ (ନି.ପ୍ର) ଦହିବରା କେବଳ ଏକ ଖାଦ୍ୟ ନୁହେଁ, ଏହା କଟକିଆଙ୍କର ଆବେଗ ଓ ସାଂସ୍କୃତିକ ପରିଚୟର ଅଂଶ । ଏହି ଲୋକପ୍ରିୟ ଓ ପାରମ୍ପରିକ ଖାଦ୍ୟକୁ ନେଇ ସହରର ଭାବନାକୁ ଆହୁରି ଗାଢ଼ କରିବା ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧ ତାରିଖରେ 'କଟକ ଦହିବରା ଆଳୁଦମ ଦିବସ' ପାଳନ କରାଯିବ ।ଏହି ବିଶେଷ ଅବସରରେ ବାଲିଯାତ୍ରା ତଳ ପଡିଆ ସ୍ଥିତ କଟକ ଇନ୍ କଟକ ପରିସରରେ ଏକ ଉତ୍ସବର ଆୟୋଜନ କରାଯାଇଛି । ଏଠାରେ କଟକର ପ୍ରସିଦ୍ଧ ଦହିବରା ବ୍ୟବସାୟୀମାନେ ଅଂଶଗ୍ରହଣ କରି ବିଭିନ୍ନ ଷ୍ଟଲ, ସାଇକେଲ ଓ ଅନ୍ୟାନ୍ୟ ସାଧନରେ ସ୍ୱତନ୍ତ୍ର ସ୍ୱାଦର ପରିଚୟ ଦେବେ । ଗତବର୍ଷ ଠାରୁ ଆରମ୍ଭ ହୋଇଥିବା ଏହି ଦହିବରା ଆଳୁଦମ ଦିବସରେ ଖାଦ୍ୟପ୍ରେମୀଙ୍କର ଭିଡ଼ ଦେଖିବାକୁ ମିଳିବ । କଟକର ଲୋକପ୍ରିୟତା ପାଇ ଆସିଥିବା ପରମ୍ପରାଗତ ଏହି ଖାଦ୍ୟ ସଂସ୍କୃତିକୁ ରାଜ୍ୟ ଓ ଜାତୀୟ ସ୍ତରରେ ପହଂଚାଇବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦହିବରା ଆଳୁଦମ ଦିବସ ପାଳନ କରାଯାଉଛି । ଏହାଦ୍ୱାରା ସହରର ପର୍ଯ୍ୟଟନକୁ ମଧ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି । ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ସେଲ୍ଫି ଜୋନ୍ ବ୍ୟବସ୍ଥା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ସକାଳ ୯ ଘଟିକାଠାରୁ ଏହି ଉତ୍ସବ ଆରମ୍ଭ ହେବ ।

# ଚିତ୍ରକୋଣ୍ଡା ବ୍ଲକରେ ଆବାସ ଯୋଜନା ପାଲଟିଛି ପ୍ରହସନ

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଆବାସ ଯୋଜନା ସାତ ସପନ । କେଉଁଠି ଘର ନିର୍ମାଣ ସରିଛି, ହେଲେ ଏପର୍ଯ୍ୟନ୍ତ ହିତାଧିକାରୀଙ୍କୁ ହସ୍ତାନ୍ତର ହୋଇନି, ଆଉ କେଉଁଠି ମୂଳରୁ କାମ ଆରମ୍ଭ ହୋଇନାହିଁ । ଫଳରେ ଅନେକ ଅଭାବୀ ପରିବାର ଆଜି ବି ଦଦରା ଘରେ ପିଲାଛୁଆଙ୍କୁ ଧରି ମୁଣ୍ଡ ଗୁଞ୍ଜିଛନ୍ତି । ବର୍ଷ ବର୍ଷର ଅପେକ୍ଷା ପରେ ବି ଆବାସ ତାଲିକାରେ ସାମିଲ ହୋଇପାରୁନାହାନ୍ତି । ସେପଟେ ବ୍ଲକ ପ୍ରଶାସନ କହୁଛି, ଆବାସରେ ରହିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ହିତାଧିକାରୀ । ପକ୍କାଘର କାର୍ଯ୍ୟାଦେଶ ମିଳିଛି, ଘର ନିର୍ମାଣ ସରିଛି, ହେଲେ ହିତାଧିକାରୀଙ୍କୁ ମିଳିନାହିଁ । ଅନ୍ୟପଟେ ନିର୍ମାଣ ସରିଥିବା ଆବାସ ଗୃହ ଏବେ ବଣ ଜଙ୍ଗଲ ପାଲଟିଛି । ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମା ନିକଟରେ ଥିବା ଶ୍ରୀହରି କଲୋନୀ ଠାରେ ନିର୍ମାଣ କରାଯାଇଥିବା ଆବାସ ଗୃହ ବିକାଶର ଅସଲ ଚିତ୍ର ବୟାନ କରୁଛି । ପାଂଚ ବର୍ଷ ତଳୁ ପକ୍କାଘର ନିର୍ମାଣ ସାରିଛି ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନ । ହେଲେ ଆଜି ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଘର ହସ୍ତାନ୍ତର ହୋଇ ପାରିଲା ନାହିଁ । ୧୦ରୁ ୧୫ ହିତାଧିକାରୀଙ୍କ ଲାଗି ଆସିଥିବା ଘରର ଅବସ୍ଥା ନକହିବା ଭଲ । କେଉଁଠି ଝରକା ଭାଙ୍ଗି ଗଲାଣି ତ ଆଉ କେଉଁଠି କବାଟ ନାହିଁ । ଘରର ଚାରିପଟେ ଜଙ୍ଗଲ ପରିବେଶ ସୃଷ୍ଟି ହେଲାଣି, ଆଉ ଏହାର ସୁଯୋଗ ନେଇ ଆଡ୍ଡା ଜମାଇଲେଣି ଅସାମାଜିକ ବ୍ୟକ୍ତି ।

ପକ୍କାଘର ଅପେକ୍ଷାରେ ଥିବା ଚିତ୍ରକୋଣ୍ଡା ପଂଚାୟତ ସ୍ଥିତ ଶ୍ରୀହରି କୋଲନୀର ଦେବକୀ ସାଗର । ସ୍ୱାମୀ-ସ୍ତ୍ରୀ ମୁଲ ଲାଗିଲେ ଘର ଚଳେ । ଦିନେ କାମ ନକଲେ ଉପାସ ରହୁଥିବା ପରିବାର, ନିଜ ସମ୍ବଳରେ ପକ୍କାଘର କରିବାକୁ ସାହାସ ଜୁଟେଇ ପାରୁନାହିଁ । ତେଣୁ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି । ଆବାସ ଘରଟିଏ ପାଇଁ ବାରମ୍ବାର ପଂଚାୟତଠୁ ବ୍ଲକ କାର୍ଯ୍ୟାଳୟ ଧାଇଁଛନ୍ତି, ଆବେଦନ ବି କରିଛନ୍ତି । ହେଲେ ଆବାସ ହିତାଧିକାରୀ ତାଲିକାରେ ଯୋଡ଼ି ହୋଇପାରିନାହିଁ ତାଙ୍କ ନା । କେବଳ ଦେବକୀ ନୁହନ୍ତି, ଅନେକ ପରିବାର ଘର ଅପେକ୍ଷାରେ ଅଛନ୍ତି, ତଥ୍ୟ ଅନୁଯାୟୀ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ଟି ପଂଚାୟତ ପାଇଁ ୨୦୨୧-୨୨ ଓ ୨୪-୨୫ ଆର୍ଥିକ ବର୍ଷରେ ୧୨୬୭ଟି ପ୍ରଧାନମନ୍ତ୍ରୀ ଆବାସ ଆସିଥିଲା । ନିର୍ମାଣ ହୋଇଛି ୫୬୨ ଘର, ୭୦୫ଟି ଘର ଅସମ୍ପୂର୍ଣ୍ଣ । ସେହିଭଳି ୨୦୨୪-୨୫ ଓ ୨୫-୨୬ ଆର୍ଥିକ ବର୍ଷରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆସିଛି ୫୯୪ ଘରଏବେ ସୁଦ୍ଧା ମାତ୍ର ୨୪ଟି ଘର ସମ୍ପୂର୍ଣ୍ଣ ହୋଇଛି । ଯାହା ଏବେ ଚିତ୍ରକୋଣ୍ଡା ବ୍ଲକର ଆବାସ ଯୋଜନା ବଂଟନରେ ଅବ୍ୟବସ୍ଥାକୁ ପଦାରେ ପକାଇଛି ।

# ୧୯୬ ମଣ୍ଡି ମାଧ୍ୟମରେ ୧୧୭୫୦୦୦ କ୍ୟୁଂଟାଲ ଧାନ କ୍ରୟ ଚାଷୀଙ୍କ ଖାତାକୁ ଗଲାଣି ୨୫୮ କୋଟିରୁ ଅଧିକ ଟଙ୍କା

ପୁରୀ (ନି.ପ୍ର.) ପୁରୀ ଜିଲ୍ଲାର ସମସ୍ତ ୧୧ ଗୋଟି ବ୍ଲକରେ ଧାନ ସଂଗ୍ରହ କୁ ତ୍ୱରାନ୍ୱିତ କରାଯାଇଛି ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହ କୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି ।ନିଜେ ଜିଲ୍ଲାପାଳ ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ ସହ ଚାଷୀ ମାନଙ୍କ ସହ ଆଲୋଚନା କରି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝୁଛନ୍ତି ।ମଣ୍ଡି ମାନଙ୍କ ରେ ଯେପରି ଚାଷୀ ମାନଙ୍କ ର କୌଣସି ଅସୁବିଧା ନ ହୁଏ ସେଥିପାଇଁ ଯତ୍ନବାନ ହେବାକୁ ଦାୟିତ୍ୱ ରେ ଥିବା ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।ଯୋଗାଣ ଅଧିକାରୀ ,ସମବାୟ ସମିତିର କର୍ମକର୍ତ୍ତା ଓ ଆର ଏମ ସି ପକ୍ଷରୁ କୃଷକ ମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ଖରିଫ ଋତୁରେ ୫୯୯୯୮ ଚାଷୀ ପଞ୍ଜିକରଣ କରିଥିବା ବେଳେ ଯାଂଚ ପରେ ୫୯୧୯୭ ଜଣ ଧାନ ବିକ୍ରି ପାଇଁ ଯୋଗ୍ୟ ହୋଇଛନ୍ତି ।ବର୍ତ୍ତମାନ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୧୨୦୪୦୦୦ କ୍ୟୁ□□ାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୭ ଲକ୍ଷ କ୍ୟୁ□□ାଲ ଧାନ ସଂଗ୍ରହ ର ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ସୁଦ୍ଧା ୩୨ ହଜାର କୃଷକ ଙ୍କ ଠାରୁ ୧୧୭୫୦୦୦ କ୍ୟୁ□□ାଲ ଧାନ ସଂଗ୍ରହ କରାଯାଇ ପ୍ରାୟ ୨୫୮ ଟଙ୍କା ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସୂଚନା ଦେଇଛନ୍ତି ।

# କନ୍ଧମାଳ ପୋଲିସର ମାଓ ଦମନ ଅଭିଯାନ ଅନ୍ତିମ ପର୍ଯ୍ୟାୟରେ : ମୁଖ୍ୟ ଟାର୍ଗେଟ୍ ଶୁକ୍ରୁ

କନ୍ଧମାଳ, (ହି.ସ.)- କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ମାଓବାଦୀ ମୂଳୋତ୍ପାଟନ ଅଭିଯାନ ଜାରି ରହିଛି । ଇତିମଧ୍ୟରେ ସମଗ୍ର ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକ ମାଓ ମୁକ୍ତ ଜିଲ୍ଲା ଘୋଷଣା କରାଯାଇଛି । ରାଜ୍ୟରେ କେବଳ କନ୍ଧମାଳ ଜିଲ୍ଲାରେ ମାଓବାଦୀ ମାନଙ୍କ ସ୍ଥିତି ରହିଛି । ହେଲେ କନ୍ଧମାଳ ଜିଲ୍ଲାରେ ମୁଷ୍ଟିମେୟ ୨୫ ଜଣ ମାଓବାଦୀଙ୍କ ଗତିବିଧି ରହିଥିବା ନେଇ, ଆଂଟି ନକ୍ସଲ ଅପରେସନର ମୁଖ୍ୟ, ଅରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି । ମାଓ ସଂଗଠନର ଏହି ଦୁର୍ବଳ ସ୍ଥିତି ଓ ପୋଲିସ୍ ବାହିନୀର ଘନଘନ କୁମ୍ବିଂ ଅପରେସନରେ ସଂଗଠନର ଛାମୁଆ ନେତା ଗଣେଷର ଏନକାଉ□□ର ସମେତ ଅନେକ ଆଗ ଧାଡିର କ୍ୟାଡରର ନେତା ଆତ୍ମସମର୍ପଣ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ସଂଗଠନର ନେତା ଅନ୍ୱେଷ, ଆଉ ୧୨ ରୁ ୧୩ ଜଣ ମାଓବାଦୀ ମାନଙ୍କ ସହ ଆତ୍ମସମର୍ପଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ଶୁଣି ରାଜ୍ୟ କମିଟି ନେତା ଶୁକ୍ରୁ ନିରୁପାୟ ହୋଇ ଅନ୍ୱେଷଙ୍କୁ ହତ୍ୟା କରି ତା'ର ଶବକୁ ପୋତି ଦେଇଛି । ଏହି ଘଟଣା ଶୁକ୍ରୁର କିଂକର୍ତବ୍ୟ ବିମୁଢତାକୁ ସ୍ପଷ୍ଟ ଭାବରେ ବାରି ନେଇଛି ପୋଲିସ୍ ବିଭାଗ । ଏହି ଘଟଣା ପଦାକୁ ଆସିବା ପରେ ଘନଘନ ନିଜର ଠିକଣା ବଦଳେଇବାରେ ଲାଗିଛି ଶୁକ୍ରୁ । ଅନ୍ୟପକ୍ଷରେ ସଂଗଠନ ଭୁଷୁଡ଼ି ପଡ଼ିବା ଏବଂ ନିଜର ଜୀବନ ସୁରକ୍ଷିତ ରଖିବା ପାଇଁ ଅଧିକ ଆକ୍ରମଣାତ୍ମକ ମଧ ହୋଇଛି ସେ ।କେନ୍ଦ୍ର ସରକାରଙ୍କ ଟାର୍ଗେଟ୍ ନିକଟତର ହେବା ଓ ମାଓ ସଂଗଠନ ନିକଟରେ କମ୍ ଅସ୍ତ୍ରଶସ୍ତ୍ର ଓ କମ୍ ସଂଖ୍ୟକ ମାଓବାଦୀ ଥିବା ଜାଣିବାକୁ ପାଇ ମାଓ ମୁକ୍ତ କନ୍ଧମାଳ ଜିଲ୍ଲା ଘୋଷଣାର ଉତ୍ସାହ ନେଇ ଫୁଲ ଦମ୍ ରେ ଏବଂ ଅଧିକ ସଂଖ୍ୟାରେ କୁମ୍ବିଂ ଓ ସର୍ଚ୍ଚ ଅପରେଶନକୁ ଓହ୍ଲାଇ ଆସିଛନ୍ତି ପୋଲିସ୍ ଜବାନ । ଜିଲ୍ଲାର ଦାରିଙ୍ଗବାଡ଼ି, ରାଇକିଆ, କୋଟଗଡ଼, ଘୁ.ଉଦୟଗିରି, ଫିରିଙ୍ଗିଆ ଓ ବାଲିଗୁଡାର କିଛି ଅଂଚଳରେ ତନ୍ନତନ୍ନ କରି ଅପରେସନ ଜାରି ରହିଛି । ଅନ୍ୟପକ୍ଷରେ ମାଓବାଦୀଙ୍କ ଆତ୍ମସମର୍ପଣ ରାସ୍ତାକୁ ମଧ ଖୋଲା ରଖାଯାଇଛି । ପୋଲିସ ପକ୍ଷରୁ, ଇତିମଧ୍ୟରେ ପୂର୍ବରୁ ଆତ୍ମସମର୍ପଣ କରିଥିବା ମାଓବାଦୀ ମାନଙ୍କ ଜରିଆରେ ମଧ ଆତ୍ମସମର୍ପଣ କରିବା ପାଇଁ ସେମାନଙ୍କୁ ଯୋଗାଯୋଗ ପାଇଁ ମୋବାଇଲ ନମ୍ବର ମଧ ସାର୍ବଜନୀନ କରିଛି ପୋଲିସ ବିଭାଗ । ବର୍ତ୍ତମାନ ଖାଲି ଦେଖିବା କଥା, ଯେ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ କନ୍ଧମାଳ ଜିଲ୍ଲା ମାଓ ମୁକ୍ତ ଜିଲ୍ଲା ଘୋଷଣା ହେଉଛି କି ନାହିଁ । ଅନ୍ୟପକ୍ଷରେ ମାଓବାଦୀଙ୍କ ଆତ୍ମସମର୍ପଣ ରାସ୍ତାକୁ ମଧ ଖୋଲା ରଖାଯାଇଛି । ପୋଲିସ ପକ୍ଷରୁ, ଇତିମଧ୍ୟରେ ପୂର୍ବରୁ ଆତ୍ମସମର୍ପଣ କରିଥିବା ମାଓବାଦୀ ମାନଙ୍କ ଜରିଆରେ ମଧ ଆତ୍ମସମର୍ପଣ କରିବା ପାଇଁ ସେମାନଙ୍କୁ ଯୋଗାଯୋଗ ପାଇଁ ମୋବାଇଲ ନମ୍ବର ମଧ ସାର୍ବଜନୀନ କରିଛି ପୋଲିସ ବିଭାଗ । ବର୍ତ୍ତମାନ ଖାଲି ଦେଖିବା କଥା, ଯେ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ କନ୍ଧମାଳ ଜିଲ୍ଲା ମାଓ ମୁକ୍ତ ଜିଲ୍ଲା ଘୋଷଣା ହେଉଛି କି ନାହିଁ ।

# ହାଶିଶ ତେଲ ଜବତ ଘଟଣାର ପର୍ଦ୍ଦାଫାଶ : ମାଷ୍ଟରମାଇଣ୍ଡ ସହ ୭ ଅଭିଯୁକ୍ତ ଗିରଫ - ଡ଼ିଆଇଜି

ଜୟପୁର, (ହି.ସ.)- ବହୁ ଚର୍ଚ୍ଚିତ ହାଶିଶ ତେଲ ଜବତ ଘଟଣାରେ ପର୍ଦାଫାଶ କରିଛି କୋରାପୁଟ ଜିଲ୍ଲା ପୋଲିସ । ଏହି ମାମଲାରେ ପୋଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଡିଆଇଜି କନୱାର ବିଶାଳ ସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏସପି ରୋହିତ ବର୍ମା ଉପସ୍ଥିତ ଥିଲେ । ଘଟଣାର ମୁଖ୍ୟ ମାଷ୍ଟରମାଇଣ୍ଡ କେରଳର ଏଲେନ ଜୟରାଜ (୩୩) ବୋଲି ପୋଲିସ ସ୍ପଷ୍ଟ କରିଛି । ତାଙ୍କ ବିରୋଧରେ ପୂର୍ବରୁ ଗୁରୁତର ଅପରାଧ ଓ ଏନ୍ଡିପିଏସ ଆଇନ ମାମଲା ରହିଥିବା ତଥ୍ୟ ମିଳିଛି । ଅଭିଯୁକ୍ତମାନେ ଗଞ୍ଜେଇ ବହୁ ପରିମାଣରେ ସଂଗ୍ରହ କରି ମଲ୍ଟି-ଷ୍ଟେଜ ଏକ୍ସଟ୍ରାକ୍ସନ ପ୍ରକ୍ରିୟାରେ ହାଶିଶ ତେଲ ତିଆରି କରୁଥିଲେ । ଏହି ଘଟଣାରେ ମାଷ୍ଟର ମାଇଣ୍ଡ ଜୟରାଜ (୩୩) ସମେତ କେରଳର କିରଣ ଡି (୩୩), ଆନନ୍ଦ ରାଜ (୨୮), ବିଥୁ ବି (୩୪), ସିଣ୍ଡିକେଟ ସଦସ୍ୟ ଭାବେ ଜଡିତ ଥିବା ବେଳେ ମାଲକାନଗିରିର ଲଇଚନ ଖିଲ୍ଲା (୨୫) ଓ କୋରାପୁଟର ସାଧୁ ପାଙ୍ଗି (୪୫), ଲକ୍ଷ୍ମଣ ଖିଲ ( ୨୩) ସ୍ଥାନୀୟ ଲଜିଷ୍ଟିକ୍ସ ସହଯୋଗୀ ଭାବେ କାମ କରୁଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ପୋଲିସ ସୂଚନା ଅନୁଯାଇ, ମାଷ୍ଟରମାଇଣ୍ଡ / କିଙ୍ଗପିନ୍ / ମୁଖ୍ୟ କୁକ୍ ଏବଂ ଆନ୍ତଃରାଜ୍ୟ ସିଣ୍ଡିକେଟର ଅନ୍ୟାନ୍ୟ ସଦସ୍ୟ ଗିରଫ କରିଛି କ୍ଷ ଓଡିଶା ପୋଲିସ ଦ୍ୱାରା ସଂଗଠିତ ଅପରାଧ ବିରୁଦ୍ଧରେ ଏକ ଐତିହାସିକ ବିଜୟରେ, କୋରାପୁଟ ପୋଲିସ ଜୋଲାପୁଟ ଜଳଭଣ୍ଡାର ମଧ୍ୟରେ ଏକ ଦୂର ଦ୍ୱୀପରେ ଲୁଚି ରହିଥିବା ଏକ ଅତ୍ୟାଧୁନିକ, ଆନ୍ତଃରାଜ୍ୟ ନିଶାଦ୍ରବ୍ୟ ଉତ୍ପାଦନ ଅସ୍ଥାୟୀ ପ୍ରୟୋଗଶାଳାକୁ ସଫଳତାର ସହ ଭାଙ୍ଗି ଦେଇଛି । ୨୬ ଫେବୃଆରୀ ୨୦୨୬ ରେ, କୋରାପୁଟ ପୋଲିସର ସଠିକ ସୂଚନା ଆଧାରରେ, ଡଙ୍ଗା ବ୍ୟବହାର କରି ଏକ ଉଚ୍ଚ-ଷ୍ଟେକ୍ସ ଉଭୟଚର ଚଢଉ ପରେ, ପାଡୱା ପିଏସ ସୀମା ଅନ୍ତର୍ଗତ ଏକ ବିଶେଷଜ୍ଞ କୌଶଳଗତ ଦଳ ଘନ ପରଜାବାଦପଡା ଜଙ୍ଗଲ ଭେଦ କରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଏକ ଅସ୍ଥାୟୀ ହାସିସ୍ ତେଲ ନିଷ୍କାସନ ୟୁନିଟ୍ ଠାବ କରିଥିଲେ । ଏହି ବ୍ୟାପକ କାର୍ଯ୍ୟାନୁଷ୍ଠାନର ପରିଣାମସ୍ୱରୂପ ୧୦୦୦ କିଲୋଗ୍ରାମ ଗଞ୍ଜେଇ ଏବଂ ୧୮୦୦ ଲିଟରରୁ ଅଧିକ ଉଚ୍ଚ-ମୂଲ୍ୟର ହାସିସ୍ ତେଲ ଜବତ କରାଯାଇଥିଲା, ଯାହା ଓଡିଶାର ଇତିହାସରେ ସବୁଠାରୁ ବଡ ଜବତ ମଧ୍ୟରୁ ଗୋଟିଏ । ଏହି ବେଆଇନ ୟୁନିଟ୍ ବିଭିନ୍ନ ରାଜ୍ୟରେ ସଂଗଠିତ ସିଣ୍ଡିକେଟ୍ ପାଇଁ ଏକ କେନ୍ଦ୍ର ଭାବରେ ଜଣାପଡିଥିଲା । ବାଣିଜ୍ୟିକ ସ୍ତରରେ ନିଶାଦ୍ରବ୍ୟ ଉତ୍ପାଦନ କରିବା ପାଇଁ ଉନ୍ନତ ଶିଳ୍ପ ଉପକରଣ ଏବଂ ଜେନେରେଟର ବ୍ୟବହାର କରୁଥିଲା । ଲକ୍ଷ୍ମଣ ଖିଲ ନାମକ ଜଣେ ବ୍ୟକ୍ତିକୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା, ଯାହାକୁ ପରେ ୨୭/୦୨/୨୦୨୬ ରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା । ମେନ୍ କିଙ୍ଗପିନ୍/ମାଷ୍ଟରମାଇଣ୍ଡ୍ ଏବଂ ଅନ୍ୟ ଷଡ଼ଯନ୍ତ୍ରକାରୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଗଲେ । ଘଟଣାସ୍ଥଳରୁ ଜିନିଷଗୁଡ଼ିକ ଜବତ କରାଯାଇଛି । ହାସ ତେଲ/ତରଳ ଗଞ୍ଜେଇ- ୧,୮୦୦.୫ ଲିଟର (୨୨୫ କୋଟି ଟଙ୍କା ମୂଲ୍ୟ), ଶୁଖିଲା ଗଞ୍ଜେଇ (ଫୁଲ/ଫଳ ଫଳିବାର ଶୀର୍ଷ) ୧୦୦୦ କିଲୋଗ୍ରାମ (୫ କୋଟି ଟଙ୍କା ମୂଲ୍ୟ), ଯନ୍ତ୍ରପାତି ହୋଣ୍ଡା ଜେନେରେଟର (୨୮ କେଭି), କଷ୍ଟମ ପାଇପିଂ ସହିତ ପ୍ରେସର କୁକର, ଧାତୁ ପାଇପ୍ ଏବଂ କନେକ୍ଟର ସମ୍ପୂର୍ଣ୍ଣ ପରୀକ୍ଷାଗାର ସେଟଅପ୍ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ସଫା କରିବା ଦ୍ରବକ - ୮୦ ଲିଟର, ଅନେକ ଅପରାଧମୂଳକ ଡକ୍ୟୁମେଂଟ କୋରାପୁଟ ପୋଲିସ ଦ୍ୱାରା ନିରନ୍ତର ପ୍ରୟାସ - ୩୦ ଘଂଟା ଚଢ଼ଉ ସମୟରେ ଘନ ଜଙ୍ଗଲ ଅଂଚଳକୁ ଘେରି କିଙ୍ଗପିନ୍ ଏବଂ ଅନ୍ୟ ଷଡ଼ଯନ୍ତ୍ରକାରୀମାନେ ପୋଲିସ ଦଳ ଆସିବା ପୂର୍ବରୁ ଘଟଣାସ୍ଥଳରୁ ଫେରାର୍ ହୋଇଗଲେ କ୍ଷ ସୁଯୋଗ ନେଇ ଅଂଚଳର ବିଭିନ୍ନ ସ୍ଥାନରେ ଲୁଚି ରହିଲେ । ଏହି ଲ୍ୟାବ ପରିଚାଳନାରେ ସମ୍ପୃକ୍ତ ପଳାତକ ମାଷ୍ଟରମାଇଣ୍ଡ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ, କୋରାପୁଟ ପୋଲିସ ଦ୍ୱୀପରେ ୩୦ ଘ□□ାରୁ ଅଧିକ ସମୟ ଧରି ନିରନ୍ତର ଏବଂ କଠୋର (କର୍ଡନ ଏବଂ ସନ୍ଧାନ ଅଭିଯାନ) ଚଳାଇଥିଲା । ଦ୍ୱୀପକୁ ସମସ୍ତ ଫେରି ପଏ□□ ଏବଂ ପ୍ରବେଶ-ପ୍ରସ୍ଥାନକୁ ଚିହ୍ନଟ କରାଯାଇ ସିଲ୍ କରାଯାଇଥିଲା । ଜଳଭଣ୍ଡାର ଭିତରେ ନିରନ୍ତର ରଣନୈତିକ ଡଙ୍ଗା ପାଟ୍ରୋଲିଂ ଏବଂ ନଜର ରଖାଯାଇଥିଲା । ପ୍ରଭାବଶାଳୀ ଖୋଜା ପାଇଁ ମୋଟ ୬ଟି ଦଳ ଗଠନ କରାଯାଇଥିଲା ଏବଂ ଦ୍ୱୀପକୁ ୬ଟି ସେକ୍ଟରରେ ବିଭକ୍ତ କରାଯାଇଥିଲା । ପ୍ରଭାବଶାଳୀ ସନ୍ଧାନ ଅଭିଯାନ ପାଇଁ ଆକାଶରେ ଡ୍ରୋନ ମୁତୟନ କରାଯାଇଥିଲା । ଗ୍ରୀଡ୍ ସନ୍ଧାନ ଏବଂ କମ୍ବିଂ ଅଭିଯାନର ଅନେକ ଘଂଟା ଆଧାରରେ, କୋରାପୁଟ ପୋଲିସ ଶେଷରେ ସିଣ୍ଡିକେଟର ମାଷ୍ଟରମାଇଣ୍ଡ/କିଙ୍ଗପିନ ଏବଂ ମୁଖ୍ୟ ରୋଷେୟା ଆଲେନ୍ ଜୟରାଜଙ୍କୁ ଧରିବାରେ ସଫଳ ହୋଇଛି । ଗଭୀର ଜଙ୍ଗଲରେ ଲୁଚି ରହିଥିବା ଏବଂ ପ୍ରାୟ ୩୦ ଘଂଟା ଧରି ଗିରଫଦାରୀରୁ ବର୍ତ୍ତି ରହିଥିବା ୬ ଜଣ ବ୍ୟକ୍ତିଙ୍କୁ କଠିନ ଭୂମି ଏବଂ ଘନ ଜଙ୍ଗଲର ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ସତ୍ତ୍ୱେ ଗିରଫ କରାଯାଇଥିଲା । ତଦନ୍ତ ଚାଲିଥିବାରୁ, ଅନ୍ୟ ରାଜ୍ୟ / ଅନ୍ୟ ଅଭିଯୁକ୍ତଙ୍କ ନାମ ଗୋପନ ରଖାଯାଇଛି ଏବଂ ତଦନ୍ତ ପରେ ସେମାନଙ୍କ ନାମ ଜଣାଇ ଦିଆଯିବ ।

# ଦହିବରା କେବଳ ଏକ ଖାଦ୍ୟ ନୁହେଁ, ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଭାବାବେଗ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆଜି ଦହିବରା ଦିବସ । ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦହିବରା ଦିବସ ଅବସରରେ ସମସ୍ତଙ୍କୁ ମୋର ଶୁଭେଚ୍ଛା । ଦହିବରା କେବଳ ଏକ ଖାଦ୍ୟ ନୁହେଁ, ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଭାବାବେଗ । ଏହାର ସ୍ୱାଦ ଆମ ପାରମ୍ପରିକ ଖାଦ୍ୟ ସଂସ୍କୃତିର ଏକ ଅନନ୍ୟ ପରିଚୟ । ଆସନ୍ତୁ, ଆଜି ଦହିବରା ଦିବସରେ ଓଡ଼ିଆ ଖାଦ୍ୟ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଂଚାଇବା ।

# ଆତ୍ମସମର୍ପଣ କଲେ ୧୫ ଜଣ ହାର୍ଡ଼କୋର ମାଓବାଦୀ



ମାଲକାନଗିରି : ଭୁଷୁଡୁଛି ଲାଲଗଡ । ପୁଣି ଆଜି ଆତ୍ମସମର୍ପଣ କଲେ ୧୫ ହାର୍ଡକୋର ମାଓବାଦୀ । ମାଲକାନଗିରି ସୀମାନ୍ତ ଛତିଶଗଡ଼ର ମହାସମୁଦ ବାଲୁଦା ଥାନାରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି । ଏମାନେ ସମସ୍ତେ ବଲାଙ୍ଗିର, ବରଗଡ଼, ମହାସମୁଦ ଡିଭିଜନ କମିଟିର ବୋଲି ଜଣାପଡିଛି । ଓଡ଼ିଶାର ପଶ୍ଚିମ ସବ୍ ଜୋନାଲ ବ୍ୟୁରୋ ସଚିବ ବିକାଶ ସହ ୧୫ ଜଣ ଆତ୍ମ ସମର୍ପଣ କରିଥିବା ଦେଖିବାକୁ ମିଳିଛି । ବିକାଶର ମୁଣ୍ଡ ଉପରେ ଥିଲା ୨୫ ଲକ୍ଷ ର ପୁରସ୍କାର ରାଶି ରହିଛି । ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କ ଭିତରେ ୯ଜଣ ମହିଳା ଓ ୬ ପୁରୁଷ ଅଛନ୍ତି । ଏନେଇ ମହାସମୁଦ ଏସପି ପ୍ରଭାତ କୁମାର ସୂଚନା ଦେଇଛନ୍ତି ।

# ବଦଳିଲା କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନର ସମୟ ସୀମା



କୋଣାର୍କ : କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ସମୟରେ ପରିବର୍ତନ ହୋଇଛି । ପର୍ଯ୍ୟଟକଙ୍କ ପାଇଁ ମାର୍ଚ୍ଚ ୧ ତାରିଖରୁ ସକାଳ ୬ରୁ ସୂର୍ଯ୍ୟମନ୍ଦିର ମୁଖ୍ୟଦ୍ୱାର ଖୋଲାରହି ସନ୍ଧ୍ୟା ୭ଟାରେ ବନ୍ଦ ହେବ । ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟମନ୍ଦିର ପରିଦର୍ଶନ ସମୟ ପରିବର୍ତନ ହୋଇଥିବା ଏଏସଆଇ ବିଭାଗ ପକ୍ଷରୁ ସୂଚନା ମିଳିଛି । ସେହିଭଳି ଲାଇଟ ଆଣ୍ଡ ସାଉଣ୍ଡ ସୋ ସନ୍ଧ୍ୟା ୭ଟା ୩୦ରୁ ଚାଲିବ । ପର୍ଯ୍ୟଟକମାନେ ମନ୍ଦିର ପରିସରରୁ ବାହାରିବା ପରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଦେଖିବେ । ପୂର୍ବରୁ ସନ୍ଧ୍ୟା ୬ଟାରେ ସୂର୍ଯ୍ୟମନ୍ଦିର ବନ୍ଦ ହେଉଥିଲା ।



# ଆଜି ଦିଲ୍ଲୀ ଲକ୍ଷପତି ବେଟିଆ ଯୋଜନାର ଶୁଭାରମ୍ଭ କରିବେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ମହିଳା ଏବଂ କନ୍ୟାମାନଙ୍କର ଆର୍ଥିକ ସଶକ୍ତିକରଣ ଦିଗରେ ଦିଲ୍ଲୀ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଔପଚାରିକ ମୋହର ଲଗିବାକୁ ଯାଉଛି । ସୋମବାର, ୨ ମାର୍ଚ୍ଚରେ ଇନ୍ଦିରା ଗାନ୍ଧୀ ଇଣ୍ଡୋର୍ ଷ୍ଟାଡିଅମ୍‌ରେ 'ସଶକ୍ତ ନାରୀ ସମୃଦ୍ଧ ଦିଲ୍ଲୀ' ନାମକ ଏକ ବିଶେଷ ଏବଂ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିଲ୍ଲୀ ସରକାରଙ୍କ ଆକାଂକ୍ଷୀ 'ଦିଲ୍ଲୀ ଲକ୍ଷପତି ବେଟିଆ ଯୋଜନା'ର ଔପଚାରିକ ଶୁଭାରମ୍ଭ କରିବେ । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ କହିବା ଅନୁସାରେ, ଏହି କାର୍ଯ୍ୟକ୍ରମ ମହିଳା ସଶକ୍ତିକରଣ ପ୍ରତି ଦିଲ୍ଲୀ ସରକାରଙ୍କ ପ୍ରତିବଦ୍ଧତାର ପ୍ରତୀକ । ଏହା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ହେଉଛି । ମୁଖ୍ୟମନ୍ତ୍ରୀ ରବିବାର ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ କହିଛନ୍ତି ଯେ, ପରିବର୍ତ୍ତିତ ସମୟ ଏବଂ ଉଚ୍ଚ ଶିକ୍ଷାର ବୃଦ୍ଧିଶୀଳ ଖର୍ଚ୍ଚକୁ ଦୃଷ୍ଟିରେ ରଖି କନ୍ୟାମାନଙ୍କ ପାଇଁ ପ୍ରଭାବଶୀଳ ଏବଂ ଭବିଷ୍ୟତମୁଖୀ ଯୋଜନା ତିଆରି କରିବା ଆବଶ୍ୟକ ଥିଲା । ଏହି ଚିନ୍ତାଧାରା ସହିତ 'ଲାଡଲି ଯୋଜନା'କୁ ବିସ୍ତାରିତ ଏବଂ ସୁଦୃଢ଼ ରୂପରେ ପୁନର୍ଗଠନ କରି 'ଦିଲ୍ଲୀ ଲଖପତି ବିଟିଆ ଯୋଜନା' ଭାବେ ପ୍ରସ୍ତୁତ କରାଯାଇଛି । ସେ କହିଛନ୍ତି ଯେ, ପୂର୍ବ ଗଠନାନୁସାରେ ପ୍ରତ୍ୟେକ ଯୋଗ୍ୟ କନ୍ୟାର ନାମରେ ସଂସ୍ଥାଗତ ଜନ୍ମ ହେଲେ ୧୧,୦୦୦ ଟଙ୍କା ଏବଂ ଘରୋଇ ଜନ୍ମ ହେଲେ ୧୦,୦୦୦ ଟଙ୍କା ଜମା କରାଯାଉଥିଲା । ଏହାଛଡ଼ା ପ୍ରଥମ ଶ୍ରେଣୀ, ଷଷ୍ଠ ଓ ନବମ ଶ୍ରେଣୀରେ ଭର୍ତ୍ତି, ଦଶମ ଶ୍ରେଣୀ ଉତୀର୍ଣ୍ଣ କରିବା ଏବଂ ଦ୍ୱାଦଶ ଶ୍ରେଣୀରେ ଭର୍ତ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗତ ପଡ଼ାୟରେ ୫,୦୦୦ ଟଙ୍କା କରି ଜମା କରାଯାଉଥିଲା । ଏହି ସଂଚିତ ରାଶି ସୁଦ ସହିତ ୧୮ ବର୍ଷ ବୟସରେ ଉଠାଯାଇପାରୁଥିଲା । ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ନୂତନ ଯୋଜନାରେ ସହାୟତା ରାଶି ଓ ଦୃଷ୍ଟିକୋଣ ଉଭୟକୁ ବ୍ୟାପକ ଭାବେ ବୃଦ୍ଧି କରାଯାଇଛି । ଏବେ କନ୍ୟାର ନାମରେ ବିଭିନ୍ନ ପର୍ଯ୍ୟାୟରେ ମୋଟ ୫୬,୦୦୦ ଟଙ୍କା ଜମା କରାଯିବ ଏବଂ ସୁଦ ସହିତ ୨୧ ବର୍ଷ ବୟସରେ ଏହାର ପରିପକ୍ୱ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବାର ଆଶା ରହିଛି । ଏହାର ଉଦ୍ଦେଶ୍ୟ ହେଉଛି ସ୍ନାତକ କିମ୍ବା ବୃତିମୂଳକ ଡିପ୍ଲୋମା ସମାପ୍ତ କରିବାକୁ ଅପବାଦ ନୁହେଁ, ବରଂ ସାଧାରଣ ସଫଳତାରେ ପରିଣତ କରିବା ।

# ପୁଡୁଚେରୀରେ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଡୁଚେରୀରେ ୨,୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଲୋକଙ୍କ ଜୀବନକୁ ଉନ୍ନତ କରିବା ପାଇଁ ଭିତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗତିଶୀଳତା ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଦିଗରେ ପରିବର୍ତନ କରିବା ଲକ୍ଷ୍ୟ ନେଇ ଆଗେଇଯାଉଛି । ସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, 'ପୁଡୁଚେରୀ ହେଉଛି ସିଦ୍ଧ, ସନ୍ଥ, କବି ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମି । ଏଠାରେ ମହାକବି ସୁବ୍ରମଣ୍ୟ ଭାରତୀ ଜାତୀୟତାର ଅଗ୍ନି ପ୍ରଜ୍ୱଳିତ କରିଥିଲେ ଏବଂ ଶ୍ରୀ ଅରବିନ୍ଦ ଓ ମାତା ମୀରା ଅଲଫାସା ବିଶ୍ୱ ପାଇଁ ଏକ ଆଧ୍ୟାତ୍ମିକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ ।' ପ୍ରଧାନମନ୍ତ୍ରୀ ବ୍ୟବସାୟ, ଶିକ୍ଷା, ଆଧ୍ୟାତ୍ମିକତା ଓ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରତିନିଧିତ୍ୱ କରି 'ଇରଝଞ୍ଜ' ପୁଡୁଚେରୀ ପାଇଁ ତାଙ୍କର ମନ୍ତ୍ରକୁ ପୁନରାବୃତି କରିଥିଲେ । 'ଗତ ସାଢ଼େ ଚାରି ବର୍ଷ ମଧ୍ୟରେ, ଏହି ଦୃଷ୍ଟିକୋଣ ସୁଶାସନ ଓ ବିକାଶ ଆଡ଼କୁ ଆଗେଇ ନେଇଛି, ଯାହା ପ୍ରତି ମୁଣ୍ଡପିଛା ଆୟରେ ବୃଦ୍ଧି ଏବଂ ଦେଶର ସର୍ବୋଚ୍ଚ ସାମାଜିକ ପ୍ରଗତି ସୂଚକାଙ୍କ ସ୍କୋର ଦ୍ୱାରା ପ୍ରମାଣିତ ହୋଇପାରିଛି' ବୋଲି ଶ୍ରୀ ମୋଦୀ



ଉଲ୍ଲେଖ କରିଥିଲେ । ଦେଶବ୍ୟାପୀ ଭିତିଭୂମି ଉପରେ ଦିଆଯାଉଥିବା ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏହି ବର୍ଷର ବଜେଟ୍ରେ ରେକର୍ଡ ୧୨ ଲକ୍ଷ କୋଟି ଟଙ୍କା ବିନିଯୋଗ ହୋଇଥିବା କଥା ଉଲ୍ଲେଖ କରିଥିଲେ । 'ପୁଡୁଚେରୀକୁ ଏବେ 'ପୁଞ୍ଜି ନିବେଶ ପାଇଁ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସହାୟତା' ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ପୂର୍ବରୁ କେବଳ ରାଜ୍ୟଗୁଡ଼ିକ ପାଇଁ ସୀମିତ ଥିଲା; ଏହା ସଡକ, ଜଳ ଯୋଗାଣ, ସ୍କୁଲ, ହସ୍ପିଟାଲ ଏବଂ ଏହିପରି ପ୍ରକଳ୍ପ ଭଳି ଅତ୍ୟାବଶ୍ୟକ ଭିତିଭୂମି ପାଇଁ ଅଧିକ ପାଣ୍ଠି ସୁନିଶ୍ଚିତ କରିବ' ବୋଲି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ, "ଏକ ଶକ୍ତିଶାଳୀ ଓ ସଶକ୍ତ ଯୁବପିଢ଼ି ଆମ ଅଭିବୃଦ୍ଧିର ମୂଳଦୁଆ । ଆମେ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରୁଛୁ ।" ଏନଆଇଟି କରାଇକାଲରେ ନୂତନ ଭାବରେ ଉଦ୍ଘାଟିତ ଡକ୍ଟର ଏପିଜେ ଅବଦୁଲ କଲାମ ଇଞ୍ଜିନିୟରିଂ ବ୍ଲକ ଏବଂ ଆଧୁନିକ ଛାତ୍ରାବାସ ସୁବିଧା ସମୂହ ସହିତ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟରେ ଭିତିଭୂମି ଉନ୍ନତୀକରଣ, ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ବୈଷୟିକ ଶିକ୍ଷା ଏବଂ ସହାୟତାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିବ । ଦୀର୍ଘଦିନ ଧରି ଖାଲି ଥିବା ହଜାର ହଜାର ପଦ ପୂରଣ ହେବା ପରେ ସରକାରୀ ସେବାରେ ଯୋଗ ଦେଇଥିବା ଯୁବମାନଙ୍କୁ ମଧ୍ୟ ସେ ଅଭିନନ୍ଦନ ଜଣାଇଥିଲେ । ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ, ବିଶ୍ୱ ବର୍ତମାନ ସ୍ୱଚ୍ଛ ଓ ସବୁଜ ଗତିଶୀଳତା ଉପରେ ଧ୍ୟାନ ଦେଉଛି, ବୈଦ୍ୟୁତିକ ଯାନଗୁଡ଼ିକ ଦୈନନ୍ଦିନ ଜୀବନର ଏକ ଅତ୍ୟାବଶ୍ୟକ ଅଂଶ ହେବାରେ ଲାଗିଛି । ସେ ଉଲ୍ଲେଖ କରିଛନ୍ତି ଯେ, ପୁଡୁଚେରୀ ଭଳି ପର୍ଯ୍ୟଟନ କେନ୍ଦ୍ରରେ, ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଅଧୀନରେ ଆଜି ପ୍ରଦାନ କରାଯାଇଥିବା ବୈଦ୍ୟୁତିକ ବସ୍ଗୁଡ଼ିକ ପ୍ରଦୂଷଣ ହ୍ରାସ କରିବାରେ ଏକ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇପାରିବ । ଏହା ସହିତ, ପ୍ରଧାନମନ୍ତ୍ରୀ ପୁଡୁଚେରୀ, କରାଇକାଲ, ମାହେ ଓ ୟାନମରେ ଶହ ଶହ କୋଟି ଟଙ୍କାର ପ୍ରକଳ୍ପ ସହିତ ପରିବାରଗୁଡ଼ିକୁ ସ୍ଥିରତା ଏବଂ ସମ୍ମାନ ପ୍ରଦାନ କରିବା ପାଇଁ ଡିଜାଇନ୍ ହୋଇଥିବା ଗୃହ ପ୍ରକଳ୍ପଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏହି ପଦକ୍ଷେପଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ଜଳ ଡିସାଲିନେସନ୍ ପ୍ଲାଂଟ, ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣିବା ପାଇଁ ନୂତନ ସ୍ୱେରେଜ୍ ଟ୍ରିଟମେଂଟ ପ୍ଲାଂଟ ଏବଂ ମୌସୁମୀ ସମୟରେ ବନ୍ୟା ଓ ଜଳବନ୍ଦୀ ହ୍ରାସ କରିବା ପାଇଁ ଚାଲୁଥିବା କାର୍ଯ୍ୟ ଅନ୍ତର୍ଭୁକ୍ତ । 'ଆମର ସମସ୍ତ ପ୍ରୟାସ ପୁଡୁଚେରୀର ଲୋକଙ୍କ ସହଜ ଜୀବନଧାରଣ ନିମନ୍ତେ ଉଦ୍ଦିଷ୍ଟ ବୋଲି' ପ୍ରଧାନମନ୍ତ୍ରୀ ମତ ବ୍ୟକ୍ତ କରିଥିଲେ । ଯେକୌଣସି ଦେଶ କେବଳ ସେତେବେଳେ ପ୍ରଗତି କରିପାରିବ ଯେତେବେଳେ ଏହାର ମାନବ ପୁଞ୍ଜି ସୁସ୍ଥ ରହିବ, ସ୍ୱାସ୍ଥ୍ୟସେବା ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସେ ବିଶ୍ୱାସ ପ୍ରକଟ କରିଥିଲେ ଯେ, ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ସୁଲଭ, ଉପଲବ୍ଧ ଏବଂ ଶସ୍ତା ହେବା ଆବଶ୍ୟକ । ଏହି ଦୃଷ୍ଟିକୋଣକୁ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ କୋଟି କୋଟି ପରିବାର ପାଇଁ ପୂରଣ କରାଯାଉଛି । ପୁଡୁଚେରୀର କୌଣସି ନାଗରିକଙ୍କୁ ଚିକିତ୍ସା ପାଇଁ ଦୂର ଯାତ୍ରା କରିବାକୁ ବାଧ୍ୟ କରାଯିବା ଉଚିତ୍ ନୁହେଁ ବୋଲି ଗୁରୁତ୍ୱାରୋପ କରି ସେ ଉଲ୍ଲେଖ କରିଥିଲେ ଯେ, ପୂର୍ବରୁ ନଅଟି ମେଡିକାଲ କଲେଜ ଥିବା ଏହି ଅଂଚଳ ଏକ ମେଡିକାଲ ପର୍ଯ୍ୟଟନ କେନ୍ଦ୍ର ହେବାର ସମ୍ଭାବନା ରଖିଛି । ସ୍ୱାସ୍ଥ୍ୟସେବା କ୍ଷମତାକୁ ଆହୁରି ବିସ୍ତାର କରିବା ପାଇଁ, ଔଓଚଗରଜରେ ଆଂଚଳିକ କର୍କଟ କେନ୍ଦ୍ରକୁ ଆଧୁନିକୀକରଣ କରାଯାଉଛି, ଜରୁରୀକାଳୀନ ସେବାକୁ ବୃଦ୍ଧି କରିବା ପାଇଁ ପୁଡୁଚେରୀ ଓ କରାଇକାଲରେ PM-ABHIM ଅଧୀନରେ ତିନୋଟି କ୍ରିଟିକାଲ୍ କେୟାର ବ୍ଲକ୍ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଛି ।

# ହୋଲିରେ ଅସାମାଜିକ ଯୁବକଙ୍କ ଉପରେ ନଜର ରଖିବ ୧୭ ପ୍ଲାଟୁନ୍ ଫୋର୍ସ



କଟକ : ହୋଲି ଦିନ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ କଟକ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି । ଆଇନଶୃଙ୍ଖଳା ବ୍ୟବସ୍ଥା ବଜାୟ ରଖିବା, ଅସାମାଜିକ ଯୁବକଙ୍କ ଉପରେ ନଜର ରଖିବା ଓ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ କଟକ ପୁଲିସ ପକ୍ଷରୁ ସହରରେ ୧୭ ପ୍ଲାଟୁନ୍ ଫୋର୍ସ ନିୟୋଜିତ ହେବ । କଟକ ସହରକୁ ସଂପୂର୍ଣ୍ଣ ସହରକୁ ୨ଟି ସେକ୍ଟର ଓ ୬ ଜୋନ୍‌ରେ ବଂଟାଯାଇ ସୁରକ୍ଷା ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯିବ । ଗୁରୁତ୍ୱପୂର୍ଣ୍ଣ ଛକ ଓ ପ୍ରମୁଖ ରାସ୍ତାରେ ଥାନାର ଅଧିକାରୀମାନେ ଉପସ୍ଥିତ ରହିବେ । ଥାନା ପିସିଆର ସହିତ ୧୧୨ ଭ୍ୟାନ୍ ଓ ବାଇକ୍ ପିସିଆର୍ ହୋଲି ଖେଳ ଶେଷ ହେବା ପର୍ଯ୍ୟନ୍ତ ସହର ସାରା ପଇଁତରା ମାରିବ । ଏହାଛଡ଼ା ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ଲାଗି ୨ ପ୍ଲାଟୁନ୍ ଫୋର୍ସ ରିଜର୍ଭ ହୋଇ ରହିବ । ୩ ଅତିରିକ୍ତ ଡିସିପି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବେ । ହୋଲି ଦିନ କଟକ କମିସନରେଟ ଅଧୀନସ୍ଥ ସମସ୍ତ ଥାନାର ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ଖୋଦ୍ ଡିସିପି ଖିଲାରି ରିଷିକେଶ ଦ୍ୟାନ୍ଦେଓ ସହର ବୁଲି ସ୍ଥିତି ଯାଂଚ୍ କରିବେ ।

# ସହିଦସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଭଦ୍ରକ: ଭଦ୍ରକ କଟସାହି ସହିଦ ନଗର ସ୍ଥିତ ସହିଦ ସ୍ମୃତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ବିଭାଗ ବରିଷ୍ଠ ଅଧ୍ୟାପକ ଡ. ମୁରଲୀଧର ଶତପଥୀ ଏବଂ ରାଜନୀତି ବିଜ୍ଞାନ ଅଧ୍ୟାପକ ମୃତ୍ୟୁଞ୍ଜୟ ମଣ୍ଡଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅଧ୍ୟକ୍ଷା ତିଳୋତମା ଦାଶଙ୍କ ପୌରୋହିତ୍ୟରେ ୨୮ ଫେବୃଆରୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ସାଧନା ଖଟୁଆ ଅତିଥି ଭାବେ ଯୋଗଦେଇଥିବାବେଳେ ସମାଜ ବିଜ୍ଞାନ ଅଧ୍ୟାପକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିଲେ । ପ୍ରାରମ୍ଭରେ ଅର୍ଥନୀତି ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ପଣ୍ଡା ବେଦପାଠ କରିବା ସହ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଇଂରାଜୀ ପ୍ରାଧ୍ୟାପକ ଉମାକାନ୍ତ ମଲ୍ଲିକ କହିଥିଲେ ଯେ, କେହି ରହିନାହାଁ ରହିବ ନାହିଁଟି ଭବ ରଙ୍ଗ ଭୂଇଁ ତଳେ ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ । ମାତ୍ର ନିଜର କର୍ତବ୍ୟ ଦ୍ୱାରା ସମସ୍ତେ ସ୍ମରଣୀୟ ହୋଇ ରହିବେ । ଅର୍ଥନୀତି ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ପଣ୍ଡା କହିଥିଲେ ଯେ ବିଦାୟୀ ଅଧ୍ୟାପକଙ୍କ କର୍ତବ୍ୟ, ତ୍ୟାଗ ଦ୍ୱାରା ଆଜି ଏହି ଅନୁଷ୍ଠାନଟି ସ୍ଥାୟୀ ସରକାରୀ ସ୍ୱୀକୃତି ପାଇ ପାରିଛି । ହେଲେ ଅଧ୍ୟାପକ ଦ୍ୱୟ ବିନା ଦରମାରେ ଦୀର୍ଘ ୧୫ ବର୍ଷ ସଂଘର୍ଷ କରି ସେମାନେ ବିନା ପେନ୍‌ସନ୍‌ରେ ଆଜି ବିଦାୟ ନେଉଛନ୍ତି । ସେମାନଙ୍କ ବଳିଦାନ ଆମ ହୃଦୟରେ ଚିରଦିନ ପାଇଁ ସ୍ମୃତି ହୋଇ ରହିବ । ସେହିପରି ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ରବୀନ୍ଦ୍ର କୁମାର ମହାପାତ୍ର, ସମାଜ ବିଜ୍ଞାନ ଅଧ୍ୟାପକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ସ୍ନାତକୋତର



ପ୍ରଶିକ୍ଷିତ ଶିକ୍ଷୟିତ୍ରୀ ପ୍ରଥୁମିତା ବିଶ୍ୱାସ, ଚୁମ୍ନିନୀବାଳା ନାୟକ, ଶିକ୍ଷକ ଗୁରୁଦେବ ବାଦୀ, ଶିକ୍ଷା ବିଭାଗ ଡେମୋନଷ୍ଟ୍ରେଟର ଯତିନ୍ଦ୍ର ନାଥ ରାଉତ ପ୍ରମୁଖ ବିଦାୟୀ ଅଧ୍ୟାପକଙ୍କ ସମୟାନୁବର୍ତିତା କର୍ତବ୍ୟପରାୟଣତା, ଛାତ୍ର ବତ୍ସଳ ଗୁଣ ବିଷୟରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ମଧ୍ୟ ବିଦାୟୀ ଅଧ୍ୟାପକଙ୍କ ଗୁଣଗାନ କରିଥିଲେ । ବିଦାୟୀ ଅଧ୍ୟାପକ ଡ. ମୁରଲୀଧର ଶତପଥୀ ବିଦାୟୀ ଅଭିଭାଷଣରେ କହିଥିଲେ ଯେ, ଏହି ଅନୁଷ୍ଠାନଟିକୁ ଆମେ ନିଜର ପରିବାର ବୋଲି ଭାବିଥିଲୁ ଏବଂ ଜୀବନର ଶେଷ ପର୍ଯ୍ୟନ୍ତ ଏହାକୁ ନିଜର ପରିବାର ବୋଲି ମଧ୍ୟ ଭାବିବୁ । ସହକର୍ମୀମାନଙ୍କ ସହଯୋଗ, ସ୍ନେହ, ଶ୍ରଦ୍ଧା ତଥା ଛାତ୍ରଛାତ୍ରୀମାନଙ୍କ ଭଲପାଇବାକୁ କେବେ ଭୁଲି ହେବନାହିଁ । ବିଦାୟୀ ଅଧ୍ୟାପକ ମୃତ୍ୟୁଞ୍ଜୟ ମଣ୍ଡଳ କହିଥିଲେ ଯେ, ଅନୁଷ୍ଠାନର ପୂର୍ବତନ ସମ୍ପାଦକ, ପୂର୍ବତନ ବିଧାୟକ, କର୍ମଚ୍ଚରୀ, ଅଧ୍ୟାପିକା, ଅଧ୍ୟାପକ, ଅଧ୍ୟକ୍ଷା ତଥା ଛାତ୍ରଛାତ୍ରୀଙ୍କ ଭଲ ପାଇବା ମୋର ଚିରଦିନ ମନେ ରହିବ । ଅଧ୍ୟକ୍ଷା ଶ୍ରୀମତୀ ଦାଶ ବରିଷ୍ଠ ଅଧ୍ୟାପକଙ୍କ ବଳିଦାନ, ତ୍ୟାଗ ବିଷୟରେ ଆଲୋଚନା କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଅଧ୍ୟାପକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାରୋହରେ କଲେଜର ସମସ୍ତ କର୍ମଚାରୀ, ଅଧ୍ୟାପକ, ଅଧ୍ୟାପିକା ଛାତ୍ରଛାତ୍ରୀ ଉପସ୍ଥିତ ରହି ଅବସର ପ୍ରାପ୍ତ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ଭାରତ ଆଗରେ ୧୯୬ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ୱେଷ୍ଟଇଣ୍ଡିଜ

କୋଲକାତା : ଚଳିତ ଟି୨୦ ବିଶ୍ୱକପ କ୍ରିକେଟ ସୁପର ଏଇଟ ମୁକାବିଲରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ଭାରତ ସମ୍ମୁଖରେ ୧୯୬ ରନର ଲକ୍ଷ୍ୟ ରଖିଛି । ଟସ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବା ପାଇଁ ନିଷ୍ପତି ନେଇଥିଲା । ୱେଷ୍ଟଇଣ୍ଡିଜର ଟପ ଅର୍ଡର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ଅଧିନାୟକ ସାଇ ହୋପ ୩୨, ରୋଷ୍ଟନ ଚେଜ ୪୦, ଶିମ୍ରନ ହେଟମେୟର ୨୭ ଓ ଶେରଫାନେ ରଥରଫୋର୍ଡ ୧୪ ରନ କରି ଆଉଟ ହୋଇଥିଲେ । ଶେଷ ଭାଗରେ ରୋଭମ୍ୟାନ ପାୱେଲ ଓ ଜାସନ ହୋଲ୍ଡର ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ୱେଷ୍ଟଇଣ୍ଡିଜକୁ ସୁବିଧାଜନକ ସ୍ଥିତିରେ ପଂହଚାଇଥିଲେ । ପାୱେଲ ୧୯ ବଲରୁ ୩୪ ଓ ହୋଲ୍ଡର ୨୨ ବଲରୁ ୩୭ ରନ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ସବୁଠାରୁ ସଫଳ ବୋଲର ଭାବେ ଯଶପ୍ରୀତ ବୁମରାହ ୨ଟି ୱିକେଟ ନେଇଥିବା ବେଳେ ବରୁଣ ଚକ୍ରବର୍ତି ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ । ଭାରତ



ଗତ ମ୍ୟାଚରେ ଖେଳିଥିବା ଚୂଡାନ୍ତ ଏକାଦଶରେ ପରିବର୍ତନ କରି ନ ଥିଲା । ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ପରାଜିତ କଲେ ଭାରତ ସେମିରେ ପ୍ରବେଶ କରିବ ।

# ଆଇପିଏଲ୍ ୨୦୨୬ ଲାଗି ସିଏସକେ ଲଂଚ୍ କଲା ନୂଆ ଜର୍ସି



ମୁମ୍ବାଇ : ଆଇପିଏଲ୍ ୨୦୨୬ଲାଗି ଚେନ୍ନାଇ ସୁପର କିଙ୍ଗ୍ସ(ସିଏସକେ) ଟିମ୍ ନିଜ ନୂଆ ଜର୍ସି ଲଂଚ୍ କରିଛି । ୫ଥର ଆଇପିଏଲ୍ ତାଜ୍ ଜିତିଥିବା ଚେନ୍ନାଇ ସୁପର କିଙ୍ଗ୍ସ ଲିଗର ଆଗାମୀ ସିଜନ ପୂର୍ବରୁ ନିଜ ନୂଆ ଜର୍ସିର ଝଲକ ଦେଖାଇଛି । ସିଏସକେ ଶନିବାର ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ କରିଥିଲା, ଯେଉଁଥିରେ ରବିବାର ସକାଳ ୭ଟା ୭ରେ ଏକ ବଡ଼ ଘୋଷଣାର କଥା କହିଥିଲା । ଏହି ସମୟ ଏବଂ ନମ୍ବର ଫ୍ରାଂଚାଇଜ ଏମଏସ୍ ଧୋନୀଙ୍କ ସହ ଜଡ଼ିତ ହୋଇ ଅଛି । ସିଏସକେ ଏକ ଶାନଦାର୍ ଭିଡ଼ିଓ ଜାରି କରିଛି ଯାହା ଫ୍ୟାନ୍ସଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି । ଭିଡ଼ିଓରେ ନୂଆ ସିଜନ ପୂର୍ବରୁ ସିଏସକେ କ୍ୟାମ୍ପରେ ଧୋନୀ ଆସିବାର ସୂଚନା ଦେଇଛି ଏବଂ ଫ୍ରାଂଚାଇଜର ଆଇପିଏଲ୍ ୨୦୨୬ ଜର୍ସିର ପ୍ରଥମ ଝଲକ ବି ଦେଖାଯାଇଛି । ୨୦୨୬ର ଜର୍ସି ସିଏସକେର ପରିଚୟ କରି ରଖିଛି । ଏହାସହ ଏଥିରେ ଅଳ୍ପ ଡିଜାଇନ୍ ଅପଡେଟ୍ ବି କରାଯାଇଛି । ସିଏସକେର କ୍ରେଷ୍ଟ ଉପରେ ୫ଷ୍ଟାର୍ ରହିଛି । ଯାହା ଫ୍ରାଂଚାଇଜର ୫ଆଇପିଏଲ୍ ତାଜ୍ ଜିତିବା ଦେଖାଇଛି । ଯଦି ଆମେ ପୂର୍ବ ସିଜନ କଥା ଦେଖିବା ତେବେ ସିଏସକେର ପ୍ରଦର୍ଶନ ଖରାପ ରହିଥିଲା । ଟିମ୍ ୧୪ମ୍ୟାଚରୁ ୧୦ଟି ପରାଜିତ ଏବଂ ୪ରେ ବିଜୟୀ ସହ ତାଲିକାରେ ସବୁଠାରୁ ତଳେ ଥିଲା । ୨୦୨୬ସିଜନ ପୂର୍ବରୁ ସିଏସକେ ଟିମ୍ ରେ କିଛି ବଡ଼ ପରିବର୍ତନ କରିଛି । ରବିନ୍ଦ୍ର ଜାଡେଜା ଏବଂ ସ୍ୟାମ୍ କୁରେନ ଏବେ ଟିମର ଭାଗିଦାରୀ ନାହାନ୍ତି । ୱିକେଟକିପର ବ୍ୟାଟର ସଞ୍ଜୁ ସ୍ୟାମସନଙ୍କୁ ଟିମ୍ ସହ ଯୋଡ଼ି ହୋଇଛନ୍ତି । ସିଏସକେ ପ୍ରଶାନ୍ତ ବୀର ଏବଂ କାର୍ତ୍ତିକ ଶର୍ମାଙ୍କ ଭଳି ଯୁବକଙ୍କୁ ଟିମରେ ସାମିଲ୍ କରିଛି ।

# ଏସିଆନ ବକ୍ସିଂ ଚାମ୍ପିଅନସିପ୍ ଭାରତର ନେତୃତ୍ୱ ନେବେ ଲଭ୍‌ଲିନା, ଜରିନ

ନୂଆଦିଲ୍ଲୀ : ମଙ୍ଗୋଲିଆ ଠାରେ ଆସନ୍ତା ମାର୍ଚ୍ଚ ୨୮ରୁ ଏପ୍ରିଲ ୧୧ ତାରିଖ ମଧ୍ୟରେ ଏସିଆନ ବକ୍ସିଂ ଚାମ୍ପିଅନସିପ୍ ଆୟୋଜିତ ହେବ । ଏଥିପାଇଁ ଆଜି ୨୦ ଜଣିଆ ଭାରତୀୟ ଦଳ (ପୁରୁଷ, ମହିଳା) ଘୋଷଣା ହୋଇଛି । ଅଲିମ୍ପିକ୍ ପଦକ ବିଜୟିନୀ ଲଭ୍ଲିନା ବୋର୍ଗୋହେଁ ଓ ଦୁଇ ଥର ବିଶ୍ୱ ଚାମ୍ପିଅନ୍ ନିଖତ୍ ଜରିନ ଦଳର ନେତୃତ୍ୱ ନେବେ । ପଟିଆଲାରେ ଆୟୋଜିତ ଚୟନ ପ୍ରତିଯୋଗିତାର ପ୍ରଦର୍ଶନକୁ ଆଧାର କରି ଏହି ଦଳ ଚୟନ କରାଯାଇଛି । ମନୋନୀତ ବକ୍ସରମାନେ ଜାତୀୟ ଶିବିରରେ ଯୋଗ ଦେଇଛନ୍ତି । ଚୟନ ପ୍ରତିଯୋଗିତାରେ ଗତ ଏସିଆନ୍ ବକ୍ସିଂ ଚାମ୍ପିଅନସିପ୍ (୨୦୨୬) ର ଫାଇନାଲିଷ୍ଟଙ୍କୁ ସିଧାସଳଖ ଦଳରେ ସାମିଲ କରାଯାଇଥିଲା । ଜାତୀୟ ଶିବିରରେ ମୁଖ୍ୟ କୋଚ୍ ସାଂଟିଆଗୋ ନିଏଭା ଓ ସିଏ କୁଟାପ୍ପାଙ୍କ ଅଧିନରେ ବକ୍ସରମାନେ ପ୍ରଶିକ୍ଷଣ ନେଉଛନ୍ତି । ଚଳିତ ବର୍ଷ ବକ୍ସାମ ଏଲିଟ୍ (ସ୍ପେନ୍) ଟୁର୍ଣ୍ଣାମେଂଟରେ ଭାରତୀୟ ବକ୍ସର ମୋଟ ୯ଟି ସ୍ୱର୍ଣ୍ଣ



ପଦକ ଜିତିଥିଲେ । ମହିଳା: ମୀନାକ୍ଷୀ (୪୮କିଲୋ), ନିଖତ ଜରିନ (୫୧କିଲୋ), ପ୍ରୀତି (୫୪କିଲୋ), ଯସ୍ମିନ (୫୭କିଲୋ), ପ୍ରିୟା (୬୦କିଲୋ), ଅଙ୍କୁଶିତା ବୋରୋ (୬୫କିଲୋ), ଅରୁନ୍ଧତୀ ଚୌଧୁରୀ (୭୦କିଲୋ), ଲଭ୍ଲିନା ବୋର୍ଗୋହେଁ (୭୫କିଲୋ), ପୂଜା ରାଣୀ (୮୦କିଲୋ), ଆଲଫିୟା (+୮୦କିଲୋ) । ପୁରୁଷ: ବିଶ୍ୱନାଥ ସୁରେଶ (୫୦କିଲୋ), ଯଦୁମଣି ସିଂହ (୫୫କିଲୋ), ସଚିନ (୬୦କିଲୋ), ଆଦିତ୍ୟ ପ୍ରତାପ ଯାଦବ (୬୫କିଲୋ), ଦୀପକ (୭୦କିଲୋ), ଆକାଶ (୭୫କିଲୋ), ଅଙ୍କୁଶ (୮୦କିଲୋ), ଲୋକେଶ (୮୫କିଲୋ), ହର୍ଷ ଚୌଧୁରୀ (୯୦କିଲୋ), ନରେନ୍ଦର (+୯୦କିଲୋ) ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**